

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୮ ଏପ୍ରିଲ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 18 APRIL 2024
Vol.No. 35 ■ No.104 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ପାଇଁ ପ୍ରଚାର ଶେଷ



ନୂଆଦିଲ୍ଲୀ, ୧୭/୪ : ଲୋକସଭା ନିର୍ବାଚନ ୨୦୨୪ର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଆସନ୍ତା ୧୯ ତାରିଖରେ ହେବ । ଏଥିପାଇଁ ପ୍ରଚାର ବୁଧବାର ସନ୍ଧ୍ୟା ୬ଟାରେ ଶେଷ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧୯, ୨୦୨୪ରେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ମିଶାଇ ୨୧ଟି ନିର୍ବାଚନ ମଣ୍ଡଳୀରେ ମୋଟ ୧୦୨ଟି ଆସନରେ ମତଦାନ ହେବ। ଏହି ସମୟ ମଧ୍ୟରେ ଅରୁଣାଚଳ ପ୍ରଦେଶରେ ୨, ଆସାମରେ ୫, ବିହାରରେ ୪, ଛତିଶଗଡ଼ରେ ୧, ମଧ୍ୟପ୍ରଦେଶରେ ୬, ମହାରାଷ୍ଟ୍ରରେ ୫, ମଣିପୁରରେ ୨, ମେଘାଳୟରେ ୨, ମିଜୋରାମରେ ୧, ନାଗାଲାଣ୍ଡରେ ୧, ରାଜସ୍ଥାନରେ ୧୨, ସିକିମରେ ୧, ତାମିଲନାଡୁରେ ୩୯, ତ୍ରିପୁରାରେ ୧, ଉତ୍ତରପ୍ରଦେଶରେ ୮, ଉତ୍ତରାଖଣ୍ଡରେ ୫, ପଶ୍ଚିମବଙ୍ଗରେ ୩, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଗୋଟିଏ ରହିଛି। ଜମ୍ମୁ-କଶ୍ମୀରର ଗୋଟିଏ, ଲାକ୍ଷାଦ୍ୱୀପର ଗୋଟିଏ ଓ ପୁଡୁଚେରୀର ଗୋଟିଏ ଆସନରେ ମତଦାନ ହେବ। ଆଜି ସମସ୍ତ ପ୍ରମୁଖ ରାଜନୈତିକ ଦଳ ରାଲି-ରୋଡ୍ ସୋ ଓ ଜନସଭା ମାଧ୍ୟମରେ ପଡ଼ିଆରେ ପୂରା ଶକ୍ତି ପ୍ରଦର୍ଶନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆସାମର ନଲବାରୀରେ ପହଞ୍ଚି ଏକ ରାଲିରେ ଉଦବୋଧନ ଦେଇଥିଲେ । କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ଏବଂ ସପା ମୁଖ୍ୟ ଅଖିଳେଶ ଯାଦବ ମିଳିତ ଭାବେ ଦିଲ୍ଲୀ ନିକଟସ୍ଥ ଉତ୍ତରପ୍ରଦେଶର ଗାଜିଆବାଦରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ ଏବଂ ଏହି ସମୟରେ ସେମାନେ ବିଜେପି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟାର୍ଗେଟ କରିଥିଲେ।

## ଜୁଲାଇ ୭ରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା



ପୁରୀ, ୧୭/୪ (ନି.ପ୍ର): ଆସନ୍ତା ଜୁଲାଇ ୭ ତାରିଖରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା। ଚଳିତ ବର୍ଷ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମାପନ ଲାଗି ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗତକାଲି ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ନିର୍ବାଚନ ଥିବାରୁ ଆଦର୍ଶ ଆଚରଣ ବିଧିକୁ ଗୁରୁତ୍ୱର ସହ ନେଇ କାମ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଆଇନ ଶୃଙ୍ଖଳା ,ପାର୍କିଂ, ଟ୍ରାଫିକ ନିୟନ୍ତ୍ରଣ ସହ ନୀତିକାନ୍ତି ଶୃଙ୍ଖଳିତ କରିବା ଉପରେ ବୈଠକରେ ଆଲୋଚନା ହୋଇଛି। ଅନ୍ୟପକ୍ଷରେ ପ୍ରଭୁଙ୍କ ନବଯୌବନ ,ନେତ୍ରୋତ୍ସବ ଓ ରଥଯାତ୍ରା ଗୋଟିଏ ଦିନରେ ପଡୁଥିବାରୁ ତା ଉପରେ ବି ଆଲୋଚନା ହୋଇଛି। ଅନ୍ୟପଟେ ଗତବର୍ଷ ରଥଯାତ୍ରାରେ ହୋଇଥିବା ତ୍ରୁଟି ବିଚ୍ୟୁତି ଓ ସମସ୍ୟାକୁ ସୁଧାରି ସମସ୍ତ ବିଭାଗକୁ କାମ କରିବାକୁ ପରାମର୍ଶ ଦେଇଛନ୍ତି ଜିଲ୍ଲାପାଳ।ଅକ୍ଷୟ ତୃତୀୟା ଠାରୁ ସୁନାବେଶ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ନୀତି କାନ୍ତି, ଜନଗହଳି ନିୟନ୍ତ୍ରଣ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ଓ ପରିମଳ ସହ ଆଇନ ଶୃଙ୍ଖଳା ନେଇ ପ୍ରସ୍ତୁତି ବୈଠକରେ ଆଲୋଚନା ହୋଇଛି।

## ରାଜଧାନୀରେ ଫୁଟିଲା ଗୁଳି: ବିଚ୍ ରାସ୍ତାରେ ଏଏସ୍ଆଇଙ୍କୁ ହତ୍ୟା

ନୂଆଦିଲ୍ଲୀ, ୧୭/୪ : ରାଜଧାନୀରେ ଫୁଟିଲା ଗୁଳି। ବିଚ୍ ରାସ୍ତାରେ ଏଏସ୍ଆଇଙ୍କ ଉପରକୁ ହେଲା ଘନ ଘନ ଗୁଳିମାଡ। ଘଟଣାସ୍ଥଳରେ ହିଁ ଟଳି ପଡିଲେ ପୁଲିସ ଏଏସ୍ଆଇ। ସେହିପରି ଆଉ ଜଣେ ଆହତ ହୋଇଛନ୍ତି। ଏହି ଘଟଣା ପରେ ଅଭିଯୁକ୍ତ ଜଣକ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ମଙ୍ଗଳବାର ଦିନ ପ୍ରାୟ ୧୧ଟା ୪୫। ଦିଲ୍ଲୀର ମିତ୍ ନଗର ସ୍ଥିତ ଓଭରବ୍ରିଜ୍‌ରେ ହଠାତ୍ ହୋଇଥିଲା ଗୁଳିମାଡ। ବ୍ୟସ୍ତ ବହୁଳ ରାସ୍ତା ଉପରେ ଦିଲ୍ଲୀ ପୁଲିସରେ କାର୍ଯ୍ୟରତ ଥିବା ଏଏସ୍ଆଇ ଦିନେଶ ଶର୍ମା ବାଇକ୍‌ରେ ଯାଉଥିବା ବେଳେ ତାଙ୍କ ଉପରକୁ ଗୁଳିମାଡ ହୋଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ସେ ଟଳି ପଡିଥିଲେ। ପରେ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସେହିପରି ଅଭିଯୁକ୍ତ ଜଣକ ସ୍କୁଟିରେ ଆସୁଥିବା ୩୦ ବର୍ଷୀୟ ଆମିତ କୁମାର ନାମକ ଜଣେ ଯୁବକଙ୍କ ଉପରକୁ ମଧ୍ୟ ଗୁଳିମାଡ କରିଥିଲେ। ଏଥିରେ ସେ ଗୁରୁତର ଥିବା ସୂଚନା ମିଳିଛି। ପୁଲିସ କହିବା ମୁତାବକ, ଦୁଇ ଜଣଙ୍କ ଉପରକୁ ଗୁଳିମାଡ କରିଥିବା ଅଭିଯୁକ୍ତ ଜଣକ ହେଉଛନ୍ତି ୪୪ ବର୍ଷୀୟ ମୁକେଶ କୁମାର। ଗୁଳିମାଡ ପରେ ମୁକେଶ ଏକ ଅଟୋ ରିକ୍ସା ଅଟକାଇ ସେଥିରେ ଜୋର ଜବରଦସ୍ତ ବସି ଯାଇଥିଲେ। ତେବେ ଅଟୋ ଡ୍ରାଇଭର ମୁକେଶଙ୍କୁ ଏଥିପାଇଁ ବାରଣ କରିବା ପରେ ସେ ତାଙ୍କ ଉପରକୁ ମଧ୍ୟ ଗୁଳିମାଡ କରିଥିଲେ। କିନ୍ତୁ ଡ୍ରାଇଭର ଜଣକ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ପରେ ମୁକେଶ ନିଜକୁ ନିଜେ ଗୁଳିମାଡ କରି ଆତ୍ମହତ୍ୟା କରିଥିବା କୁହାଯାଉଛି। ଅଟୋ ଭିତରୁ ପୁଲିସ ୭.୬୫ ଏମଏମ୍‌ର ଏକ ବନ୍ଧୁକ ଜବତ କରିଛି। ଏଥିସହ ଓଭରବ୍ରିଜ ଉପରୁ ଅନେକ ଜୀବନ୍ତ ଗୁଳି ମଧ୍ୟ ଉଦ୍ଧାର ହୋଇଛି। ତେବେ ଅଭିଯୁକ୍ତ ମୁକେଶ କାହିଁକି ଏଭଳି ଗୁଳିମାଡ କଲେ ସେ ନେଇ କୌଣସି ସୂଚନା ମିଳିନାହିଁ। ପୁଲିସ ହତ୍ୟା ମାମଲା ରୁଜୁ କରି ପୂରା ଘଟଣାର ତଦନ୍ତ ଜାରି ରଖିଛି।

## ପଶ୍ଚିମ ଓଡ଼ିଶାକୁ ବାରମ୍ବାର ଧୋକା ଦେଇଛନ୍ତି ନବୀନ : ବିରୋଧୀ



ଭୁବନେଶ୍ୱର, ୧୭/୦୪ (ନି.ପ୍ର): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କଣ୍ଟାବାଞ୍ଜିରୁ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା ହେବାପରେ ବିରୋଧୀ ଦଳ କଡ଼ା ସମାଲୋଚନା କରିଛନ୍ତି । ନବୀନ ଆତ୍ମବିଶ୍ୱାସ ହରାଇସାରିଛନ୍ତି । ପଶ୍ଚିମଓଡ଼ିଶାବାସୀଙ୍କୁ ବାରମ୍ବାର ଧୋକା ଦେଇ ଏବେ ପୁଣିଥରେ ଧୋକା ଦେବାକୁ ପ୍ରୟାସ କରୁଛନ୍ତି । ଲୋକେ ତାଙ୍କୁ ଉଚିତ୍ ଜବାବ ଦେବେ ବୋଲି ଉଭୟ ବିଜେପି ଓ କଂଗ୍ରେସ କହିଛି। କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର ପଶ୍ଚିମଓଡ଼ିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କରିଛନ୍ତି । କଣ୍ଟାବାଞ୍ଜି ଜିତିଲା ପରେ ସେ ଏହି ଆସନ ଛାଡ଼ିଦେବେ ବୋଲି ଜଣାପଡୁଛି । ପୂର୍ବରୁ ବିଜେପୁରକୁ ଜିତି ସେହି ଆସନକୁ ଛାଡ଼ିଦେଇଥିଲେ । ତେଣୁ ଲୋକେ ଏଥର ତାଙ୍କୁ ସ୍ଥାନୀୟ ଲୋକେ ଉଚିତ୍ ଜବାବ ଦେବେ। ସେହିପରି ବିଜେପିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମ ଓଡ଼ିଶାବାସୀଙ୍କୁ ବାରମ୍ବାର ଧୋକା ଦେଇଛନ୍ତି । ହାଇକୋର୍ଟ ସ୍ପେଶିଆଲ ବେଂଚ ପ୍ରତିଷ୍ଠାଠାରୁ ଆରମ୍ଭ କରି ନୂତନ ଜିଲ୍ଲା ଘୋଷଣା, କଟନୀ ଛଟନୀ ଓ ଧାନର ଅଭାବୀ ବିକ୍ରୀ, ଧାନ କ୍ୱିଂଟାଲ ପ୍ରତି ୧୦୦ଟଙ୍କା ବୋନସର ପ୍ରତିଶ୍ରୁତି ଦେଇ ପାଳନ ନକରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଆବଂଟନ ନହେବା ,ବରଗଡ଼ଠାରେ ସିମେଂଟ ଓ ଚିନି କାରଖାନା ବନ୍ଦ ହେବା ଆଦି ପ୍ରସଙ୍ଗ ପାଇଁ ମୁଖ୍ୟମନ୍ତ୍ରୀ ଏବଂ ଶାସକ ବିଜେଡି ସଂପୂର୍ଣ୍ଣ ଦାୟୀ । ଏପରିକି ବିଜେପୁରରୁ ବିଧାୟକ ଭାବେ ମଧ୍ୟ ନିର୍ବାଚିତ କରାଇ ବିଧାନସଭାକୁ ପଠାଇଥିଲେ । ନିର୍ବାଚନ ଜିତିବା ପରେ ସେହି ଆସନକୁ ଛାଡ଼ିଦେଇଥିଲେ । ନବୀନ ବାବୁଙ୍କ ଭେଳିକି ଓ ▶▶ପୃଷ୍ଠା ୭

## ମାଓ କ୍ୟାମ୍ପ ଧ୍ୱଂସ: ବିପୁଳ ମାଓ ସାମଗ୍ରୀ ଜବତ

ଭୁବନେଶ୍ୱର, ୧୭/୪ (ନି.ପ୍ର): ଝାଡ଼ଖଣ୍ଡ ଗୋଲକେରା ଥାନା ଟେନଟ ଜଙ୍ଗଲରେ ମାଓ କ୍ୟାମ୍ପ ଠାବ ହୋଇଛି । ବିଷାକ୍ତ ଲେପ ଥିବା ୨୧ଟି ତାର ୨.୫ କେଜି ଗନ୍ ପାଉଡର, ୫ କେଜି ଆମୋନିଆ ନାଇଟ୍ରାଡ ପାଉଡର, ଅନ୍ୟ ମାଓ ସାମଗ୍ରୀ ଜବତ ହୋଇଛି । ସୁରକ୍ଷା ବାହିନୀର କମ୍ବିଂ ଅପରେସନ ପରେ ମାଓବାଦୀ ମାନେ ଛତ୍ରଭଙ୍ଗ ଦେଇଥିଲେ । ଏହାପରେ ସୁରକ୍ଷା ବାହିନୀ ପକ୍ଷରୁ ଜୋରଦାର କମ୍ବିଂ ଜାରି ରହିଛି ।

## ଦୁବାଇରେ ପ୍ରବଳ ଝଡ଼-ବର୍ଷା: ଭାରତର ୨୮ଟି ବିମାନ ବାତିଲ୍

ନୂଆଦିଲ୍ଲୀ, ୧୭/୪ : ମଧ୍ୟ ପୂର୍ବର ଆର୍ଥିକ କେନ୍ଦ୍ର ଦୁବାଇରେ ପ୍ରବଳ ବର୍ଷା ଓ ଝଡ଼ କାରଣରୁ ସାଧାରଣ ଜୀବନଯାପନ ବାଧାପ୍ରାପ୍ତ ହୋଇଛି। ଗୋଟିଏ ଦିନରେ ଏପରି ବର୍ଷା ହୋଇଛି ଯେ, ଚାରିଆଡ଼େ କେବଳ ପାଣି ହିଁ ପାଣି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତର ୨୮ଟି ବିମାନକୁ ବାତିଲ୍ କରାଯାଇଛି। ରିପୋର୍ଟ ଅନୁସାରେ, ଦୁବାଇ ଏୟାରପୋର୍ଟରୁ ଉଡାଣ ଭରିବାକୁ ଥିବା ଏବଂ ଏଠାକୁ ଯାତ୍ରା କରିବାକୁ ଥିବା ୫୦୦ରୁ ଅଧିକ ବିମାନ ପଥ ପରିବର୍ତ୍ତନ କିମ୍ବା ବାତିଲ୍ କରାଯାଇଛି। ସେଥି ମଧ୍ୟରୁ ଭାରତରୁ ଯାତ୍ରା କରିବାକୁ ଥିବା ଏବଂ ଭାରତରୁ ଉଡ଼ାଣ ଭରିବାକୁ ଥିବା ମୋଟ ୨୮ଟି ବିମାନ ରହିଛି, ଯାହା ସମ୍ପୂର୍ଣ୍ଣ ରୂପେ ବାତିଲ୍ ହୋଇଯାଇଛି। ଭାରତୀୟ ବିମାନ ▶▶ପୃଷ୍ଠା ୭

## ଛତିଶଗଡରେ ମାଓ ଅପରେସନ: ସିଲ ହେଲା ଓଡିଶା ଛତିଶଗଡ଼ ସୀମା

ଭୁବନେଶ୍ୱର, ୧୭/୪ (ନି.ପ୍ର): ଛତିଶଗଡରେ ମାଓ ଅପରେସନ ପରେ ଓଡିଶା-ଛତିଶଗଡ ସୀମାନ୍ତ ସିଲ୍ କରାଯାଇଛି । ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ନୂଆପଡା ସୀମା ସିଲ କରାଯାଇଛି । ସୀମାକୁ ସଂଯୋଗ କରୁଥିବା ରାସ୍ତା ଗୁଡିକ ମଧ୍ୟ ସିଲ କରାଯାଇଛି । ମାଓବାଦୀଙ୍କ ସମ୍ଭାବ୍ୟ କ୍ୟାମ୍ପ ଉପରେ ନଜର ରହିବା ସହ ଚାଲିଛି ସର୍ଚ୍ଚ ଅପରେସନ । ଏହାକୁ ଲକ୍ଷ୍ୟ ରଖି ଓଡ଼ିଶା ସହ ଛତିଶଗଡ ପୋଲିସର ଗୁଇନ୍ଦା ତଥ୍ୟ ଆଦାନ ପ୍ରଦାନ ଚାଲିଛି। ଛତିଶଗଡ ମାଓବାଦୀ ଓଡ଼ିଶା ଆସିବାର ସମ୍ଭାବନା ରହିଛି।

## ଆହୁରି ୪ ଦିନ କଳବଳ ହେବ ଅଧା ଓଡ଼ିଶା !



ଭୁବନେଶ୍ୱର, ୧୭/୦୪ (ନି.ପ୍ର): ଗତକାଲି ପରି ଆଜି ଅସମ୍ଭାଳ ହୋଇଛି ତାତି। କଳବଳ ହୋଇଛି ଅଧା ଓଡ଼ିଶା। ଘରେ ରହିହେଉନି କି ଘରୁ ବାହାରି ହେଉନି। ଭୟଙ୍କର ଗରମ ଓ ଗୁଳୁଗୁଳି ଯୋଗୁ ଅସ୍ତବ୍ୟସ୍ତ ହୋଇଛି ଜୀବନ। ଏମିତିକା ଭୟଙ୍କର ତାତି ଆହୁରି ୪ ଦିନ ପର୍ଯ୍ୟନ୍ତ ଲାଗି ରହିବାର ସମ୍ଭାବନା ରହିଛି। ସେଥିପାଇଁ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଗୁରୁବାର ମୟୂରଭଞ୍ଜ, ନୟାଗଡ଼, ଗଜପତି ଓ ନୂଆପଡ଼ା ଜିଲ୍ଲାରେ କେତେକ ସ୍ଥାନରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ଜାରି ହେବାର ସମ୍ଭାବନା ରହିଛି। ▶▶ପୃଷ୍ଠା ୭

## କଳବଳ କରୁଛି ତାତି: ଆଜିଠୁ ସ୍କୁଲ ଛୁଟି

ଭୁବନେଶ୍ୱର, ୧୭/୦୪ (ନି.ପ୍ର): ଉପକୂଳଠୁ ଆରମ୍ଭ କରି ପଶ୍ଚିମ ତଥା ଆଭ୍ୟନ୍ତରୀଣ ଓଡ଼ିଶା ସବୁଠି ଲୋକେ ଗ୍ରୀଷ୍ମ ପ୍ରବାହରେ ଛଟପଟ ହେଉଛନ୍ତି। ସକାଳ ୮ଟା ପରେ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ସପ୍ତାହେ ହେଲାଣି ଏଭଳି ଅବସ୍ଥା ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। ଖରାକୁ ଦେଖି ଆସନ୍ତା ୩ ଦିନ ଯାଏ ସରକାରୀ ଓ ▶▶ପୃଷ୍ଠା ୭

## ଡ. ଭାଗବତ ବେହେରାଙ୍କ ଲିଖିତ ଦୁଇଗୋଟି ପୁସ୍ତକ ସପ୍ତଦଶନ୍ଧିର ଜୀବନ ଓ କୈକେୟୀ ଉପନ୍ୟାସ ଲୋକାର୍ପିତ



ବାଲେଶ୍ୱର: ଆଜି ହୋଟେଲ ଟପ୍ ଟେଷ୍ଟି (ଫାଣ୍ଟାସିରେ) ଇଂ ଭାଗବତ ବେହେରାଙ୍କ ଲିଖିତ ଦୁଇଗୋଟି ପୁସ୍ତକ (ସପ୍ତଦଶନ୍ଧିର ଜୀବନ ଓ କୈକେୟୀ ଉପନ୍ୟାସ ଲୋକାର୍ପିତ ହୋଇଯାଇଛି । ଉକ୍ତ ଉତ୍ସବରେ ସଭାପତିତ୍ୱ କରିଥିଲେ ଡ. ରମାକାନ୍ତ ବେହେରା। ସେ କହିଥିଲେ ଯେ ଡ. ଭାଗବତ ବେହେରାଙ୍କ ପରି ଅନେକ ନିଜ ନିଜର ଆତ୍ମ ଜୀବନୀ ଲେଖିବା ଦରକାର। ଆତ୍ମ ଜୀବନୀ ସାହିତ୍ୟ ଜଗତରେ ଏକ ଅତ୍ୟନ୍ତ ଉପାଦେୟ ସୃଷ୍ଟି। ଡ. ବେହେରା ଅନେକ ଲୋକପ୍ରିୟ ଆଧାତ୍ମିକ ଉପନ୍ୟାସ ରଚନା କରିଛନ୍ତି । ଏ ଆତ୍ମଜୀବନୀ ମଧ୍ୟ ତାଙ୍କର ବେଶ୍ ଲୋକପ୍ରିୟ ହେବ । ଅତିଥି ଭାବରେ ଯୋଗ ଦେଇ ଡ. ବଂଶୀଧର ଚୌଧୁରୀ ଓ ଶ୍ରୀମତୀ ସୈରିନ୍ଧ୍ରୀ ସାହୁ କହିଥିଲେ ଯେ ଭାଗବତ ସାରଙ୍କ ସାହିତ୍ୟ କୃତୀ ସମଗ୍ର ଓଡ଼ିଶାକୁ ଦିଗଦର୍ଶନ ଦେଉଛି ଓ ଦେବ ମଧ୍ୟ। ତାଙ୍କ ଆଧାତ୍ମ ଚେତନା ସମ୍ବଳିତ ଉପନ୍ୟାସ ତଥା ଆଲୋଚନା ପୁସ୍ତକ ମାନ ବେଶ୍ ପାଠକୀୟ ଶ୍ରଦ୍ଧା ସାଉଁଟି ପାରିଛି ସମସ୍ତଙ୍କ ନିକଟରେ। ତାଙ୍କ ଆତ୍ମ ଜୀବନୀ ମଧ୍ୟ ସେମିତି ଲୋକପ୍ରିୟ ହେବ ନିଶ୍ଚୟ ସମସ୍ତଙ୍କ ନିକଟରେ । ଆତ୍ମ ଜୀବନୀକୁ ଆଲୋଚନା କରି ଡ. ରାଧାରଞ୍ଜନ ପଟ୍ଟନାୟକ କହିଥିଲେ, ଆତ୍ମ ଜୀବନୀ ଏକ ନିଆରା ସାହିତ୍ୟ । ସାରଙ୍କ ଆତ୍ମଜୀବନ ଏକ ବାସ୍ତବତା ନଥିପତ୍ର। ଏହା ସମସ୍ତଙ୍କ ମନକୁ ଛୁଇଁବ । ଡ. ଶିରୀଷ ଚନ୍ଦ୍ର ଜେନା ଉପନ୍ୟାସ 'କୈକେୟୀ'ର ଆଲୋଚନା କରି କହିଥିଲେ ରାମାୟଣଗ୍ରନ୍ଥର ଚରିତ୍ର 'କୈକେୟୀ'କୁ ଏକ ସକାରାତ୍ମକ ଚରିତ୍ର ରୂପଦେଇ ଡ. ବେହେରା ଉପନ୍ୟାସଟିକୁ ଏମିତି ମନଛୁଆଁ ତଥା ହୃଦୟସ୍ପର୍ଶୀ କରିଛନ୍ତି ଯେ ପାଠକ ଏହାକୁ ପଢ଼ିବାକୁ ଆରମ୍ଭ କଲେ ଶେଷ ନକରି ରହି ପାରିବେ ନାହିଁ । ବାସ୍ତବରେ ବିନା କୈକେୟୀରେ ରାମାୟଣ ସୃଷ୍ଟି ଯେ ସମ୍ଭବ ହୋଇ ନଥାନ୍ତା, ଏହା ଡ. ବେହେରା ପ୍ରମାଣ କରିଦେଇଛନ୍ତି । ଡ. ପ୍ରଦୀପ କୁମାର ମିଶ୍ର ଅତିଥି ମାନଙ୍କର ପରିଚୟ ପ୍ରଦାନ, ଧନ୍ୟବାଦ ଅର୍ପଣ ଆଦିର କାର୍ଯ୍ୟକୁ ଅତ୍ୟନ୍ତ ସୁନ୍ଦର ଭାବରେ ପରିଚାଳନା କରିଥିଲେ । ପୁସ୍ତକର ପ୍ରକାଶ ଶ୍ରୀଯୁକ୍ତ ଗଜେନ୍ଦ୍ର ବେହେରା ତାଙ୍କର ପ୍ରକାଶକୀୟ ମନ୍ତବ୍ୟ ଦେବା ସଙ୍ଗେ ସଙ୍ଗେ ପୁସ୍ତକର ଲେଖକ ଡ. ବେହେରା କାହିଁକି ନିଜ ଆତ୍ମଜୀବନୀ ଲେଖିଲେ ସେ ସମ୍ପର୍କରେ ବେଶ୍ କେଇପଦ ବାସ୍ତବ କଥା ଉପସ୍ଥାପନା କରିଥିଲେ ।

## ଆଉ ୯ ଆସନରେ ପ୍ରାର୍ଥୀ ଘୋଷଣା କଲା ବିଜେଡି: ପ୍ରସନ୍ନଙ୍କ ସିଟ୍ ବଦଳିଲା



ଭୁବନେଶ୍ୱର, ୧୭/୦୪ (ନି.ପ୍ର): ବିଜେଡି ଆଜି ଆଉ ୯ ଜଣ ବିଧାୟକ ପ୍ରାର୍ଥୀଙ୍କ ତାଲିକା ଘୋଷଣା କରିଛି। ପଞ୍ଚମ ପର୍ଯ୍ୟାୟ ବିଧାନସଭା ତାଲିକାରେ ନବୀନ ପଟ୍ଟନାୟକଙ୍କ ସମେତ ପ୍ରଥମ ପର୍ଯ୍ୟାୟ ମତଦାନ ନିମନ୍ତେ ବାକି ଥିବା ଜୟପୁର, ଚିତ୍ରକୋଣ୍ଡା ଆସନ ପାଇଁ ବି ପ୍ରାର୍ଥୀ ଘୋଷଣା ହୋଇଛି। ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ସମ୍ବଲପୁରରୁ ଲଢ଼ିବାକୁ ଅନିଚ୍ଛା ପ୍ରକାଶ କରିବା ପରେ ତାଙ୍କୁ ରେଢାଖୋଲ ଓ ସେଠାରେ ପ୍ରାର୍ଥୀ ଥିବା ରୋହିତ ପୂଜାରୀଙ୍କୁ ସମ୍ବଲପୁର ଆସନରୁ ପ୍ରାର୍ଥୀ କରିଛି ଦଳ। ଏହା ସହିତ ବିଜେଡି ମୋଟ ୧୨୬ଟି ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରିଛି। ଗତଥର ଭଳି ନବୀନଙ୍କୁ ପଶ୍ଚିମ ଓଡ଼ିଶାର କଣ୍ଟାବାଂଜିରୁ ବିଜେଡି ପ୍ରାର୍ଥୀ କରି ପଶ୍ଚିମ ଓଡ଼ିଶା ଭୋଟକୁ ହାତେଇବାକୁ ଲକ୍ଷ୍ୟ ରଖିଛି। ନବୀନଙ୍କ ଘୋଷଣା ଅନୁସାରେ ଜୟପୁରରୁ ରବି ନନ୍ଦଙ୍କ ପତ୍ନୀ ଇନ୍ଦିରା ନନ୍ଦ, ଚିତ୍ରକୋଣ୍ଡାରୁ ଲକ୍ଷ୍ମୀପ୍ରିୟା ନାୟକ, ସାନଖେମୁଣ୍ଡିରୁ ରାଣୀ ନନ୍ଦିନୀ ଦେବୀଙ୍କ ଝିଅ ସୁଲକ୍ଷଣା ଗୀତାଞ୍ଜଳୀ ଦେବୀ , ପଦ୍ମପୁରରୁ ବର୍ଷା ସିଂ ବରିହା, କୁଚିଣ୍ଡାରୁ ରାଜେନ୍ଦ୍ର ଛତରିଆ, ଦେବଗଡ଼ରୁ ଅରୁନ୍ଧତି କୁମାରୀ ଦେବୀ, ▶▶ପୃଷ୍ଠା ୭

# କାଳିମେଳା ବ୍ଲକ ଓ ପଡିଆ ବ୍ଲକର ୧୦୦ରୁ ଊର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ ସକ୍ରିୟ କାର୍ଯ୍ୟକର୍ତା ବିଜୁ ଜନତା ଦଳରେ ସାମିଲ

ମାଲକାନଗିରି, ୧୭/୪ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଆହୁରି ସୁଦୃଢ଼ ହୋଇଛି ବିଜୁ ଜନତା ଦଳ। ମାଲକାନଗିରି ନିର୍ବାଚନ ମଣ୍ଡଳୀର କାଳିମେଳା ଓ ପଡିଆ ବ୍ଲକ ର ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ଦଳ ଛାଡି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଆଜି ଅନୁଷ୍ଠିତ ବିଜୁ ଜନତା ଦଳର ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ସ୍ୱଚ୍ଛ ନୀତି ଆଦର୍ଶ ରେ ଅନୁପ୍ରାଣିତ ହୋଇ 'ନବୀନ ଓଡ଼ିଶା' ଗଠନ ଦିଗରେ ଏକାଠି ହୋଇ ତୃଣମୂଳ ସ୍ତରରେ କାର୍ଯ୍ୟ କରିବା ପାଇଁ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ସଭାପତି ତଥା ବିଜେଡି ବିଧାୟକ ପ୍ରାର୍ଥୀ ମାନସ ମାଡକାମୀଙ୍କ ଉପସ୍ଥିତିରେ କାଲିମେଳା ବ୍ଲକ ଭେଜାଙ୍ଗିୱାଡା ଗ୍ରାମ ପଂଚାୟତ ଓ ମାଲାଭରମ୍ ଗ୍ରାମ ପଂଚାୟତ ର ଦେବ କବାସୀ, ଦେବ ମାଢ଼ି, ମୁକ୍କା ମାଡକାମି,କାଳିଆ ଦଶରଥ, ଇର୍ମା ମାଢ଼ି, କୋଷ୍ମା ମାଡକାମି, ମୁକା ମାଡକାମି, ରାମା ମାଢ଼ି, ସୂର୍ଯ୍ୟ ମାଢ଼ି, ମୁନା ମାଡକାମି, ସଞ୍ଜିତ ଶୀଲ, ନକୁଳ ବାଲା ,ଏମ୍ . ଅଜିତ ପ୍ରମୁଖ ଏବଂ ପଡିଆ ବ୍ଲକ ମା ଟେରୁ ଗ୍ରାମ ପଂଚାୟତର ଭୀମ ମାଡକାମୀ , ଜାଗା ବେଟି , ପାଣ୍ଡୁ କୁୟାମି , ନନ୍ଦା ମାଡକାମୀ ,ସୋନା ମାଡି, ଗଙ୍ଗା କୁରାମି, ଦେବା କୁରାମି ପ୍ରମୁଖ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇ ସମସ୍ତେ ସଂକଳ୍ପ ନେଇଛନ୍ତି। ଆଜିର ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ତ୍ରିପାଠୀ ,ବିଜେଡି ବରିଷ୍ଠ ନେତା ତଥା ଜିଲ୍ଲା ଆଇନ ଜୀବୀ ସାମ୍ମୁଖ୍ୟ ସଭାପତି ଗୋପାଳ କୃଷ୍ଣ ପଣ୍ଡା ,ବିଜେଡି ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା , ରାଜ୍ୟ ଯୁବ ସମ୍ପାଦକ ରବି ରାଜେଶ , ପୌର ଅଧ୍ୟକ୍ଷ ମନୋଜ କୁମାର ବାରିକ ,ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ ,ବିଜୁ ମହିଳା ନେତ୍ରୀ ଦେବେ ମାଡି , ପୌର ପରିଷଦ ନଗର ସଭାପତି ପି .ସାଇ , ଯୁବ ଉପ ସଭାପତି କଂଟେଶ ପୋଟଳ , ବିଜେଡି ନେତା ସତ୍ୟ ଦେ , କାଲିମେଳା ବିଜେଡି ନେତା ସୁବ୍ରତ ଶୀଲ , କାଲିମେଳା ବ୍ଲକ ସଭାପତି ଶରତ ଚନ୍ଦ୍ର ବିଶ୍ୱାଳ ,ପୂର୍ବତନ ଯୁବ ସଭାପତି ଅନୁପ ମିସ୍ତ୍ରୀ ,କାଲିମେଳା ବିଜେଡି ନେତା ଇ ଭେଙ୍କେଟ ରାଓ ଏବଂ ବିଜୁ ଜନତା ଦଳର ସମସ୍ତ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# ଫୁଲବାଣୀ ଜେଲରେ ଥିବା ବିଚାରାଧୀନ କଏଦୀଙ୍କ ମୃତ୍ୟୁ: ହତ୍ୟା ଅଭିଯୋଗ କଲେ ପରିବାର

କନ୍ଧମାଳ, ୧୭/୪ (ନି.ପ୍ର): ସ୍ଥାନୀୟ ମଣ୍ଡଳ କାରାଗାରରେ ବିଚାରାଧୀନ ଥିବା ଜଣେ କଏଦୀଙ୍କ ମୃତ୍ୟୁ ହୋଇଛି। ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଉତେଜନା ଦେଖାଦେବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜେଲ କର୍ତୃପକ୍ଷ ମାଡ ମାରି ହତ୍ୟା କରାଯାଇଥିବା ପରିବାର ଅଭିଯୋଗ କରିଛନ୍ତି। ମୃତକ ଜଣକ ହେଲେ ଫିରିଙ୍ଗିଆ ଥାନା ଅନ୍ତର୍ଗତ ଡିମିରିଗୁଡା ଗ୍ରାମର ଅଭିରାମ ଦିଗାଲ। ସୂଚନା ଅନୁଯାୟୀ, ଅଭିରାମଙ୍କ ବିରୋଧରେ ଏକ ଗଞ୍ଜେଇ କାରବାର ଜନିତ ମାମଲା ରହିଥିଲା। ତେବେ ସେ କୋର୍ଟ ସମନକୁ ବାରମ୍ବାର ଅମାନ୍ୟ କରିବାରୁ ତାଙ୍କ ନାମରେ ୱାରେଂଟ କରାଯାଇଥିଲା। ଗତ ୧୫ ତାରିଖରେ ସେ ଅଦାଲତରେ ଆତ୍ମ ସମର୍ପଣ କରିବା ପରେ ତାଙ୍କୁ ଜେଲ ପଠାଇ ଦିଆ ଯାଇଥିଲା। ମଙ୍ଗଳବାର ତାଙ୍କୁ ଅସୁସ୍ଥ ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ ଜେଲ କର୍ତୃପକ୍ଷ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇଛି। ଅପରପକ୍ଷରେ, ଅଭିରାମଙ୍କୁ ଜେଲ କର୍ତୃପକ୍ଷ ମାଡ ମାରି ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ମୃତକଙ୍କ ଭାଇ ମିଖାଏଲ ନାୟକ ଟାଉନ ଥାନାରେ ଏତଲା ଦେଇ ଘଟଣାର ତଦନ୍ତ ଦାବୀ କରିଛନ୍ତି। ମୃତ ଅଭିରାମଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ଥିବାରୁ ଜେଲରେ ତାଙ୍କୁ ପ୍ରବଳ ମାଡ ଦିଆ ଯାଇଥିବା ଅଭିଯୋଗ କରିଛନ୍ତି ପରିବାର। ଆଜି ଏହି ଘଟଣାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ କିଛି ସମୟ ପାଇଁ ଉତେଜନା ଦେଖା ଦେଇଥିଲା । ଘଟଣାକୁ ନେଇ ଟାଉନ ଥାନାରେ ଏତଲା ହୋଇଥିବା ଏବଂ ଏତାଲା ଆଧାରରେ ତଦନ୍ତ ଚାଲିଥିବା ପ୍ରକାଶ କରିଛନ୍ତି ସଦର ଏସଡିପିଓ ସୁପ୍ରସନ୍ନ ମଲ୍ଲିକ।

# ମକରଧ୍ୱଜ ଶୃଙ୍ଗ ଓ ମକର ଧ୍ୱଜ ଯାତ୍ରା ସମ୍ପର୍ଣ୍ଣ

ସମ୍ବଲପୁର/ଦେବଗଡ଼, ୧୬ ଅପ୍ରେଲ(ହି.ସ.) – ପ୍ରକୃତି ଓ ପ୍ରତୀକର ଯାତ୍ରା ମକରଯାତ୍ରାକୁ ସମଗ୍ର ଦେବଗଡ଼ ଜିଲ୍ଲାର ଲୋକମାନେ ବେଶ ନିଆରା ଢଙ୍ଗରେ ପାଳନ କରିଛନ୍ତି। କେଉଁଠି ପୂଜା କରିଥାନ୍ତି ପାହାଡ଼ ଓ ଗୁମ୍ଫାକୁ ତ ପୁଣି କେଉଁଠି ଜଙ୍ଗଲକୁ। ପୁଣି ଆଉ କେଉଁଠି ରାତି ତମାମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଯାଇଛି ଏହି ଉତ୍ସବ। ସହରର ବିଭିନ୍ନ ସାହିର ଛକ ମାନଙ୍କରେ ରାଣି କୁଟି, ଖଜୁରୀପାଲ ଇତ୍ୟାଦି ଶୃଖିଳାଡାଳ ଶିମିଳିକଂଟା ଗଛ ପୋତି ତା ଆଗ ଦିନ ରାତିରୁ ସଜବାଜ କରିଥାନ୍ତି ଏବଂ ସକାଳୁ ଭୋରରୁ ନିଆଁ ଲଗାଇଥାନ୍ତି । ''ମକର ହୁଲ'' ଭାବେ ଏହା ପ୍ରାୟତଃ ପରିଚିତ୍ । ଆବାହମାନ କାଳରୁ ପ୍ରଚଳିତ ପ୍ରଥାନୁଯାୟୀ ସ୍ଥାନୀୟ ଅଧିବାସୀମାନେ ପାହାଡରୁ କାଠ, ବାଉଁଶ, ପତ୍ର ଇତ୍ୟାଦି ସଂଗ୍ରହ କରି ଜୀବିକାର୍ଜନ କରୁଥିଲେ। ଏଣୁ ପାହାଡକୁ ''ବାପା-ମା'' ଅର୍ଥାତ ଶିବ-ପାର୍ବତୀଙ୍କ ସ୍ୱରୂପ ପୂଜା କରୁଥିଲେ। ଯାହାକି ଆଜିଯାଏ ଏହି ପରମ୍ପରା ଚଳି ଆସୁଛି। ମକର ଦିନ ଗିରିଶୃଙ୍ଗରେ ମାନସିକ ଧ୍ୱଜ ଲଗାଯାଉଥିବାରୁ ଏହାକୁ ମକରଧ୍ୱଜ ଶୃଙ୍ଗ ଓ ମକର ଧ୍ୱଜ ଯାତ୍ରା ମଧ କୁହାଯାଏ। ସୂଚନାନୁଯାୟୀ ପ୍ରଧାନପାଟ ପର୍ବତମାଳାର ସୁଉଚ୍ଚ ମକରଧ୍ୱଜା ଶୃଙ୍ଗରେ ତଅଁଳା ସାହି ଶଙ୍କର ମଧୁସୂଦନ କ୍ଲବ ପକ୍ଷରୁ ପତାକା ସ୍ଥାପନ କରାଯିବା ସହ ମକରଯାତ୍ରା ପାଇଁ ପୂଜକ ସୁଦୀପ୍ତ ବେହେରା ଆଜ୍ଞାମାଳ ଆଣିଥିଲେ। ପରେ ପରେ ବିଭିନ୍ନ ସାହିର ମାନସିକଧାରୀମାନେ ମକରଧ୍ୱଜ ଶୃଙ୍ଗରେ ମାନସିକ ଧ୍ୱଜା ବାନ୍ଧିଥିଲେ। ମକରଧ୍ୱଜ ଶୃଙ୍ଗକୁ ଚଢିବା ଏକ କଷ୍ଟକର ଯାତ୍ରା ହୋଇଥିଲେ ମଧ ଶତାଧିକ ମାନସିକଧାରୀ ମାନସିକ ଧ୍ୱଜା ବାନ୍ଧିଥିଲେ। ଯେଉଁମାନେ ଚଢିପାରିବେ ନାହିଁ ସେମାନେ ପୂଜକଙ୍କୁ ମାନସିକ ଧ୍ୱଜା ଓ ଦକ୍ଷିଣା ପ୍ରଦାନ କରିଥିଲେ। ତେବେ ଏହି ଯାତ୍ରା ଓ ଧ୍ୱଜା ବାନ୍ଧିବା ଓ ପର୍ବତ ଗୁମ୍ଫାକୁ ପୂଜା କରିବା ଜିଲ୍ଲାର ବିଭିନ୍ନ ସ୍ଥାନରେ ମକରଯାତ୍ରା ଅନୁଷ୍ଠିତ ହୋଇଥିଲା। ଆଜି ପର୍ବତ ଶୃଙ୍ଗରେ ଶ୍ରଦ୍ଧାଳୁଙ୍କ ପାଇଁ ସ୍ଥାନୀୟ ମକର ଧ୍ୱଜ କମିଟି ପକ୍ଷରୁ ଶ୍ରଦ୍ଧାଳୁ ଙ୍କ ପାଇଁ ପାହାଡ଼ ଉପରେ ଅନ୍ନ ପ୍ରସାଦ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। କମିଟିର ସଭାପତି ଅତିଲ ଖଡ଼ିଆ, ସମ୍ପାଦକ ସୁମନ୍ତ ସଂଖାରୀ, କୋଷାଧ୍ୟକ୍ଷ ରିଙ୍କୁ କେରେକେଟାଙ୍କ ସମେତ କମିଟୀର ସଦସ୍ୟମାନେ ସହଯୋଗ କରିଥିଲେ। ପୌରାଂଚଳର ତଅଁଳା ସାହି ଶଙ୍କର ମଧୁସୂଦନ କ୍ଲବ ପୂଜା କମିଟୀ ସଭାପତି ସୁଶାନ୍ତ ବେହେରା, ସଂପାଦକ ପ୍ରଶାନ୍ତ ବେହେରାଙ୍କ ସମେତ କମିଟୀର ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ। ତଅଁଳା ସାହି ଶଙ୍କର ମଧୁସୂଦନ କ୍ଲବ ପକ୍ଷରୁ ୩ ଦିନ ମକରଯାତ୍ରା ଅନୁଷ୍ଠିତ ହେବ। ସେହିପରି ବାରକୋଟ ବ୍ଲକ ଅନ୍ତର୍ଗତ ଶିରିଗିଡା ଗ୍ରାମରେ ମଧ ଚଳିତ ବର୍ଷ ଆକର୍ଷଣୀୟ ମକର ମେଳା ଉତ୍ସବ ପାଳନ ହୋଇଥିଲା।

# ଆରଆଇଇ, ଏନସିଇଆରଟି, ଭୁବନେଶ୍ୱର ପକ୍ଷରୁ 'ଗ୍ଲୋବାଲ ସ୍କୁଲ ସିଷ୍ଟମ ରିଫର୍ମ' ଶୀର୍ଷକ ବକ୍ତୃତା ଅନୁଷ୍ଠିତ

ଭୁବନେଶ୍ୱର, ୧୭/୪ (ନି.ପ୍ର): ଏନସିଇଆରଟି ଭୁବନେଶ୍ୱରର ରିଜିଓନାଲ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ ପକ୍ଷରୁ ଆୟୋଜିତ ଏକ୍ସଟେନ୍ସନ ଲେକ୍ଚର ସିରିଜରେ ସ୍ଲୋଭାକିଆସ୍ଥିତ ତ୍ରିନାଭା ବିଶ୍ୱବିଦ୍ୟାଳୟର ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ବ୍ରାନିସ୍ଲାଭ ପୁପାଲା ଗ୍ଲୋବାଲ ସ୍ତରରେ ସ୍କୁଲ ସିଷ୍ଟମ ସଂସ୍କାର ଉପରେ ବକ୍ତବ୍ୟ ରଖିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପିସି ଅଗ୍ରୱାଲ ପ୍ରଫେସର ପୁପାଲାଙ୍କୁ ସ୍ୱାଗତ କରିବା ସହ ପ୍ରଶଂସାପତ୍ର ପ୍ରଦାନ କରିଥିଲେ।

ପ୍ରଫେସର ଅଗ୍ରୱାଲ ଦେଶର ଭବିଷ୍ୟତ ଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ବିଶ୍ୱସ୍ତରରେ ବିଦ୍ୟାଳୟ ଶିକ୍ଷାର ଉଦୀୟମାନ ଭୂମିକା ବିଷୟରେ ବୁଝିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଆନ୍ତର୍ଜାତିକ ଓ ଜାତୀୟ ସ୍ତରରେ ବିଦ୍ୟାଳୟ ଶିକ୍ଷା ଓ ଶିକ୍ଷକ ଶିକ୍ଷା ର ଶ୍ରେଷ୍ଠ ଅଭ୍ୟାସ ଉପରେ ବିଚାର କରିବା ପାଇଁ ସେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଅନୁରୋଧ କରିଥିଲେ।

ପ୍ରଫେସର ପୁପାଲାଙ୍କ ବକ୍ତବ୍ୟ 'ବିଶ୍ୱସ୍ତରରେ ବିଦ୍ୟାଳୟ ବ୍ୟବସ୍ଥା ସଂସ୍କାର ଅଭିଯାନ' ଉପରେ ଗୁରୁତ୍ୱାରୋପ କରିଥିଲା ଯାହା ସମଗ୍ର ୟୁରୋପୀୟ ସଂଘରେ ସାମ୍ପ୍ରତିକ ଶିକ୍ଷାଗତ ଧାରା ବିଷୟରେ ମୂଲ୍ୟବାନ ଜ୍ଞାନ ପ୍ରଦାନ କରିଥିଲା । ପ୍ରାରମ୍ଭିକ ଶୈଶବ ଶିକ୍ଷାକୁ ପ୍ରାଥମିକତା ଦେବା ପାଇଁ ୟୁରୋପୀୟ ସଂଘର ସାମ୍ପ୍ରତିକ ପଦକ୍ଷେପ ଉପରେ ସେ ଆଲୋକପାତ କରିଥିଲେ ଏବଂ ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକରେ ୩ ରୁ ୫ ବର୍ଷ ବୟସର ପିଲାମାନଙ୍କ ପାଇଁ ପ୍ରାଥମିକ ବିଦ୍ୟାଳୟକୁ ବାଧ୍ୟତାମୂଳକ କରିଥିଲେ । ଫ୍ରାନ୍ସ ଏବଂ ହଙ୍ଗେରୀ ଏହି ନୀତିକୁ ଗ୍ରହଣ କରି ସାରିଛନ୍ତି ଏବଂ ଏହାକୁ ତିନି ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ବିସ୍ତାର କରିଛନ୍ତି । ଅବହେଳିତ ପୃଷ୍ଠଭୂମିର ପିଲାମାନଙ୍କୁ ସାହାଯ୍ୟ କରିବା ପାଇଁ ଏହି ପଦକ୍ଷେପ ପ୍ରସ୍ତୁତ କରାଯାଇଛି, ଯାହା ଦ୍ୱାରା ସେମାନେ ମଜାଦାର ଶିକ୍ଷଣ ଏବଂ ଗଠନମୂଳକ ବିଦ୍ୟାଳୟ ଶିକ୍ଷାର ମିଶ୍ରଣ ମାଧ୍ୟମରେ ଏକ ଦୃଢ଼ ଶିକ୍ଷାଗତ ଭିତ୍ତିଭୂମି ପାଇପାରିବେ । ପ୍ରଫେସର ପୁପାଲା ୟୁରୋପୀୟ ସଂଘର ସୁପାରିସକୁ ଉଲ୍ଲେଖ କରିଛନ୍ତି, ଯେଉଁଥିରେ ୩ ବର୍ଷ ରୁ ଅଧିକ ବୟସର ୪୫% ପିଲାଙ୍କୁ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ଏବଂ ସଦସ୍ୟ ଦେଶମାନଙ୍କରେ ପ୍ରାଥମିକ ଶିକ୍ଷା ଆରମ୍ଭ ସୁଦ୍ଧା ୯୬% କରିବାକୁ ଲକ୍ଷ୍ୟ ରଖାଯାଇଛି ।

ପ୍ରଫେସର ପୁପାଲା ତାଙ୍କ ବକ୍ତବ୍ୟରେ ଦକ୍ଷତା ଭିତ୍ତିକ ଶିକ୍ଷାରୁ ଜ୍ଞାନ ଭିତ୍ତିକ ଶିକ୍ଷାକୁ ପରିବର୍ତ୍ତିତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିକ୍ଷାର୍ଥୀଙ୍କ ପ୍ରାଚୀନ ମୂଲ୍ୟବୋଧ, ଐତିହ୍ୟ, ଦକ୍ଷତା ଓ ଦକ୍ଷତା ଉପରେ ଗୁରୁତ୍ୱ ଦେଉଥିବା ଜାତୀୟ ଶିକ୍ଷା ନୀତି-୨୦୨୦କୁ ସେ ପ୍ରଶଂସା କରିବା ସହ ଦକ୍ଷତା ଭିତ୍ତିକ ଶିକ୍ଷା ବ୍ୟବହାରିକ ଦକ୍ଷତା ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଜ୍ଞାନର ଏକ ସୁଦୃଢ଼ ଭିତ୍ତିଭୂମି ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱ ଓ ସ୍ଥାନୀୟ ଦୃଷ୍ଟିକୋଣ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ଉପରେ ମଧ ସେ ଗୁରୁତ୍ୱାରୋପ କରିଥିଲେ । ତାଙ୍କ ବକ୍ତବ୍ୟ ପରେ ପ୍ରଫେସର ପୁପାଲା ଦର୍ଶକମାନଙ୍କୁ ଏକ ଇଣ୍ଟରଆକ୍ଟିଭ୍ ଅଧିବେଶନରେ ନିୟୋଜିତ କରିଥିଲେ, ଯେଉଁଥିରେ ଉପସ୍ଥିତ ଲୋକଙ୍କୁ ପ୍ରଶ୍ନ ପଚାରିବା, ବୁଝାମଣା ବାଣ୍ଟିବା ଏବଂ ଆଲୋଚନାରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିଥିଲା । ଏହି ଅଧିବେଶନ ସମ୍ଭବତଃ ବକ୍ତୃତାରେ ଅନ୍ତର୍ଭୁକ୍ତ ବିଷୟଗୁଡ଼ିକର ଗଭୀର ଅନୁସନ୍ଧାନକୁ ସହଜ କରିଥିଲା, ଯାହା ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ବିଭିନ୍ନ ଦୃଷ୍ଟିକୋଣ ଏବଂ ଅନୁଭୂତିର ଆଦାନ ପ୍ରଦାନ କରିବାକୁ ଅନୁମତି ଦେଇଥିଲା । କାର୍ଯ୍ୟକ୍ରମର ଡିନ୍ ପ୍ରଫେସର ମାନସୀ ଗୋସାମୀ ଧନ୍ୟବାଦ ଅର୍ପଣ କରିବା ସହ ବିଶିଷ୍ଟ ବ୍ୟକ୍ତି ଓ ଉପସ୍ଥିତ ବ୍ୟକ୍ତିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଡ. କଳିଙ୍ଗ କେତକିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

# ଗାଈ ଚୋରି ଅଭିଯୋଗରେ ଦୁଇ ଜଣ ଅଦାଲତ ଚାଲାଣ

ଧର୍ମଶାଳା, ୧୭/୪ (ନି.ପ୍ର): ଗାଈ ଚୋରି ଅଭିଯୋଗ ରେ ପୁଲିସ ଗାଈକୁ ଉଦ୍ଧାର କରିବା ସହିତ ଦୁଇଜଣ ଆସାମୀଙ୍କୁ ଅଦାଲତ ଚାଲାଣ କରିଛି ଏଭଳି ଏକ ସ୍ୱର୍ଣ କାତର ଘଟଣା ଦେଖିବାକୁ ମିଳିଛି ଧର୍ମଶାଳା ଥାନା ଅନ୍ତର୍ଗତ ସୁନ୍ଦୁରିଆ ଗ୍ରାମରେ ଘଟଣା ରୁ ପ୍ରକାଶ ସୁନ୍ଦୁରିଆ ଗ୍ରାମର ସାନନ୍ଦ ବେହେରା (୬୯)ଙ୍କ ଦୁଇଟି ଗାଈ କୁ କିଏ ଚୋରାଇ ନେଇ ଥିବାର ଜାଣିବାକୁ ପାଇଥିଲେ ଏନେଇ ଧର୍ମଶଳା ଥାନାରେ ସାନନ୍ଦ ଏକ ଲିଖିତ ଅଭିଯୋଗ କରିଥିଲେ ଅଭିଯୋଗ ପାଇଲା ପରେ ପୁଲିସ ତଦନ୍ତ ଆରମ୍ଭ କରି ଗାଈ ଚୋରି କରିଥିବା ଦୁଇ ଆସାମୀ ବ୍ରହ୍ମବରଦା ଅଂଚଳର ବୋଲି ଜାଣିବାକୁ ପାଇଥିଲା ଆସାମୀଙ୍କୁ ଧରିବାକୁ ଏ ସମ୍ପର୍କରେ ଧର୍ମଶାଳା ଥାନାଧିକାରୀ ବ୍ରହ୍ମବରଦା ଥାନା ସହିତ ଯୋଗାଯୋଗ କରିଥିଲେ ବ୍ରହ୍ମବରଦା ଥାନାର ଏସଆଇ ବିଭୁତି ଭୂଷଣ ମହାପାତ୍ର ସଦଳବଳେ ମହେଶ୍ୱରପୁର ପଂଚାୟତ ଚାନ୍ଦପୁର ଗ୍ରାମରେ ଚଢ଼ାଉ କରି ଚୋରି ହୋଇଥିବା ଗାଈ ସହିତ ଦୁଇଆସାମୀ ନିୟାମୁଦ୍ଦିନଙ୍କ ପୁଅ ସେକ ଆକିବ ମହମଦ (୧୭) ଓ ଅଫରୋଜା ସାହିଁନଙ୍କ ପୁଅ ମହମଦ ହଜାଫ ଆୟନ (୧୬)ଙ୍କୁ ଧରିବାରେ ସଫଳ ହୋଇଥିଲା ପରେ ଦୁଇଆସାମୀଙ୍କୁ ଧର୍ମଶାଳା ପୁଲିସକୁ ହସ୍ତାନ୍ତର କରାଯିବା ପରେ ଧର୍ମଶାଳା ପୁଲିସ କେଶ ନମ୍ବର ୨୮୦/୨୪ ରେ ଏକ ମାମଲା ରଜୁକରି ଆସାମୀ ଦୁଇଜଣଙ୍କୁ ଅଦାଲତ ଚାଲାଣ କରିଥିବା ସୂଚନା ମିଳିଛି ସୂଚନା ଥାଉକି ଏହି ଦୁଇ ଜଣଙ୍କ ନାମରେ ବିଭିନ୍ନ ଥାନାରେ ପୂର୍ବରୁ ବହୁତ ମାମଲା ରହିଛି ।

# ଯୁବତୀଙ୍କୁ ବ୍ଲାକମେଲ କରିବା ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା,୧୭ଏପ୍ରିଲ(ହି.ସ.) - ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ରାଉତରାପୁର ଗ୍ରାମର ଜଣେ ଯୁବତୀଙ୍କୁ ନିଜର ସମ୍ପର୍କୀୟ ମାଉସୀ ପୁଅ ବ୍ଲାକମେଲିଂ କରିବା ଅଭିଯୋଗରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଗିରଫ ଯୁବକ ଜଣକ ହେଲେ ଯାଜପୁର ସଦର ଥାନା ଅନ୍ତର୍ଗତ ବୈଦରାଜପୁର ଅଂଚଳର ଇନ୍ଦ୍ରମଣୀ ସାହୁଙ୍କ ପୁଅ ଲକ୍ଷ୍ମୀଧର(୨୮) ବୋଲି ଜଣାପଡିଛି । ଅଭିଯୋଗ ମୁତବାକ,ରାଉତରାପୁର ଗ୍ରାମର ଝିଅ ସହିତ ସମ୍ପର୍କୀୟ ମାଉସୀ ପୁଅ ଯାଜପୁର ସଦର ଥାନା ଅନ୍ତର୍ଗତ ବୈଦରାଜପୁର ଅଂଚଳର ଇନ୍ଦ୍ରମଣୀ ସାହୁଙ୍କ ପୁଅ ଲକ୍ଷ୍ମୀଧରଙ୍କ ସହ ମୋବାଇଲରେ ସମ୍ପର୍କ ଗଢି ଉଠିଥିଲା । ମୋବାଇଲରେ ବାର୍ତାଳାପ ସହ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ହୋଇଥିଲା । ସମ୍ପର୍କ ବଢିବା ପରେ ଲକ୍ଷ୍ମୀଧର ନରେନ୍ଦ୍ରଙ୍କ ଘରକୁ ଯିବା ଆସିବା କରେ । ୪ମାସ ପୂର୍ବେ ଚଣ୍ଡିଖୋଲସ୍ଥିତ ମହାବିନାୟକ ମନ୍ଦିରକୁ ଏକ ବିବାହ ଉତ୍ସବରେ ଯୋଗ ଦେବା ପାଇଁ ଦୁହେଁ ଯାଇଥିଲେ । ବାଟରେ ଯୁବତୀଙ୍କୁ ମୃଦ୍ୟୁ ପାନୀୟରେ ନିଶା ଦ୍ରବ୍ୟ ଦେଇ ଥିଲେ । ଯୁବତୀ ଜଣକ କିଛି ସମୟ ପରେ ସଜ୍ଞାହୀନ ହେବା ପରେ ତାଙ୍କୁ ମହାବିନାୟକ ଜଙ୍ଗଲକୁ ନେଇ ତାହା ସହିତ ଶାରିରୀକ ସମ୍ପର୍କ ରଖିବା ସହ ଉକ୍ତ ଦୃଶ୍ୟକୁ ମୋବାଇଲରେ କଏଦ କରିଥିଲା । କିଛି ଦିନ ପରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ପ୍ରେମରେ ଭଟ୍ଟା ପଡିଥିଲା । ଫଳରେ କିଛି ଦିନ ସେମାନେ ଦୂରେଇ ରହିଥିଲେ । ଘର ଲୋକେ ଝିଅକୁ ଅନ୍ୟତ୍ର ବିବାହ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଦେଖୁ ଥିଲେ । ବିବାହ ସମୟ ସ୍ଥିର ହେବା ପୂର୍ବରୁ ଲକ୍ଷ୍ମୀଧର ମୋବାଇଲରେ ରଖିଥିବା ଦୃଶ୍ୟକୁ ବର ଘର ପକ୍ଷକୁ ପଠାଇ ଦେଉଥିଲେ । ଫଳରେ ବିବାହ ବନ୍ଦ ହୋଇ ଯାଉଥିଲା । ବାରମ୍ବାର ଏଭଳି ଘଟଣା ଘଟିବା ପରେ ଘର ଲୋକେ ଲୋକ ଲଜ୍ୟା ସହି ନ ପରି ଶେଷରେ ବ୍ରହ୍ମବରଦା ଥାନାରେ ଲକ୍ଷ୍ମୀଧରଙ୍କ ନାମରେ ଏତଲା ଦେଇଥିଲେ । ଏତଲା ଦେବା ପରଠାରୁ ଲକ୍ଷ୍ମୀଧର ଫେରାର ହୋଇଯାଇଥିଲା । ପୋଲିସ କୌଣସି କାରଣରୁ ଖବର ପାଇ ଲକ୍ଷ୍ମୀଧରକୁ ଯାଜପୁର ଟାଉନ ଅଂଚଳରୁ ଗିରଫ କରିଥିଲା । ଉଭୟଙ୍କ ରେକର୍ଡ ବୟାନ ପରେ କେସ୍ ନଂ ୭୫।୨୪ରେ ଲକ୍ଷ୍ମୀଧରକୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ଦେବାଶିଷ ଶତପଥୀ ସୂଚନା ଦେଇଛନ୍ତି ।

# ହିନ୍ଦୁ ଜାଗରଣ ମଂଚର ବିଶାଳ ବାଇକ ଶୋଭାଯାତ୍ରା

ଖୋର୍ଦ୍ଧା, ୧୭/୪ (ନି.ପ୍ର): ପବିତ୍ର ଶ୍ରୀରାମ ନବମୀ ଅବସରରେ ଶ୍ରୀରାମ ନବମୀ ସମନ୍ୱୟ ସମିତି ଆନୁକୂଲ୍ୟରେ ହିନ୍ଦୁ ଜାଗରଣ ମଂଚ ଖୋର୍ଦ୍ଧା ଶାଖା ସଂଯୋଜନାରେ ବିଶାଳ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୁରୁଜଙ୍ଗ ମେଲଣ ପଡିଆ ଠାରୁ ବାହାରି ରାମଙ୍କ ସ୍ଲୋଗାନ ଦେଇ ସହର ପରିକ୍ରମା କରି ଜରିପୁଟ ଶ୍ରୀସଙ୍କଟମୋଚନ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଶତାଧିକ ରାମଭକ୍ତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଜୟ ଶ୍ରୀରାମ ମନ୍ତ୍ରଧ୍ୱନୀରେ ଖୋର୍ଦ୍ଧା ସହର ରାମମୟ ହୋଇଛି। ହିନ୍ଦୁ ଜାଗରଣ ମଂଚ, ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ଆଶିଷ ବିଦ୍ୟୁରେନ୍ଦ୍ର ଛୋଟରାୟ ପରିଚାଳନା କରିଥିଲେ। ସହ ଜିଲା ସଂଯୋଜକ ଶୁଭମ୍ ରାମ, ନଗର ସଂଯୋଜକ ତୁଷାର କାନ୍ତ ବେହେରା, ଖୋର୍ଦ୍ଧା ଖଣ୍ଡ ସଂଯୋଜକ ରାଧାମୋହନ ପ୍ରଧାନ, ପ୍ରଚାର ପ୍ରସାର ପ୍ରମୁଖ ସଂଜିତ ମହାପାତ୍ର, ପ୍ରତାପ ପ୍ରଧାନ, ମନୋରଞ୍ଜନ ପାତ୍ର, ରାକେଶ ରାଉତ, ସୌମ୍ୟ ରଂଜନ ବେହେରା, ସୌଭାଗ୍ୟ ହାତୀ , ବିକାଶ ବେହେରା ସମେତ ହିନ୍ଦୁ ଜାଗରଣ ମଂଚର ପ୍ରମୁଖ ସଦସ୍ୟ ମାନେ ପରିଚାଳନାରେ ସହଯୋଗ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ସ୍ୱଂସେବକ ସଂଘରୁ ବେଲେଶ୍ୱର ସାହୁ, ପ୍ରଶାନ୍ତ ବେହେରା ଏବଂ ଆଦିତ୍ୟ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଆଧୁନିକ ଓଡ଼ିଶାର ନିର୍ମାତା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ ତମ ତିରୋଧାନ ଦିବସ ପାଳିତ

ମାଲକାନଗିରି, ୧ ୭ ଅପ୍ରେଲ (ହି. ସ.)-ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ଆଜି ପୂର୍ବତନ ମୁଖ୍ୟମନ୍ତ୍ରୀ, ମହାନ ଜନନାୟକ ତଥା ଆଧୁନିକ ଓଡ଼ିଶାର ନିର୍ମାତା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ ତମ ତିରୋଧାନ ଦିବସ ବହୁ ଆଡମ୍ବର ସହିତ ପାଳନ କରାଯାଇଛି । ମାଲକାନଗିରି ସହର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ରେ ସକାଳ ୯ ଘଣ୍ଟିକା ରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ବିଜେଡି ବିଧାୟକ ପ୍ରାର୍ଥୀ ମାନସ ମାଡକାମି ଯୋଗ ଦେଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ଭକ୍ତି ପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ପରେ ମାଲକାନଗିରି ଜିଲ୍ଲା ବିଜେଡି କାର୍ଯ୍ୟାଳୟ ଠାରେ ପହଞ୍ଚି ବିଜୁ ବାବୁଙ୍କ ୨୭ ତମ ତିରୋଧାନ ଦିବସ ପାଳନ କରିବା ସହିତ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପ ମାଲ୍ୟ ଅର୍ପଣ କରି ନିଜ ବକ୍ତବ୍ୟ ମାଧ୍ୟମରେ ଓଡ଼ିଶାକୁ ସମୃଦ୍ଧ ଓ ସଶକ୍ତ କରିବାକୁ ବିଜୁବାବୁଙ୍କ ନିରନ୍ତର ପ୍ରଚେଷ୍ଟା, ତାଙ୍କ ଅବର୍ତ୍ତମାନରେ ମଧ ପ୍ରେରଣାର ସ୍ରୋତ ହୋଇ ରହିଛି। ଜନସେବା ପ୍ରତି ସମର୍ପିତ ରହି ରାଜ୍ୟର କଲ୍ୟାଣ ପାଇଁ ଅବିରତ ଉଦ୍ୟମ କରିବାକୁ ବିଜୁ ବାବୁ ଦେଖାଇଥିବା ମାର୍ଗ ସର୍ବଦା ଆଲୋକବର୍ତ୍ତିକା ହୋଇ ରହିବ ବୋଲି ଉପସ୍ଥିତ ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତା ମାନଙ୍କୁ ବାର୍ତ୍ତା ଦେଲେ । ଏହି ଅବସରରେ ବିଜୁ ଜନତା ଦଳର ଅନ୍ୟତମ ନେତୃମଣ୍ଡଳୀ ଙ୍କ ମଧ୍ୟରୁ ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ତ୍ରିପାଠୀ ,ଜିଲ୍ଲା ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ଜିଲ୍ଲା ଆଇନଜୀବୀ ସାମ୍ମୁଖ୍ୟ ସଭାପତି ଗୋପାଳ କୃଷ୍ଣ ପଣ୍ଡା ,ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ ,ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ ପ୍ରମୁଖ ଆଧୁନିକ ଓଡ଼ିଶା ନିର୍ମାଣ, ମହିଳା ସଶକ୍ତିକରଣ ଏବଂ ଗ୍ରାମ୍ୟବିକାଶ ଆଦି ଦିଗରେ ବିଜୁବାବୁଙ୍କ ଅବଦାନ ଅତୁଳନୀୟ। ଓଡ଼ିଶାର ଗୌରବ ବୃଦ୍ଧି ପାଇଁ ତାଙ୍କ ଉଦ୍ୟମ ସହ ବିଜୁବାବୁଙ୍କ ଅଗାଢ଼ ଦେଶପ୍ରେମ, ତ୍ୟାଗ ଓ ପରାକ୍ରମ ସର୍ବଦା ଓଡ଼ିଆ ଜାତିର ସ୍ୱାଭିମାନ ହୋଇ ରହିବ ବୋଲି ଉପସ୍ଥିତ ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତା ଙ୍କୁ ଭାଷଣ ରେ ଆଲୋକପାତ କଲେ । ଆଜିର କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲା ଓକିଲ ସଂଘ ସଭାପତି ପ୍ରୀତପଲ ସିଂ ,ପୌର ଅଧ୍ୟକ୍ଷ ମନୋଜ କୁମାର ବାରିକ ,ମାଲକାନଗିରି ବ୍ଲକ ଅଧ୍ୟକ୍ଷା ଗୌରୀ ପଡ଼ିଆମୀ ,ପୌର ଉପାଧ୍ୟକ୍ଷା କବିତା ମହନ୍ତ , ପି .ସାଇ, ରାଜ୍ୟ ଯୁବ ସମ୍ପାଦକ ରବି ରାଜେଶ ,ବିଜେଡି ନେତା ହୃଦାନନ୍ଦ ସାହୁ ,ରବିନାରାୟଣ ପାତ୍ର ,ଡନେଲ କୁମାର ପୋଟଲା ,ଡମ୍ବରୁ ବାଘ ,ସର୍ବ ବିଶୋଇ ,ସତ୍ୟ ସ୍ୱାଇଁ , ,ଅକ୍ଷୟ କୁମାର ନାୟକ , ଘନଶ୍ୟାମ ମାଡକାମୀ ,ଲମ୍ବଧର ତୁରୁକ ,ଅଟାଲ ରାଜୁ ,କଣ୍ଟେଶ ପୋଟଲା ,ବଳରାମ ଭଞ୍ଜ , ମହିଳା ନେତ୍ରୀ ପ୍ରଶାନ୍ତି ଲତା ବିଶୋଇ ପ୍ରମୁଖ ଙ୍କ ସହ ବିଜୁ ଜନତା ଦଳର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକଙ୍କୁ ଚତୁରତା ସହିତ ଟଙ୍କା ହଡ଼ପ କରୁଥିବା ଯୁବକକୁ ଗିରଫ କଲା ବଲାଙ୍ଗିର ଟାଉନ ପୋଲିସ

ବଲାଙ୍ଗିର, ୧୭/୪ (ନି.ପ୍ର): ବରିଷ୍ଠ ନାଗରିକ ମାନଙ୍କୁ ଏଟିଏମ୍‌ରୁ ଟଙ୍କା ବାହାର କରିବା ରେ ସାହାଯ୍ୟ କରିବା ବାହାନାରେ ଚତୁରତା ସହିତ ଏଟିଏମ୍? କାଡ ଅଦଳ ବଦଳ କରି ଚତୁରତାର ସହ ସିନିଅର ସିଟିଜନ୍‌ଙ୍କ ଟଙ୍କା ହଡ଼ପ୍ କରୁଥିବା ଜଣେ ଯୁବକଙ୍କୁ ଗିରଫ୍ କରିବା ରେ ସଫଳ ହୋଇଛି ବଲାଙ୍ଗିର ଟାଉନ୍ ପୋଲିସ । ଆଜି ଏ ସଂକ୍ରାନ୍ତରେ ବଲାଙ୍ଗିର ଏସ୍‌ଡ଼ିପିଓ ପ୍ରଦୀପ କୁମାର ସାହୁ ଏକ ଆହୂତ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି । ଦିଆଯାଇଥିବା ସୂଚନା ଅନୁସାରେ ଗତ ଏପ୍ରିଲ ୫ ତାରିଖ ଦିନ ପ୍ରାୟ ୧୨ଟା ସମୟରେ ବଲାଙ୍ଗିର ସହର ରମାଇପଡ଼ା ନିବାସୀ କ୍ଷୀତିଶ ରଂଜନ ମେହେର(୮୩) ଚନ୍ଦ୍ରଶେଖର ନଗର ରେ ଥିବା ଏକ ଏଟିଏମ୍ କାଉଣ୍ଟରକୁ ଟଙ୍କା କାଢ଼ିବା ପାଇଁ ଆସିଥିଲେ । ବୟସ ଅଧିକ କାରଣ ଯୋଗୁଁ ଏଟିଏମ୍‌ରୁ ଟଙ୍କା କାଢ଼ିବାରେ ସେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳକୁ ସେଠାରେ ଥିବା ଜଣେ ଯୁବକ ତାଙ୍କୁ ସାହାଯ୍ୟ କରିବା ବାହାନାରେ ତାଙ୍କର ଏଟିଏମ୍ କାର୍ଡ ଏବଂ ପିନ୍ କୋଡ୍ ମାଗିଥିଲେ ଓ ଯୁବକ ଜଣକ ଚତୁରତାର ସହ ଶ୍ରୀ ମେହେରଙ୍କ ଏଟିଏମ୍ କାର୍ଡକୁ ବଦଳାଇ ତାଙ୍କୁ ନିଜର ଏଟିଏମ କାର୍ଡ ଟି ଦେଇ ଫେରାର ହୋଇ ଯାଇଥିଲେ । ସଂପୃକ୍ତ ଯୁବକ ଜଣକ ଏହାପରେ ବଲାଙ୍ଗିର ସହରର ଭାଗୀରଥି ଛକ ସ୍ଥିତ ଏଟିଏମ୍ କାଉଣ୍ଟରରୁ ଶ୍ରୀ ମେହେରଙ୍କ ଏଟିଏମ୍ କାର୍ଡ ବ୍ୟବହାର କରି ୪୦ ହଜାର ଟଙ୍କା କାଢ଼ିବା ସହ ତାଙ୍କ ବାଇକ୍‌ରେ ଟିକ୍ରାପଦା ରେ ଥିବା ରାମକୃଷ୍ଣ ପେଟ୍ରୋଲ ପମ୍ପ ରୁ ଏଟିଏମ୍ ବ୍ୟବହାର କରି ୯ ଶହ ଟଙ୍କାର ପେଟ୍ରୋଲ ପକାଇଥିଲେ । କୌଣସି ସୂତ୍ରରୁ ବରିଷ୍ଠ ଶ୍ରୀ ମେହେର ଠକାମୀ ରେ ପଡ଼ିଥିବା ତାଙ୍କ ଏଟିଏମ୍ ଜାଲିଆତି ସଂପର୍କରେ ଜାଣିବା ପରେ ଗତ ୬ ତାରିଖ ଦିନ ବଲାଙ୍ଗିର ଟାଉନ୍ ଥାନା କୁ ଅସି ଏ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ । ଏହିଭଳି ଏହାପୂର୍ବରୁ ଅନ୍ୟ ତିନି ଚାରୋଟି ଅଭିଯୋଗ ଟାଉନ୍ ଥାନାରେ ପହଂଚିଥିବା ଯୋଗୁଁ ଏହି ମାମଲାକୁ ଗୁରୁତ୍ୱ ସହକାରେ ଗ୍ରହଣ କରିଥିଲା ପୋଲିସ । ଘଟଣା ଟି ସମ୍ପର୍କ ରେ ବଲାଙ୍ଗିର ଏସ୍‌ପି ରିଷିକେଶ ଖିଲାରୀଙ୍କ ଦୃଷ୍ଟି କୁ ଆସିବା ପରେ ତାଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ବେଳେ ଖୋଳତାଡ କରି ଅଭିଯୁକ୍ତ ଯୁବକଙ୍କୁ ସମ୍ବଲପୁରରୁ ଗିରଫ୍ କରିଛି ବଲାଙ୍ଗିର ଟାଉନ୍ ପୋଲିସ । ସଂପୃକ୍ତ ଅଭିଯୁକ୍ତ ଜଣକ ହେଲେ ବରଗଡ଼ ସଦର ଥାନା ଅନ୍ତର୍ଗତ ତୋରା ନିବାସୀ ବର୍ତ୍ତମାନ ନିଗମାନନ୍ଦ ବିହାର ବଲାଙ୍ଗିର ର ଜୟ ସରାଫ (୩୩) । ଏହି ଯୁବକଙ୍କ ଶ୍ୱଶୁର ଘର ଟିଟିଲାଗଡ଼ ସହରରେ ହୋଇଥିବା ବେଳେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଏଭଳି ଅନେକ ଘଟଣାରେ ସେ ସଂପୃକ୍ତ ଥିବା ତୁଷୁରା, ଲୋଇସିଂହା, ସଦର ପାଟଣାଗଡ ଓ ଦେଓଗାଁ ଥାନା ରେ ତା ନାମରେ ମାମଲା ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ଏହାପୂର୍ବରୁ ତାଙ୍କ ନାମରେ ବିଭିନ୍ନ ଥାନାରେ ୮ଟି ଏଭଳି ଠକେଇ ମାମଲା ରହିଥିବା କୁହାଯାଇଛି । ଅଭିଯୁକ୍ତ ଜୟ ସରାଫ୍ ଏଭଳି ନିରୀହ ବରିଷ୍ଠ ନାଗରିକ ମାନଙ୍କୁ ଠକି ହାତଉଥିବା ଟଙ୍କାରେ ସୁନା ରୂପା ଅଳଙ୍କାର କିଣି ନିଜ ପାଖରେ ରଖିଥିବା ମଧ ସୂଚନା ଦିଆଯାଇଛି । ଅଭିଯୁକ୍ତଙ୍କ ପାଖରୁ ନଗଦ ୪୧ ହଜାର ୬୮୫ ଟଙ୍କା, ଗୋଟିଏ ସୁନାର ମଙ୍ଗଳସୂତ୍ର, ଗୋଟିଏ ସୁନା ଚେନ୍?, ୩ଟି ଏଟିଏମ୍ କାର୍ଡ, ଗୋଟିଏ ବୁଲେଟ୍ ଏବଂ ଅନ୍ୟ ଏକ ବାଇକ୍?, ଗୋଟିଏ ମୋବାଇଲ୍ ଫୋନ୍ ସହ ଆହୁରି ଅନେକ ଆପତ୍ତିଜନକ ସାମଗ୍ରୀ ଉଦ୍ଧାର କରିଛି ବଲାଙ୍ଗିର ଟାଉନ୍ ପୋଲିସ ।

# ଧାରାବାହିକ: ସଂକ୍ଷିପ୍ତ ଭାଗବତ କଥାମୃତ

ଭାଗ-୫



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

### ୧୨ଶ ଅଧ୍ୟାୟ
### ॥ ପରୀକ୍ଷିତଙ୍କ ଜନ୍ମ ॥

ମହାରାଜା ଯୁଧିଷ୍ଠିର ଅତୁଳ ବିଭବଶାଳୀ ହୋଇମଧ୍ୟ ଭୋଗ ବିଳାସରେ ଅନାସକ୍ତ କାରଣରୁ ପ୍ରଜାପାଳନରେ ନିୟୋଜିତ ହେଲେ । ସେହିବଂଶରେ ଅର୍ଜୁନପୁତ୍ର ଅଭିମନ୍ୟୁଙ୍କ ଔରସରୁ ଉତ୍ତରା ଗର୍ଭରେ ଥାଇ ପରୀକ୍ଷିତ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣଙ୍କୁ ଶଙ୍ଖ, ଚକ୍ର, ଗଦା, ପଦ୍ମଶୋଭିତ ଚତୁର୍ଭୁଜ, ମୁଣ୍ଡରେ କିରୀଟ, କର୍ଣ୍ଣରେ କୁଣ୍ଡଳ ମାର୍ତ୍ତଣ୍ଡ ସଦୃଶ ମହା ଜ୍ୟୋତିର୍ମୟ ପୁରୁରୁଷଙ୍କୁ ଦର୍ଶନ କରିଥିଲେ । ବ୍ରହ୍ମାସ୍ତ୍ରର ତେଜଠାରୁ ଆହୁରି ତେଜୋମୟ ଥିଲା ତାଙ୍କ ହସ୍ତରେଥିବା ଚକ୍ର ଏବଂ ଗଦା । କ୍ରୋଧରେ ତାଙ୍କର ଆଖି ଦୁଇଟି ଅରୁଣ ବର୍ଣ୍ଣ ଧାରଣ କରିଥାଏ । ବ୍ରହ୍ମାସ୍ତ୍ରକୁ ନିବାରଣ କରି ସେହି ଦିବ୍ୟମୂର୍ତ୍ତି ଅନ୍ତର୍ଦ୍ଧାନ ହୋଇଯାଇଥିଲା । ଯଥାସମୟରେ ଉତ୍ତରାଙ୍କ କୁଳମଣ୍ଡନ କରି ସନ୍ତାନଟିର ଜନ୍ମହେଲା । ତେଜରେ ସତେ ଯେପରି ପଣ୍ଡୁଙ୍କର ସମାନ ସେ ପୁତ୍ରଥିଲା । ଗର୍ଭସମୟରେ ଭଗବାନଙ୍କ ଦ୍ୱାରା ରକ୍ଷିତ ହୋଇଥିବାରୁ ଓ ମହାପରୀକ୍ଷାରୁ ଉତ୍ତୀର୍ଣ୍ଣ ହୋଇଥିବାରୁ ବ୍ରାହ୍ମଣମାନେ ତାଙ୍କର ନାମକରଣ କଲେ ପରୀକ୍ଷିତ । ଜ୍ୟୋତିଷମାନେ କୋଷ୍ଠି ଗଣନା କରି କହିଲେ ଏ ପୁତ୍ର ! ରାଜା ଇକ୍ଷ୍ୱାକୁଙ୍କ ଭଳି ପ୍ରଜାବତ୍ସଳ, ଯଶସ୍ୱୀ, ସର୍ବଗୁଣସମ୍ପନ୍ନ ତଥା ବିଷ୍ଣୁଭକ୍ତ ହେବ । ଶିବଙ୍କ ଭଳି ବରଦାତା, ଭରତଙ୍କଭଳି ଯାଜ୍ଞିକ, ଅର୍ଜୁନଙ୍କ ପରି ଧନୁର୍ଦ୍ଧର, ଅଗ୍ନିଭଳି ତେଜସ୍ୱୀ, ସମୁଦ୍ର ତୁଲ୍ୟ ଦୁର୍ଲଂଘ୍ୟ, ସିଂହପରି ପରାକ୍ରମୀ, ହିମାଳୟ ତୁଲ୍ୟ ଆଶ୍ରୟଦାତା, ପୃଥିବୀ ଭଳି କ୍ଷମାଶୀଳ ଓ ତ୍ୟାଗୀ, ପିତାମାତାଙ୍କ ଭଳି ସହିଷ୍ଣୁ, ଧାର୍ମିକ ପଣରେ ଯଯାତି, ଧୈର୍ଯ୍ୟରେ ବଳି ଏବଂ ବିଷ୍ଣୁଭକ୍ତିରେ ପ୍ରହ୍ଲାଦ ତୁଲ୍ୟ ହେବ । ଏ ବହୁତ ଯଜ୍ଞ କରିବା ସହିତ ଅସମର୍ଥର ସମର୍ଥ ପାଲଟିବ । ଶେଷରେ ବ୍ରହ୍ମଶାପରୁ ମୃତ୍ୟୁହେବା ଜାଣି ସମସ୍ତ ତ୍ୟାଗକରି ବିଷ୍ଣୁଙ୍କର ଶରଣାଗତ ହେବା ସହ ପରମପଦକୁ ପ୍ରାପ୍ତହେବ ।

### ୧୩ଶ ଅଧ୍ୟାୟ
### ॥ ବିଦୁରଙ୍କ ଉପଦେଶ କ୍ରମେ ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ବନ ଗମନ ॥

ବିଦୁର ମୈତ୍ରେୟଙ୍କ ନିକଟରୁ ବିଦାୟ ନେଇ ନାନା ତୀର୍ଥ ପରିଭ୍ରମଣ କରି ଶେଷରେ ଯୁଧିଷ୍ଠିରଙ୍କୁ ସଙ୍ଖୋଳିବା ପାଇଁ ହସ୍ତିନାପୁରକୁ ଗଲେ । ଯୁଧିଷ୍ଠିର ବିଦୁରଙ୍କ ଯଥାପୂର୍ବକ ମାନ୍ୟ କରି ଏତେ ଦିନ କୋଉଠି ଥିଲେ ବୋଲି ପ୍ରଶ୍ନ କଲେ । ବିଦୁର ସବୁ ଗୋଟି ଗୋଟି ବଖାଣିଲେ ବି ଦ୍ୱାରିକାରେ ଯଦୁବଂଶ ଧ୍ୱଂସ ହେବା କଥା ଜାଣିଶୁଣି କହିଲେ ନାହିଁ । ମର୍ତ୍ତ୍ୟମଣ୍ଡଳରେ ମାଣ୍ଡବ୍ୟ ଋଷିଙ୍କ ଶାପଗ୍ରସ୍ତ ହୋଇ ଧର୍ମଦେବତା ସ୍ୱୟଂ ବିଦୁର ଭାବରେ ଜନ୍ମ ନେଇଥିଲେ । ସେ ଅନୁମାନ କଲେ ଯେ ପାଣ୍ଡବମାନେ ଯୁଦ୍ଧ ଜୟପରେ ପକ୍କା ସଂସାରୀ ହୋଇଯାଇଛନ୍ତି । ଅବଶ୍ୟ ଯୁଧିଷ୍ଠିର ଏମାନଙ୍କୁ ନିଶ୍ଚିତ ସତମାର୍ଗରେ ନେଇଯିବାର ବିଶ୍ୱାସ ତାଙ୍କ ମନରେ ଥିଲା, ଏଣୁ ସେ ଧୃତରାଷ୍ଟ୍ରଙ୍କ ପାଖକୁ ଯାଇ ତାଙ୍କୁ ବହୁ ଭାବରେ ବୁଝାଇ ଶରୀର ମୋହରୁ ଦୂରେଇଯିବାକୁ କହନ୍ତେ ଧୃତରାଷ୍ଟ୍ର ଓ ଗାନ୍ଧାରୀ ସନ୍ୟାସ ନେବା ପୂର୍ବକ ବଣକୁ ଯିବାକୁ ସ୍ଥିର କରି ବନଗମନ କଲେ । ଯୁଧିଷ୍ଠିର ଆସି ଧୃତରାଷ୍ଟ୍ର କାହାନ୍ତି ବୋଲି ବୁଝନ୍ତେ ମହର୍ଷି ନାରଦ ପହଞ୍ଚି ସଂସାରର ଅନିତ୍ୟତା ସମ୍ପର୍କରେ କହିବା ସହ ଧୃତରାଷ୍ଟ୍ର ବର୍ଣ୍ଣାଶ୍ରମ ନିୟମ ମାନି ବନକୁ ଗମନ କରିବା ପୂର୍ବକ ସପ୍ତସ୍ରୋତା ନଦୀ ତୀରରେ କାମନା ବାସନା ବିସର୍ଜନ ପୂର୍ବକକେବଳ ଜଳପାନ କରି ଶାନ୍ତ ଚିତ୍ତରେ ବାସ କରୁଥିବା କଥା କହିଲେ ।

### ୧୪ଶ ଅଧ୍ୟାୟ
### ॥ ଶ୍ରୀକୃଷ୍ଣଙ୍କ ତିରୋଧାନ ॥

ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ଦେହତ୍ୟାଗ ପରେ ଯୁଧିଷ୍ଠିର ସମସ୍ତ ପ୍ରେତକାର୍ଯ୍ୟ ସମାପନ କଲେ । ସେ ସମୟରେ ଅର୍ଜୁନ ଦ୍ୱାରିକାରେ ଥାଆନ୍ତି । ବହୁ ଦିନ ବିତିଯାଇଥିବାରୁ ଶ୍ରୀକୃଷ୍ଣଙ୍କ ଖବର କିଛି ନପାଇ ଉଦବିଗ୍ନରେ ଥିବା ସମୟରେ ନାନା ଅଶୁଭ ସଂକେତ ଯୁଧିଷ୍ଠିରଙ୍କୁ ବ୍ୟତିବ୍ୟସ୍ତ କରିପକାଉଥାଏ । ସେ ଭୀମସେନଙ୍କୁ ଡାକି ୭ ମାସହେଲା ଅର୍ଜୁନ ଦ୍ୱାରିକାକୁ ଯିବା ଏବଂ ସେଠାରୁ କିଛି ଖବର ନଆସିବା ତଥା ଅସମୟରେ ବିଭିନ୍ନ ଅପଶକୁନମାନ ଦେଖା ଯାଉଥିବା ଏବଂ ଶ୍ରୀକୃଷ୍ଣଙ୍କ ପାଇଁ ମନ ଚଞ୍ଚଳ ହେଉଥିବା କଥା କହିବା ସହ ଅସ୍ଥିର ଭାବରେ ଇତସ୍ତତଃ ପାଦଚାଳନା କରିବାକୁ ଲାଗିଲେ । ଠିକ ଏହି ସମୟରେ ବିଷଣ୍ଣ, ମ୍ରିୟମାଣ ଅର୍ଜୁନ ସେ ସ୍ଥାନରେ ଉପସ୍ଥିତ ହୁଅନ୍ତେ ଯୁଧିଷ୍ଠିର ତାଙ୍କୁ ଦ୍ୱାରିକାର ସବୁ କୁଶଳ ତ ପଚାରିଲେ ? ତା ସହିତ ଅର୍ଜୁନଙ୍କ ବିଷଣ୍ଣତାର କାରଣ ପଚାରିଲେ । ଏ ଭଳି କିଛି କୁକର୍ମ ହୋଇ ଯାଇଛିକି ଯାହା ପାଇଁ ତମେ ଏତେ ବିଷଣ୍ଣ ହୋଇଛ ବୋଲି ପଚାରିଲେ ।

### ୧୫ଶ ଅଧ୍ୟାୟ
### ॥ ପାଣ୍ଡବମାନଙ୍କ ସ୍ୱର୍ଗାରୋହଣ ॥

ନିଜର ପ୍ରିୟସଖା ଶ୍ରୀକୃଷ୍ଣଙ୍କୁ ହରାଇଥିବା ଅର୍ଜୁନ ବିଷାଦିତ ଥିବା ସମୟରେ ପୂଜ୍ୟ ଜ୍ୟେଷ୍ଠଭ୍ରାତାଙ୍କର ଏ ଅବସ୍ଥା ଦେଖି ସତେ ଯେପରି ମୂକ ପାଲଟି ଗଲେ । ସେ କିଛି କହିନପାରି କେବଳ କାନ୍ଦିବାକୁ ଲାଗିଲେ । କିଛି ସମୟ ପରେ ପ୍ରକୃତିସ୍ଥ ହୋଇ କହିଲେ, ହେ ଅଗ୍ରଜ ! ପାଣ୍ଡବମାନଙ୍କର ରକ୍ଷାକର୍ତ୍ତା ସମସ୍ତଙ୍କୁ ଠକିଦେଇ ନିତ୍ୟଧାମକୁ ଚାଲିଯାଇଛନ୍ତି । ଏହା କହିବା ସହ ଶ୍ରୀକୃଷ୍ଣଙ୍କର ଲୀଳା କହିଚାଲିଲେ । ଶେଷରେ ଶ୍ରୀକୃଷ୍ଣ ତାଙ୍କର ଶକ୍ତି ହରଣ କରିବା ଏବଂ ତାଙ୍କ ନିର୍ଦ୍ଦେଶରେ ଶ୍ରୀକୃଷ୍ଣଙ୍କ ପତ୍ନୀମାନଙ୍କୁ ଦ୍ୱାରିକାରୁ ନେଇ ଆସୁଥିବା ବେଳେ ପଥରେ ଦଳେ ଗୋପାଳ ମତେ ଅନାୟସରେ ପରାସ୍ତ କରିବା କଥା କହିଲେ । ଦ୍ୱାରିକା ଛାଡିବା ପୂର୍ବରୁ ଶ୍ରୀକୃଷ୍ଣ ନିଜଠାରୁ ସୃଷ୍ଟ ଯଦୁବଂଶକୁ କଣ୍ଟାରେ କଣ୍ଟାକୁ କାଢିବା ଭଳି ନିଜ ଭିତରେ ବିବାଦ ଲଗାଇ ନିଶ୍ଚିହ୍ନ କରିଦେଲେ । ଅର୍ଜୁନ ନିଜର ଅଗ୍ରଜ ଆଗରେ ମନ ଭିତରେ ଥିବା ସମସ୍ତ ଦୁଃଖକୁ ବଖାଣିସାରିବା ପରେ ଟିକିଏ ଆଶ୍ୱସ୍ତ ହେଲେ । ତାଙ୍କର ଶ୍ରୀକୃଷ୍ଣ ଦେଇଥିବା ଗୀତାଜ୍ଞାନ ସ୍ମରଣ ହେଲା । ସେ ଶୋକ ତ୍ୟାଗ କଲେ । ଯୁଧିଷ୍ଠିର ଭଗବାନ ଶ୍ରୀକୃଷ୍ଣଙ୍କ ତିରୋଧାନ କଥା ଶୁଣି ଅତ୍ୟନ୍ତ ଧୈର୍ଯ୍ୟ ଅବଲମ୍ବନ ପୂର୍ବକ ନିଜର ଚାରିଭାଇ ଓ ଦ୍ରୌପଦୀଙ୍କୁ ପୃଥିବୀରେ ସେମାନଙ୍କ କାର୍ଯ୍ୟ ସମାପ୍ତ ହୋଇଯାଇଥିବା କାରଣରୁ ଏବଂ ମୃତ୍ୟୁରୂପୀ କାଳ ଆମକୁ କବଳିତ କରିବା ପୂର୍ବରୁ କଳିଶାସିତ ପୃଥିବୀକୁ ତ୍ୟାଗ କରିବାକୁ କହିଲେ । ସମସ୍ତେ ଅଗ୍ରଜଙ୍କର ପରାମର୍ଶକୁ ଗ୍ରହଣ କଲେ । ଏହାଭିତରେ ମହାତ୍ମା ବିଦୁର ମଧ୍ୟ ପ୍ରଭାସ କ୍ଷେତ୍ରରେ ଶରୀର ତ୍ୟାଗ କରିସାରିଥିବାରୁ ଏକ ଶୁଭ ଦିନ ଦେଖି ପରୀକ୍ଷିତଙ୍କୁ ରାଜ୍ୟଭାର ଅର୍ପଣ ପୂର୍ବକ ମହାଯାତ୍ରାରେ ଅଗ୍ରସର ହେଲେ ।

### ୧୬ଶ ଅଧ୍ୟାୟ
### ॥ ପରୀକ୍ଷିତଙ୍କ ଦିଗବିଜୟ ତଥା ଧର୍ମ ଓ ପୃଥିବୀଙ୍କ କଥୋପକଥନ ॥

ପରୀକ୍ଷିତ ଗୁରୁ,ବ୍ରାହ୍ମଣଙ୍କ ଉପଦେଶରେ ଉତ୍ତମ ରୂପେ ପ୍ରଜାପାଳନ କଲେ । ସେ ନିଜ ମାତୁଳ ଉତ୍ତରଙ୍କ କନ୍ୟା ଇରାବତୀଙ୍କୁ ବିବାହ କରିବା ସହ ତାଙ୍କର ଜନ୍ମେଜୟ ଆଦି ଚାରିପୁତ୍ର ଜନ୍ମ ନେଲେ । ତିନୋଟି ଅଶ୍ୱମେଧ ଯଜ୍ଞ କରି ଦେବତାଙ୍କୁ ସନ୍ତୁଷ୍ଟ କରିଥିବା ରାଜା ଏକଦିନେ ଦିଗବିଜୟରେ ଯାଉଥିବା ସମୟରେ ଯାତ୍ରା ପଥରେ ରାଜ ବେଶଧାରୀ ଜଣେ ଶୂଦ୍ର (କଳୀ) ଗୋଟିଏ ବୃଷଭ ଓ ଗାଇକୁ ପଦାଘାତ କରୁଛି । ପରୀକ୍ଷିତ କଳିକୁ ଚିହ୍ନିପାରି ବନ୍ଦୀ କଲେ । ଶୌନକ ପଚାରିଲେ, ହେ ସୂତମୁନୀ !ରାଜା ପରୀକ୍ଷିତ କଳିକୁ ହଠାତ ବନ୍ଦୀ କଲେ କାହିଁକି ? ସୂତ କହିଲେ ଦୈବପ୍ରେରିତ କଳୀକୁ ହଠାତ ବିସ୍ତାର ନ କରିପାରିବା ପାଇଁ ସେ ତାଙ୍କୁ ବନ୍ଧନ କଲେ । କଳିଯୁଗରେ ମନୁଷ୍ୟ ସ୍ୱଳ୍ପାୟୁ । ଏଣୁ ମୁନୀମାନେ ଦୀର୍ଘକାଳ ହରି ଲୀଳାମୃତ ପାନ କରିବାକୁ ଯମଦେବତାଙ୍କୁ ଯଜ୍ଞକୁ ଆବାହନ କରିବା ସହ ସେଠାରେ ଶାନ୍ତି କର୍ମରେ ନିଯୁକ୍ତ କଲେ ଫଳରେ ଯମ ସେ ସ୍ଥାନରେ ଥିବା ପର୍ଯ୍ୟନ୍ତ କେହି ମୃତ୍ୟୁ ବରଣ କରିବେ ନାହିଁ । ପରୀକ୍ଷିତ ରାଜ୍ୟର ଗାୟକମାନଙ୍କଠାରୁ ଶ୍ରୀକୃଷ୍ଣଙ୍କ ସମ୍ପର୍କରେ ଜ୍ଞାତହେଲେ । କିଭଳି ତାଙ୍କର ଦୟାରୁ ମାତୃଗର୍ଭରୁ ସେ ରକ୍ଷା ପାଇଛନ୍ତି ତାହା ମଧ୍ୟ ଜାଣି ତାଙ୍କର କୃଷ୍ଣ ପ୍ରୀତି ଶତଗୁଣ ବଢିଗଲା । ଏକଦା ଶିବିର ନିକଟରେ ବୃଷଭରୂପୀ ସ୍ୱୟଂ ଧର୍ମଦେବତାଙ୍କୁ ଏକାପାଦରେ ଭ୍ରମଣ କରୁଥିବା ଦେଖିଲେ । ତାହା ସହିତ ପୃଥିବୀ ଦେବୀ ଗୋଟିଏ ବତ୍ସାବିହୀନା ଗାଭୀ ରୂପରେ ଅତ୍ୟନ୍ତ ଦୁଃଖ ଓ ଅଶ୍ରୁପୂର୍ଣ୍ଣ ଲୋଚନରେ ଭ୍ରମଣ କରୁଥିବାର ଦେଖିଲେ । ଧର୍ମଦେବ ପୃଥିବୀ ଦେବୀଙ୍କୁ ପଚାରିଲେ, ହେ ମାତା ! ତୁମେ କାହିଁକି ଏପରି ଶୋକାକୁଳା, ଶ୍ରୀହୀନା ହୋଇଛ ? କ'ଣ ଧରିତ୍ରୀ ବ୍ୟାପୀ ଯାଇଥିବା ଅଧର୍ମ କାରଣରୁ ନା ପରବର୍ତ୍ତୀ କାଳରେ ଶୂଦ୍ରମାନଙ୍କର ଶାସନ ଭୟରେ,ନା ସଂସାରରେ ଦେଖାଯାଉଥିବା ଅଧୋଗତି ସମ୍ପର୍କରେ ଚିନ୍ତା କରି, ନା ଶ୍ରୀକୃଷ୍ଣ ଧରାଧାମ ପରିତ୍ୟାଗ କରିଥିବା କାରଣରୁ ଏଭଳି ମ୍ରିୟମାଣ ହୋଇଯାଇଛ ? ତହୁଁ ପୃଥିବୀ ମାତା କହିଲେ, ଧର୍ମଦେବ ! ତୁମ ଅନୁମାନ ଠିକ । ଭଗବାନ ଛାଡି ଯାଇଥିବା ଏ ପୃଥିବୀ କଳିଗ୍ରସ୍ତା ହୋଇଛି ଫଳରେ ମୁଁ ଏଭଳି ଶ୍ରୀହୀନା ହୋଇପଡିଛି । ଦେବତା, ଋଷି, ପିତୃ ଓ ସାଧୁସନ୍ଥ, ଚତୁର୍ବର୍ଣ୍ଣାଶ୍ରମୀ ମାନଙ୍କର କି ଅବସ୍ଥା ହେବ ଚିନ୍ତା କରି ମୋର ଏ ଅବସ୍ଥା, ତା'ଛଡା ତୁମର ଭଗ୍ନପାଦ ମଧ୍ୟ ମୋ ଚିନ୍ତାର କାରଣ । ଯାହାଙ୍କର ପଦରଜ, ନିତ୍ୟଲୀଳା ଏ ପୃଥିବୀକୁ ସ୍ୱର୍ଗ କରିଥିଲା ସେ ଆମ ସମସ୍ତଙ୍କୁ ଛାଡି ଚାଲିଯିବା ମୁଁ ସର୍ବଂସହା ହୋଇ ମଧ୍ୟ ସହ୍ୟ କରିପାରୁନାହିଁ ।

(କ୍ରମଶଃ)

+ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

# ଫ୍ରିଜ ପାଣି ପିଇବା ଅଭ୍ୟାସରେ ପରିଣତ ହେଲାଣି କି ? ହୋଇପାରେ ଘାତକ

ଅସହ୍ୟ ତାତିରେ ମଣିଷ କଲବଲ ହେଉଥିବା ବେଳେ ଘରେ ପଶିଗଲେ ସେଥିରୁ ମିଳିଥାଏ ମୁକ୍ତି। ଆଉ ଘରେ ଫ୍ରିଜ ଖୋଲି ଥଣ୍ଡା ପାଣି ପିଇ ଦେଲେ ମିଳିଥାଏ ପରମ ତୃପ୍ତି। ଥଣ୍ଡା ପାଣି ସଙ୍ଗେସଙ୍ଗେ ଆପଣଙ୍କୁ ଖୁବ୍ ଭଲ ଲାଗିଥାଇପାରେ ମାତ୍ର ଏହାର ପରିଣାମ ହୋଇପାରେ ଘାତକ । ଆପଣଙ୍କୁ ମାଡ଼ି ବସିପାରେ ବହୁ ସାଂଘାତିକ ରୋଗ।

ଫ୍ରିଜରେ ସିଧା ଥଣ୍ଡା ପାଣି ବାହର କରି ପିଇଲେ କେବଳ ଯେ ମେଦବହୁଳତା ବୃଦ୍ଧି ପାଇଥାଏ ତା' ନୁହେଁ, ଏହାକୁ ବାଦ ଦେଲେ ଆହୁରି ବହୁ ରୋଗରେ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଥାଏ। ଏହାଦ୍ୱାରା ଅଚାନକ ଶରୀରର ତାପମାତ୍ରା ବଦଳୁଥିବାରୁ ବହୁତ କ୍ଷତି ହୋଇଥାଏ। ଅତ୍ୟଧିକ ଥଣ୍ଡା ପାଣି କିମ୍ବା ଅନ୍ୟ କୌଣସି ତରଳ ପଦାର୍ଥ ପିଇବା ଦ୍ୱାରା ରକ୍ତ ନଳୀ ସଙ୍କୁଚିତ ହୋଇ ଯାଇଥାଏ। ଏପରି ସ୍ଥିତିରେ ଆମ ଶରୀର ପାଚନ ପ୍ରକ୍ରିୟା କରି ନ ପାରି ତାପମାତ୍ରକୁ ନିୟନ୍ତ୍ରଣ କରିବାକୁ ଲାଗିଥାଏ।

*ହୃଦଘାତ ଆଶଙ୍କା*

ଥଣ୍ଡା ପାଣି ଶରୀର ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ। ଏହାଦ୍ୱାରା ରକ୍ତ ଧିମା ଗତିରେ ଶରୀରରେ ପ୍ରବାହିତ ହେବା ସହ ଶୀରା ପ୍ରଶିରା ସଙ୍କୁଚିତ ହୋଇ ଯାଇଥାଏ। ଏପରିକି ନିୟମିତ ଭାବେ ଥଣ୍ଡା ପାଣି ପିଇବା ଦ୍ୱାରା ବେଳେ ବେଳେ ଶୀରା ପ୍ରଶିରା କଠୋର ହୋଇ ଯାଇଥାଏ। ଫଳରେ ଦୃଦଘାତର ଆଶଙ୍କା ବଢ଼ିଯାଏ ।

*ମେଦ ବହୁଳତା ବୃଦ୍ଧି*

ଥଣ୍ଡା ପାଣି ଅତ୍ୟଧିକ ପିଇଲେ ଚର୍ବି ଜମା ହୋଇ ଯାଇଥାଏ। ଏଥିସହ ଏହା ତରଳିବା କଷ୍ଟକର ହୋଇ ପଡ଼ିଥାଏ। ଏହାଦ୍ୱାରା ମୋଟାପଣ କମାଇବା ତଥା ଚର୍ବିକୁ ତରଳାଇବା କାଠିକର ପାଠ ହୋଇ ପଡ଼ିଥାଏ।



ଯଦି ଆପଣ ନିଜ ମେହବହୁଳତା ହ୍ରାସ କରିବାକୁ ଚାହୁଁଛନ୍ତି ତା' ହେଲେ ଥଣ୍ଡା ପାଣିକୁ ବାଏ ବାଏ କୁହନ୍ତୁ । ଆଉ ନର୍ମାଲ କିମ୍ବା ହାଲକା ଉଷୁମ ପାଣି ପିଇବା ଆରମ୍ଭ କରନ୍ତୁ।

*ପ୍ରଭାବିତ ହୁଏ ପାଚନ ପ୍ରକ୍ରିୟା*

ଥଣ୍ଡା ପାଣି ପିଇବା ଦ୍ୱାରା ପାଚନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥାଏ। ଏହାଦ୍ୱାରା ବଡ଼ ଅନ୍ତନଳୀ ସଙ୍କୁଚିତ ହେବାକୁ ଲାଗିଥାଏ। ଫଳରେ କବଜ ସମସ୍ୟା ଦେଖାଦିଏ । ପାଚନ ପ୍ରକ୍ରିୟା ଠିକ୍ ଭାବେ ନ ହୋଇ ପାରିଲେ ଗ୍ୟାସ୍ ? ଓ ଏସିଡିଟି ସମସ୍ୟା ଦେଖା ଦେଇଥାଏ।

# ଉଚ୍ଚ କୋଲେଷ୍ଟ୍ରଲ ସ୍ୱାସ୍ଥ୍ୟ ପାଇଁ ହାନିକାରକ: କିପରି ନିୟନ୍ତ୍ରଣରେ ରଖିବେ ଜାଣନ୍ତୁ

**ଶରୀରରେ କୋଲେଷ୍ଟ୍ରଲ ସ୍ତର ବୃଦ୍ଧି ଅନେକ ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ। ସେହିପରି କୋଲେଷ୍ଟ୍ରଲ ସ୍ତର ହ୍ରାସ ପାଇଲେ ମଧ୍ୟ ନାନା ରୋଗ ମାଡିବସେ। ତେଣୁ ସୁସ୍ଥ ରହିବା ପାଇଁ ଶରୀରରେ କୋଲେଷ୍ଟ୍ରଲ ସ୍ତରକୁ ନିୟନ୍ତ୍ରଣରେ ରଖିବା ଅତ୍ୟନ୍ତ ଜରୁରୀ। ଭିଟାମିନ ବି-୧୨ ହେଉଛି ଏପରି ପୁଷ୍ଟିକର ଖାଦ୍ୟ, ଯାହା କୋଲେଷ୍ଟ୍ରଲ ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବା ସହ ସାମଗ୍ରିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ। କେଉଁ ସବୁ ଖାଦ୍ୟରୁ ଭିଟାମିନ ବି-୧୨ ପାଇପାରିବେ, ଜାଣନ୍ତୁ...**



*ପାଳଙ୍ଗ*

ପାଳଙ୍ଗ ଶାଗ କେବଳ ଯେ ଆଇରନର ଉତ୍ତମ ଉତ୍ସ ତାହା ନୁହେଁ, ଏଥିରେ ଭିଟାମିନ୍ ବି୧୨ ମଧ୍ୟ ଭରପୂର ଥାଏ। ନିୟମିତ ପାଳଙ୍ଗ ଶାଗ ଖାଇବା ଫଳରେ ଉଚ୍ଚ କୋଲେଷ୍ଟ୍ରଲ ସ୍ତରକୁ ନିୟନ୍ତ୍ରଣ କରାଯାଇ ପାରିବ ଏବଂ ହୃଦୟର ସ୍ୱାସ୍ଥ୍ୟରେ ଉନ୍ନତି ଆସିପାରିବ।

*ବ୍ରୋକଲି*

ବ୍ରୋକଲି ମଧ୍ୟ ଭିଟାମିନ ବି୧୨ର ଏକ ଉତ୍ତମ ଉତ୍ସ। ଖାଦ୍ୟରେ ବ୍ରୋକଲି ଅନ୍ତର୍ଭୁକ୍ତ କରି ଉଚ୍ଚ କୋଲେଷ୍ଟ୍ରଲ ନିୟନ୍ତ୍ରଣ ଏବଂ ହୃଦୟ ସ୍ୱାସ୍ଥ୍ୟରେ ଉନ୍ନତି ଆଣିପାରିବେ।

*ସାଲମନ*

ସାଲମନରେ ଭିଟାମିନ୍ ବି୧୨ ଭରପୂର ଥାଏ। ନିୟମିତ ଭାବେ ସାଲମନ ଖାଇବା ଦ୍ୱାରା ଉଚ୍ଚ କୋଲେଷ୍ଟ୍ରଲ ସ୍ତର ହ୍ରାସ ହୋଇପାରେ।

କାଲେ

ପାୱାରହାଉସ୍ ପରିବା ଭାବେ ପରିଗଣିତ ସବୁଜ ପନିପରିବା ମଧ୍ୟରୁ କାଲେ ଅନ୍ୟତମ। ଏଥିରେ ଭିଟାମିନ୍ ବି୧୨ ସହ ଅନେକ ଜରୁରୀ ପୋଷକ ତତ୍ତ୍ୱ ଥାଏ। ନିୟମିତ ଭାବେ କାଲେ ଖାଇବା ଦ୍ୱାରା କୋଲେଷ୍ଟ୍ରଲ ସ୍ତର ହ୍ରାସ ହୋଇପାରେ।

*ଗ୍ରୀନ୍ ମଟର*

ଗ୍ରୀନ୍ ମଟରରେ ମଧ୍ୟ ଭିଟାମିନ୍ ବି୧୨ ଥାଏ। ଖାଦ୍ୟରେ ଗ୍ରୀନ୍ ମଟର ଅନ୍ତର୍ଭୁକ୍ତ କରିବା ଦ୍ୱାରା ହୃଦୟ ସମ୍ବନ୍ଧୀୟ ସମସ୍ୟାର ଆଶଙ୍କା କମିଯାଏ ଏବଂ ହୃଦୟ ସ୍ୱାସ୍ଥ୍ୟରେ ଉନ୍ନତି ଆସିଥାଏ।

*ଅଣ୍ଡା*

ପ୍ରୋଟିନ ଯୁକ୍ତ ଅଣ୍ଡା ଖାଇବା ଦ୍ୱାରା ଭିଟାମିନ୍ ଇ୧୨ ଅଭାବ ମଧ୍ୟ ଦୂର ହୋଇପାରିବ। ଏଥିସହ ଅଣ୍ଡାରେ ଥିବା ପ୍ରୋଟିନ କୋଲେଷ୍ଟ୍ରଲ ସ୍ତରକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୋଇପାରେ।

# ଏପରି ପ୍ରସ୍ତୁତ କରନ୍ତୁ ଛତୁ ପୋସ୍ତ ବରା



ଆବଶ୍ୟକ ସାମଗ୍ରୀ: ଛତୁ, ବେସନ, ମସଲା ଗୁଣ୍ଡ, ରସୁଣ କଟା, ପୋସ୍ତ ବଟା, ଜୀରା ବଟା, ପିଆଜ, ଅଦା, ଲଙ୍କା, ଲୁଣ, ଆଳୁ ଓ ତେଲ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଛତୁକୁ ଛୋଟ ଛୋଟ କାଟି ତାକୁ ଭଲ ଭାବରେ ଧୋଇ ଦିଅନ୍ତୁ। ପରେ ତାକୁ ପାଣିରେ ସିଝାଇ ଦିଅନ୍ତୁ। ଏହା ସିଝି ଗଲା ପରେ ତାକୁ ଥଣ୍ଡା ହେବା ପାଇଁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଏହା ଥଣ୍ଡା ହୋଇଗଲା ପରେ ସେଥିରେ ବେସନ, ମସଲା ଗୁଣ୍ଡ, ରସୁଣ କଟା, ପୋସ୍ତ ବଟା, ଜିରା ବଟା, କଟା ପିଆଜ, କଟା ଅଦା, କଞ୍ଚା ଲଙ୍କା, ସ୍ୱାଦ ଅନୁସାରେ ଲୁଣ, ସିଝା ଆଳୁ ଓ ତେଲ ପକାଇ ଭଲ ଭାବେ ଚକଟି ଦିଅନ୍ତୁ। ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ପେଷ୍ଟରୁ ବରା ଆକାରରେ ଗଢନ୍ତୁ। ପରେ ତାକୁ ତେଲରେ ଛାଣନ୍ତୁ। ବରାର ଦୁଇ ପାଖ ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଗରମ ଗରମ ଛତୁ ପୋସ୍ତ ବରା।

# ଉଠ୍ ବସହେବା ଉପକାରୀ

ସ୍କୁଲ ସମୟରେ କିଛି ଭୁଲ ହେଲେ ଦଣ୍ଡସ୍ୱରୂପ ଉଠବସ ହେବା ଅନେକଙ୍କ କ୍ଷେତ୍ରରେ ଘଟିଥାଏ । ସ୍କୁଲ ଜୀବନରେ ଏହା ଏକ ସାଧାରଣ ଦଣ୍ଡ। ତେବେ ଶ୍ରେଣୀରେ ସମସ୍ତଙ୍କ ଆଗରେ ଉଠବସ୍ ହେବାକୁ ନିଶ୍ଚୟ ଲାଜ ଲାଗେ । ଏପରି ଦଣ୍ଡ କିନ୍ତୁ ଶରୀର ଓ ମସ୍ତିଷ୍କ ପାଇଁ ଉପକାରୀ ହୋଇଥାଏ ନିକଟରେ କରାଯାଇଥିବା ଗବେଷଣାରେ ମଧ୍ୟ ଏହା ପ୍ରମାଣିତ ହୋଇଛି । କାନ ଧରି ଉଠବସ ହେବା କୌଣସି ଯୋଗାଭ୍ୟାସଠାରୁ କମ ନୁହେଁ । ଉଠବସ ହେବା ସମୟରେ କାନର ତଳଭାଗକୁ ଧରିଥାନ୍ତି । ଏହି ସ୍ଥାନରେ କେତେକ ସ୍ୱତନ୍ତ୍ର ଆକ୍ୟୁପଏଣ୍ଟ ରହିଛି । କାନ ଧରିବା ଦ୍ୱାରା ସେସବୁ ବିନ୍ଦୁରେ ଚାପ ପଡ଼ିଲେ ମସ୍ତିଷ୍କର କେତେକ ବିଶେଷ ତନ୍ତିତକା ଅଧିକ ସକ୍ରିୟ ହୋଇଯାନ୍ତି ଏବଂ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବଢ଼େ । ଉଠବସ୍ ହେବା ସମୟରେ ସ୍ମୃତିଶକ୍ତି ବାମ ଓ ଡାହାଣ ଭାଗର କାର୍ଯ୍ୟପ୍ରଣାଳୀରେ ସାମଞ୍ଜସ୍ୟ ଆସେ ।

# ଧ୍ୱନି ପ୍ରତିଧ୍ୱନି



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସମାଲୋଚନାର ସୀମା...

ଇଂରାଜୀରେ ସମାଲୋଚନା ସମ୍ବନ୍ଧରେ ଶୀର୍ଷକରେ ପ୍ରବନ୍ଧଟିଏ ରହିଛି, ଯାହା ଜଣେ ପ୍ରକୃତ ସମାଲୋଚକଙ୍କର କେଉଁସବୁ ସୁଗୁଣ ରହିବା ଉଚିତ, ତାହା ପରିଭାଷିତ କରିଥାଏ। ଏହା ଅନୁସାରେ ଜଣେ ସମାଲୋଚକ ପ୍ରଥମେ ସମାଲୋଚନାର ଶରବ୍ୟ ବ୍ୟକ୍ତିଙ୍କ ଭଲ କାମକୁ ଦର୍ଶାଇବା ଆବଶ୍ୟକ, ତା' ପରେ ହିଁ ତାଙ୍କର ତ୍ରୁଟି ବାହାର କରି ତା'ର କାରଣ ଓ ନିରାକରଣ ଉପରେ ଆଲୋଚନା କରିବା ଚାହି । ପରନ୍ତୁ, ଆଜିକା ସମୟରେ ନୀତି ନିୟମ ସବୁ ପୋଥି କଥା, ଅର୍ଥାତ୍ ପୋଥି ବାଇଗଣ ! କୁହାଯାଇଛି, ଯେତେବେଳେ କୌଣସି କଥା ଉପରେ ସନ୍ଦେହ ଉପୁଜୁଛି, ସେତେବେଳେ ତା'ର ମୂଳକୁ ଯାଅ। ନିର୍ବାଚନ ପ୍ରଚାର ଯେତେ ଯେତେ ଘନେଇ ଆସେ, ଜଣେ ସେତେ ସେତେ ସମ୍ବିଧାନ, ଆଇନ କାନୁନ୍, ଏବଂ ଆଦର୍ଶ ଆଚରଣ ବିଧି (ଏମ୍‌ସିସି)କୁ ପରୀକ୍ଷା କରି ଦେଖିବା ଉଚିତ, ଏଇଥିପାଇଁ ଯେ ଯେଉଁ ତାଙ୍କ ଅଧୀନରେ ସମଗ୍ର କାର୍ଯ୍ୟ ଅର୍ଥାତ୍ ନିର୍ବାଚନ କାର୍ଯ୍ୟ ସମ୍ପନ୍ନ କରାଯିବା ଆଶା କରାଯାଏ, ସେସବୁ ଠିକ୍ ଭାବରେ ସମ୍ପାଦିତ ହେଉଛି କି ନାହିଁ । ଭାରତର ସମ୍ବିଧାନ କୁହେ, ଭାରତ ହେଉଛି ଏକ ଧର୍ମନିରପେକ୍ଷ ରାଷ୍ଟ୍ର; ଲୋକ ପ୍ରତିନିଧି ଆଇନ, ୧୯୫୧ର ଧାରା ୧୨୩(୩) କିପରି ଜଣେ ପ୍ରାର୍ଥୀ ଭୋଟ୍ ପାଇଁ ନିବେଦନ କରି ପାରିବେ ବା ଯେ କୌଣସି ବ୍ୟକ୍ତିଙ୍କୁ ଧର୍ମ, ବର୍ଣ୍ଣ, ଜାତି, ସମ୍ପ୍ରଦାୟ ବା ଭାଷା ବା ଏହାର ବ୍ୟବହାର, ବା ଧାର୍ମିକ ପ୍ରତୀକ ସମୂହ ଆଧାରରେ ସେହି ପ୍ରାର୍ଥୀଙ୍କ ନିର୍ବାଚନରେ ବିଜୟ ସମ୍ଭାବନାକୁ ଆଗେଇ ନେବା ପାଇଁ କିମ୍ବା ଯେ କୌଣସି ପ୍ରାର୍ଥୀଙ୍କର ନିର୍ବାଚନକୁ ପ୍ରଭାବିତ କରୁଥିବା ପୂର୍ବାଗ୍ରହକୁ ଏକ ଦୁର୍ନୀତିଗ୍ରସ୍ତ କାର୍ଯ୍ୟ ଭାବରେ ପରିଗଣନା କରି ସେଥିରୁ ନିବୃତ୍ତ ରହିବେ, ତାହା ଉଲ୍ଲେଖ କରିଥାଏ। ସେହି ଆଇନର ଧାରା ୧୨୩୩କ) ଜଣେ ପ୍ରାର୍ଥୀଙ୍କ ଦ୍ୱାରା ସେହି ପ୍ରାର୍ଥୀଙ୍କର ନିର୍ବାଚନର ସମ୍ଭାବନାକୁ ଆଗେଇ ନେବା ଉଦ୍ଦେଶ୍ୟରେ ବା କୌଣସି ପ୍ରାର୍ଥୀଙ୍କର ନିର୍ବାଚନକୁ ପ୍ରଭାବିତ କରିବା ନିମନ୍ତେ ପୂର୍ବାଗ୍ରହ ଦୃଷ୍ଟିରୁ ଭାରତର ନାଗରିକମାନଙ୍କର ବିଭିନ୍ନ ଶ୍ରେଣୀଙ୍କ ମଧ୍ୟରେ ଧର୍ମ, ବର୍ଣ୍ଣ, ଜାତି, ସମ୍ପ୍ରଦାୟ, ବା ଭାଷା ଆଧାରରେ ଶତ୍ରୁତା ବା ଘୃଣାତ୍ମକ ଭାବନାର ଉସୁକାଇବା, ବା ପ୍ରୋତ୍ସାହିତ କରିବାର ଉଦ୍ୟମ ସମ୍ପର୍କରେ ଉଲ୍ଲେଖ କରିଥାଏ। ଭାରତୀୟ ନିର୍ବାଚନ କମିଶନ (ଇସିଆଇ)ଙ୍କ ଦ୍ୱାରା ଜାରି କରାଯାଇଥିବା ଏମ୍‌ସି ଅନ୍ୟାନ୍ୟ ରାଜନୀତିକ ଦଳମାନଙ୍କର ସମାଲୋଚନାକୁ ସେମାନଙ୍କର ନୀତି ଏବଂ କାର୍ଯ୍ୟକ୍ରମ ସମୂହ, ଅତୀତର ରେକର୍ଡ ଏବଂ କାର୍ଯ୍ୟାବଳୀଗୁଡ଼ିକ ମଧ୍ୟରେ ସୀମିତ ରଖୁ ଚାହିଁଥାଏ। 'ଦଳ ଏବଂ ପ୍ରାର୍ଥୀମାନେ ବ୍ୟକ୍ତିଗତ ଜୀବନର ସମସ୍ତ ଦିଗର ସମାଲୋଚନାରୁ ନିଜକୁ ବିରତ କରିବେ, ଯାହା ଅନ୍ୟାନ୍ୟ ଦଳମାନଙ୍କର ନେତୃବୃନ୍ଦ ବା କର୍ମୀମାନଙ୍କ ସର୍ବସାଧାରଣ କାର୍ଯ୍ୟକଳାପଗୁଡ଼ିକ ସହିତ ସମ୍ପୃକ୍ତ ହୋଇ ନଥିବ' ଉଲ୍ଲେଖ କରିଥାଏ ଏମ୍‌ସିସିର ନିୟମାବଳୀଗୁଡ଼ିକର ଦ୍ୱିତୀୟ ଉପାଦାନଟି । ତୃତୀୟ ଉପାଦାନଟି ଉଲ୍ଲେଖ କରେ ଯେ ଭୋଟ୍ ହାସଲ କରିବା ନିମନ୍ତେ ଜାତି ବା ସାମ୍ପ୍ରଦାୟିକ ଭାବନା ପ୍ରତି କୌଣସି ନିବେଦନ କରାଯିବ ନାହିଁ । କହିବାର କଥା ହେଉଛି, ଏମ୍‌ସିସି ଯେତେବେଳେ ଏକ ସୁସ୍ଥ ନିର୍ବାଚନ ନିମନ୍ତେ ଏସବୁ ନିୟମ ଧାର୍ଯ୍ୟ କରିଛି, ସେତେବେଳେ ଖୋଦ୍ ପ୍ରଧାନମନ୍ତ୍ରୀଙ୍କ ସମେତ ଶାସକ ଦଳର ନେତାମାନେ କିପରି ବିରୋଧୀ ଦଳମାନଙ୍କ ଖାଦ୍ୟର ରୁଚି ଉପରେ ପ୍ରଶ୍ନ କରିବା ସହିତ ଏହା ଦେଶର ସଂଖ୍ୟାଗରିଷ୍ଠ ଲୋକଙ୍କୁ ଅପମାନିତ କରିବା ଉଦ୍ଦେଶ୍ୟରେ କରାଯାଇଛି ବୋଲି କହି ପାରିବେ ? ଶ୍ରୀଯୁକ୍ତ ମୋଦୀ ଶ୍ରାବଣ ମାସରେ 'ଇଣ୍ଡିଆ' ମେଣ୍ଟର ନେତାମାନେ 'ମଟନ୍' ଏବଂ ମାଛ ଖାଇବାକୁ ବିରୋଧ କରିବା ସଙ୍ଗେ ସଙ୍ଗେ ଉପସଂହାରରେ ଉପନୀତ ହୋଇଥିଲେ ଯେ ସେମାନେ 'ଦେଶର ଲୋକମାନଙ୍କ ମଧ୍ୟରେ ମୋଗଲ ମାନସିକତା ଉଦ୍ରେକ କରିବାକୁ ଚାହୁଁଥିଲେ।' ଜଣେ ଲୋକଙ୍କର ଧାର୍ମିକ ପ୍ରଥାକୁ କିପରି ଅନ୍ୟ ଜଣକ ବ୍ୟବହାରକୁ ନିରୂପଣ କରିବ ବୋଲି ଧାର୍ଯ୍ୟ କରାଯାଇ ପାରିବ ? କେମିତି 'ବ୍ୟକ୍ତିଗତ ଜୀବନର ଦିଗଗୁଡ଼ିକୁ, ଯାହା ଅନ୍ୟ ଦଳମାନଙ୍କର ନେତା ବା କର୍ମୀମାନଙ୍କ ସର୍ବସାଧାରଣ କାର୍ଯ୍ୟକଳାପ ସହିତ ସମ୍ପୃକ୍ତ ନୁହେଁ, ତାକୁ ବିରୋଧୀ ଦଳର ନେତାମାନଙ୍କୁ ସମାଲୋଚନା କରିବା ନିମନ୍ତେ ବ୍ୟବହାର କରାଯାଇ ପାରିବ ? ଏବେ ସୁଦ୍ଧା ବିଶ୍ୱରେ କେତେକ ଧର୍ମଶାସିତ ରାଷ୍ଟ୍ର ରହିଛନ୍ତି ଯେଉଁମାନଙ୍କର ଲୋକମାନଙ୍କ ଆହାର ବିହାର ବା ଖାଦ୍ୟ ପାନୀୟଠାରୁ ଆରମ୍ଭ କରି ସେମାନଙ୍କର ଚାଲିଚଳଣି ଉପରେ ନିୟନ୍ତ୍ରଣ ରଖିବାକୁ ଆଇନମାନ ରହିଛି। ବସ୍ତୁତଃ, କେତେକ ଇସଲାମୀୟ ରାଷ୍ଟ୍ରଙ୍କର ସେମାନଙ୍କ ଧର୍ମଶାସ୍ତ୍ରର ଉଲ୍ଲେଖମତେ ରମ୍‌ଜାନ୍ ମାସରେ ଉପବାସ ସମୟରେ ଲୋକମାନଙ୍କ ଖାଦ୍ୟ ଖାଇବା ଉପରେ କଟକଣା ରହିଥାଏ । ତେବେ, ସେହିସବୁ ରାଷ୍ଟ୍ର ମଧ୍ୟ ସମୟ ଅତିବାହିତ ହେବା ସହିତ ସେମାନଙ୍କର ସେଭଳି କଟକଣାଗୁଡ଼ିକୁ ଧୀରେ ଧୀରେ କୋହଳ କରି ପ୍ରଗତିର ସୂଚନା ଦେଉଛନ୍ତି ଏବଂ ବ୍ୟକ୍ତିଗତ ଜୀବନଗୁଡ଼ିକ ଉପରେ ହସ୍ତକ୍ଷେପ କରିବାରୁ ଦୂରେଇ ରହିଲେଣି। କିଛି ଲୋକ ରହିଛନ୍ତି, ଯେଉଁମାନେ ଭୋଟ୍ ପାଇବା ନିମନ୍ତେ ତୃଣମୂଳ ସ୍ତରରେ ଧାର୍ମିକ ଭାବନାର ପଙ୍ଖା ବୁଲାଇବାକୁ ପସନ୍ଦ କରିଥାନ୍ତି ; ଏଭଳି ଲୋକମାନଙ୍କ ନିମନ୍ତେ କେବଳ ରେଗୁଲେଟର ଅର୍ଥାତ୍ ନିୟନ୍ତ୍ରକଟିଏ ହିଁ କିଛି କାମ କରି ପାରିବ। କିନ୍ତୁ ଯେଉଁ ବ୍ୟକ୍ତିମାନେ ଦାୟିତ୍ୱପୂର୍ଣ୍ଣ ପଦ ପଦବୀରେ ରହିଛନ୍ତି, ସେମାନେ ଅନ୍ତତଃପକ୍ଷେ ସମ୍ବିଧାନର ବିଧି ବ୍ୟବସ୍ଥା, ଆଇନ କାନୁନ୍ ଏବଂ ଏମ୍‌ସିସିର ଅନୁପାଳନ କରନ୍ତୁ ବୋଲି ସ୍ମରଣ କରାଇ ଦେବା ଉଚିତ। ସାମ୍ପ୍ରତିକ ପରିପ୍ରେକ୍ଷୀରେ ଏହା କହିବା ହୁଏତ ଅସମୀଚୀନ ହେବନାହିଁ ଯେ ପ୍ରଧାନମନ୍ତ୍ରୀ କିଏ କ'ଣ ଖାଉଛି, ତାହା ନୁହେଁ, ବରଂ ଦେଶର ସବୁ ଲୋକଙ୍କ ଥାଳିରେ ଆହାର ନିମନ୍ତେ ପ୍ରକୃତରେ ପର୍ଯ୍ୟାପ୍ତ ପରିମାଣର ଦାନା ଅଛି କି ନାହିଁ, ତାହା ଯାଞ୍ଚ କରିବା ଅଧିକ ଶ୍ରେୟସ୍କର ମନେହୁଏ । ନିର୍ବାଚନରେ ସଚ୍ଚୋଟ ଉପାୟରେ ହାସଲ କରାଯାଇଥିବା ବିଜୟର ସ୍ୱାଦ ଅସଦୁପାୟରେ ହାସଲ କରାଯାଇଥିବା ବିଜୟଠାରୁ ଢେର୍ ଅଧିକ । ସମୟ ଉପଗତ ହୋଇଛି, ନିର୍ବାଚନ ଅନୁଷ୍ଠିତ କରାଇବା ପାଇଁ ଦେଶ ମୂଳକୁ ଫେରିବା ଉଚିତ।

## ଶିକ୍ଷିତଙ୍କ କ୍ଷେତ୍ରରେ ବେକାରି ସମସ୍ୟା



**ଶ୍ରୀବତ୍ସ ନାୟକ**

ଦେଶରେ ବୈଶାଖର ଝାଞ୍ଜି ସାଙ୍ଗକୁ ଅଷ୍ଟାଦଶ ସାଧାରଣ ନିର୍ବାଚନର ଉଷ୍ମତା ବେଶ୍ ଅନୁଭୂତ ହେଉଛି । ନେତାଙ୍କ ଠାରୁ ଜନତାଙ୍କ ପର୍ଯ୍ୟନ୍ତ ଏବଂ ସରକାରଙ୍କ ଠାରୁ ଗଣମାଧ୍ୟମ ପର୍ଯ୍ୟନ୍ତ ସମସ୍ତେ ନିର୍ବାଚନକୁ ନେଇ ଉତ୍ସାହିତ ଥିବାବେଳେ ଆନ୍ତର୍ଜାତିକ ଶ୍ରମ ସଙ୍ଗଠନ (ଆଇ.ଏଲ୍.ଓ)ର ରିପୋର୍ଟ ଏବେ ଚିନ୍ତାର ବିଷୟ ପାଲଟିଛି । ଗତ ମାର୍ଚ୍ଚ ମାସ ୨୭ ତାରିଖ ଦିନ ଆଇ.ଏଲ.ଓ ପକ୍ଷରୁ ବେକାରି ହାର ସମ୍ପର୍କରେ ଯେଉଁ ରିପୋର୍ଟ ପ୍ରକାଶ ପାଇଥିଲା ସେଥିରେ ଭାରତ ସମ୍ପର୍କରେ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି । ଏହି ସର୍ଭେ ରିପୋର୍ଟ ଦର୍ଶାଇଛି ଯେ ଦେଶରେ ଦିନକୁ ଦିନ ବେକାରି ସମସ୍ୟା ଉତ୍କଟ ହେବାରେ ଲାଗିଛି । ଏହା ଏବେ ଏକ ସାମାଜିକ ବ୍ୟାଧି ଭାବେ ଉଭା ହେଲାଣି । କେବଳ ସେତିକି ନୁହେଁ ବରଂ ନିରକ୍ଷର ବ୍ୟକ୍ତିଙ୍କ ତୁଳନାରେ ଶିକ୍ଷିତମାନଙ୍କ ଠାରେ ବେକାରି ସମସ୍ୟା ଖୁବ୍ ବେଶୀ । ନିରକ୍ଷର ବା ଅକ୍ଷର ପଢ଼ି କିମ୍ବା ଲେଖିପାରୁ ନଥିବା ବ୍ୟକ୍ତିଙ୍କ ମଧ୍ୟରେ ବେକାରି ହାର ୩.୪ ପ୍ରତିଶତ କିନ୍ତୁ ସ୍ନାତକମାନଙ୍କ ବେକାରି ହାର ୨୯.୧ ପ୍ରତିଶତ। ପାଖାପାଖି ନିରକ୍ଷରଙ୍କ ତୁଳନାରେ ସ୍ନାତକମାନଙ୍କ ବେକାରି ହେବାର ଆଶଙ୍କା ପ୍ରାୟ ୯ ଗୁଣା ଅଧିକ । ସେହିଭଳି ମାଧ୍ୟମିକ କିମ୍ବା ତଦୁର୍ଦ୍ଧ୍ୱ ଶିକ୍ଷା ଲାଭ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ବେକାରି ହାର ୧୮.୪ ପ୍ରତିଶତ। ଅର୍ଥାତ୍ ? ନିରକ୍ଷର ବ୍ୟକ୍ତିଙ୍କ ତୁଳନାରେ ଏମାନେ ବେକାରି ହେବା ଆଶଙ୍କା ୬ ଗୁଣା ଅଧିକ । ବିଶେଷତଃ ଯେଉଁମାନେ ଉଚ୍ଚଶିକ୍ଷା ଲାଭ କରିଛନ୍ତି ସେମାନଙ୍କ ମଧ୍ୟରେ ବେକାରି ସମସ୍ୟା ସମୟାନୁକ୍ରମେ ଅଧିକ ଜଟିଳ ହୋଇଛି । ଯୁବକମାନଙ୍କ ମଧ୍ୟରେ ବେକାରି ହାର ବିଶ୍ୱ ତୁଳନାରେ ଭାରତରେ ଅଧିକ ରହିଛି । ଆନୁଷ୍ଠାନିକ କ୍ଷେତ୍ରରେ ଶିକ୍ଷିତ ଯୁବକମାନଙ୍କ ଅପେକ୍ଷା ଅଣଆନୁଷ୍ଠାନିକ କ୍ଷେତ୍ରରେ ନିଯୁକ୍ତି ସଂଖ୍ୟା ତୁଳନାତ୍ମକ ଭାବେ ଅଧିକ । ଅର୍ଥାତ୍ ସରଳ ଭାବେ ବୁଝିଲେ ଭାରତରେ ଜଣେ ବ୍ୟକ୍ତି ଯେତେ ଅଧିକ ପାଠ ପଢ଼ିବେ ସେତେ ଅଧିକ ବେକାର ହେବେ । ଶିକ୍ଷିତଙ୍କ କ୍ଷେତ୍ରରେ ରୋଜଗାରର ପନ୍ଥା ଖୋଜିବା ଏକ କଷ୍ଟକର ବ୍ୟାପାର ହୋଇ ପଡ଼ିଲାଣି । ପାଠ ନପଢ଼ିଲେ କିମ୍ବା ଜ୍ଞାନ ଆହରଣ ନକରିଲେ ଜଣେ ବ୍ୟକ୍ତି ସାଧାରଣତଃ ରୋଜଗାରକ୍ଷମ ହୋଇ ନପାରେ କିନ୍ତୁ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ କୌଣସି କର୍ମ ସଂସ୍ଥାନରେ ଯୋଗ ନଦେଇ ବେକାରୀ ଭାବେ ଜୀବନ ବିତାଇବା ନିଶ୍ଚିତ ରୂପେ ଶିକ୍ଷା ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଦେଶରେ ଶିକ୍ଷିତ ଯୁବକ ଯୁବତୀମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରି ଅଣଶିକ୍ଷିତମାନଙ୍କ ପାଇଁ କର୍ମସଂସ୍ଥା ଯୋଗାଇଦେବା ଉଦ୍ଦେଶ୍ୟରେ ଭାରତ ସରକାର ଅନେକ ଗୁଡ଼ିଏ ଯୋଜନା ଯଥା ପ୍ରଧାନମନ୍ତ୍ରୀ ସ୍ୱ-ନିଧି ଯୋଜନା, ପ୍ରଧାନମନ୍ତ୍ରୀ ରୋଜଗାର ପ୍ରୋତ୍ସାହନ ଯୋଜନା, ମନରେଗା ଯୋଜନା, ସ୍କିଲ ଇଣ୍ଡିଆ ଯୋଜନା, ଜାତୀୟ ଜୀବିକା ମିଶନ ଯୋଜନା, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା, ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାମାନ ପ୍ରଣୟନ କରିଥିଲେ ମଧ୍ୟ ଶିକ୍ଷିତ ବେକାରୀ ହଟାଇବାରେ ସମର୍ଥ ହୋଇପାରିନଥିଲେ। ଭାରତ ବିଶ୍ୱଗୁରୁ ଆଡ଼କୁ ଅଗ୍ରସର ହେଉଥିବାର ନାରା ସରକାର ଦେଉଥିବା ସମୟରେ ବେକାରୀ ସମସ୍ୟାକୁ ନେଇ ଆନ୍ତର୍ଜାତିକ ଶ୍ରମ ସଙ୍ଗଠନର ମତ ରାଜନୈତିକ କ୍ଷେତ୍ରଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି ।

ବୈଦିକ ଯୁଗରୁ ଭାରତ ସଦାସର୍ବଦା ତାର ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଆସିଛି । ଭାରତର ଶିକ୍ଷା ବ୍ୟବସ୍ଥା ବିଶ୍ୱରେ ସର୍ବ ପୁରାତନ ଭାବେ ସର୍ବଜନ ବିଦିତ । ବ୍ରିଟିଶ ଶାସନ ପୂର୍ବରୁ ଭାରତର ଶିକ୍ଷା ବ୍ୟବସ୍ଥାରେ ଜାତି, ଧର୍ମ, ବର୍ଣ୍ଣର କୌଣସି ଭେଦ ଭାବ ନଥିଲା ।ଅଧିକାଂଶ ଲୋକ ଶିକ୍ଷିତ ଥିଲେ । ତତ୍କାଳୀନ ଶିକ୍ଷା ବ୍ୟବସ୍ଥା କୌଶଳ, ଶୃଙ୍ଖଳା, ଦକ୍ଷତା, କର୍ମ ଏବଂ ଆତ୍ମନିର୍ଭରଶୀଳ କେନ୍ଦ୍ରିକ ଥିଲା। ଶିକ୍ଷା ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଏହାକୁ ଜ୍ଞାନର ଏକ ମାଧ୍ୟମ ବୋଲି ବିବେଚନା କରି ସମସ୍ତେ ଜ୍ଞାନ ଆହରଣ କରି ନିଜ ନିଜର ଜୀବିକାର୍ଜନ କରୁଥିଲେ। କିନ୍ତୁ ବ୍ରିଟିଶ ଶାସନ କାଳରେ ଭାରତର ଶିକ୍ଷା ବ୍ୟବସ୍ଥା ଅବକ୍ଷୟମୁଖୀ ହୋଇଥିଲା। ସ୍ୱାଧୀନତା ପ୍ରାପ୍ତିର ୭୭ ବର୍ଷ ମଧ୍ୟରେ ଭାରତର ଶିକ୍ଷା ବ୍ୟବସ୍ଥାରେ ରାଧାକୃଷ୍ଣନ କମିଶନ(୧୯୪୮), ମୁଦାଲୀୟର କମିଶନ(୧୯୫୨), କୋଠାରୀ କମିଶନ(୧୯୬୪), ଜଶପାଲ୍ କମିଶନ(୧୯୯୨), ଙ୍କ ସୁପାରିଶ କ୍ରମେ ଶିକ୍ଷା କ୍ଷେତ୍ରରେ ପୂର୍ବ ଗୌରବକୁ ଫେରାଇ ଆଣିବା ପାଇଁ ଅନେକ ପରିବର୍ତ୍ତନ କରାଯାଇଛି । ଶିକ୍ଷା ବ୍ୟବସ୍ଥାରେ କ୍ରାନ୍ତିକାରୀ ସଂସ୍କାର ଆଣି କେନ୍ଦ୍ର ସରକାର ଦେଶରେ ସଦ୍ୟସଦ୍ୟ ନୂତନ ଶିକ୍ଷାନୀତି ୨୦୨୦ ପ୍ରଣୟନ କରିଛନ୍ତି । ସ୍ୱାଧୀନତା ପ୍ରାପ୍ତିର ୭୭ ବର୍ଷର ଲମ୍ବା ଯାତ୍ରା ମଧ୍ୟରେ ଭାରତରେ ଅନେକ କିଛି ପରିବର୍ତ୍ତନ ହୋଇଛି । ଏଠି ସରକାର ବଦଳିଛି ଏବଂ ଅନୁରୂପ ଭାବେ ଯୋଜନାରେ ମଧ୍ୟ ପରିବର୍ତ୍ତନ ହୋଇଛି କିନ୍ତୁ ଯେଉଁ ଶିକ୍ଷା ବ୍ୟବସ୍ଥା ଏକ ରାଷ୍ଟ୍ରର ମେରୁଦଣ୍ଡ ସଦୃଶ ସେ ବିଭାଗରେ ଆମେ କେଉଁଠି ନା କେଉଁଠି ବିଫଳ ହୋଇଛେ ବୋଲି ଆମକୁ ମାନି ନେବାକୁ ପଡିବ । ଅଲ୍ ଇଣ୍ଡିଆ ସର୍ଭେ ଅନ ହାୟର ଏଜୁକେଶନର ରିପୋର୍ଟ ଅନୁସାରେ ୨୦୧୬-୧୭ ଶିକ୍ଷା ବର୍ଷରେ ଆମ ଦେଶରେ ସମୁଦାୟ ବିଶ୍ୱବିଦ୍ୟାଳୟ ସଂଖ୍ୟା ୮୬୪ ଥିବାବେଳେ ୨୦୨୦-୨୧ରେ ଏହାର ସଂଖ୍ୟା ୨୮.୮ ପ୍ରତିଶତ ବୃଦ୍ଧି ପାଇ ୧୧୧୩ ହୋଇଥିଲା ଅନୁରୂପ ଭାବେ ମହାବିଦ୍ୟାଳୟ ସଂଖ୍ୟା ୪୦,୦୨୬ରୁ ୯.୪ ପ୍ରତିଶତ ବୃଦ୍ଧିପାଇ ୪୩,୭୯୬ ହୋଇଥିଲା । ଶିକ୍ଷାନୁଷ୍ଠାନର ବୃଦ୍ଧି ସାଙ୍ଗକୁ ପ୍ରତିବର୍ଷ ଭାରତରେ ସ୍ନାତକ ପାସ୍ କରୁଥିବା ପିଲାଙ୍କ ସଂଖ୍ୟା ମଧ୍ୟ ଆଶାତୀତ ବୃଦ୍ଧି ପାଉଛି । ନୂତନ ଅର୍ଥନୀତି ପଲିସି(୧୯୯୧)ରେ ଘରୋଇକରଣ, ଜଗତୀକରଣ ଓ ଉଦାରୀକରଣ ଯୋଗୁଁ କର୍ପୋରେଟ ସେକ୍ଟରରେ ପ୍ରତି ବର୍ଷ ଅନେକ ନିଯୁକ୍ତି ପ୍ରକାଶ ପାଉଥିଲେ ମଧ୍ୟ ଉପଯୁକ୍ତ ଦକ୍ଷତାର ଅଭାବ ଯୋଗୁଁ ସ୍ନାତକଧାରୀମାନେ ବଜାରର ଚାହିଦାକୁ ପୂରଣକରି ପାରୁନାହାନ୍ତି ଫଳରେ ସେମାନେ କୌଣସି କ୍ଷେତ୍ରରେ ନିଯୁକ୍ତି ପାଇ ରୋଜଗାରକ୍ଷମ ହୋଇ ପାରୁନାହାନ୍ତି। ଏହା ପ୍ରମାଣ କରୁଛି ଯେ ଶିକ୍ଷା ବ୍ୟବସ୍ଥା ଗୁଣାତ୍ମକ ଅପେକ୍ଷା ପରିମାଣାତ୍ମକ ହୋଇଯାଇଛି । ନହେଲେ ଦେଶରେ ଚତୁର୍ଥ ଶ୍ରେଣୀ ପଦ ପାଇଁ ପି.ଏଚ.ଡି ଏବଂ ଏମ.ଫିଲ୍ ଡିଗ୍ରୀଧାରୀ ଆବେଦନ କରୁନଥାନ୍ତେ । ଶିକ୍ଷା ବ୍ୟବସ୍ଥା ପ୍ରତିଯୋଗିତାମୂଳକ ହୋଇଯିବାରୁ କେବଳ ଦକ୍ଷତା ସମ୍ପନ୍ନ ପିଲାମାନେ ନିଯୁକ୍ତି ପାଉଥାନ୍ତି । ଶିକ୍ଷାରେ ସୃଜନାତ୍ମକ ଚିନ୍ତାଧାରାର ଅଭାବ ଯୋଗୁଁ ଅନ୍ୟମାନେ ନିଯୁକ୍ତିର ଅନ୍ୟାନ୍ୟ ପନ୍ଥା ନଖୋଜି ହତୋତ୍ସାହିତ ହୋଇପଡନ୍ତି ଫଳରେ ଆତ୍ମହତ୍ୟା ଭଳି ଘୃଣ୍ୟ ପନ୍ଥା ଆପଣାଇବାକୁ ପଛାନ୍ତି ନାହିଁ । ଗ୍ଲୋବାଲ ଆଇଆଇଟି ଆଲୁମିନି ସପୋର୍ଟ ଗ୍ରୁପର ପ୍ରତିଷ୍ଠାତା ଧୀରଜ ସିଂଙ୍କ ମତରେ ସର୍ବଭାରତୀୟ ସ୍ତରରେ ଉଚ୍ଚ ପ୍ରତିଯୋଗିତା ମଧ୍ୟରେ ପ୍ରବେଶିକା ପରୀକ୍ଷା ଦେଇ ଭାରତର ପ୍ରତିଷ୍ଠିତ ଆଇ.ଆଇ.ଟିରେ ଅଧ୍ୟୟନ କରୁଥିବା ୩୦ ରୁ ୪୦ ପ୍ରତିଶତ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ନିଯୁକ୍ତିକୁ ନେଇ ଏବେ ମଧ୍ୟ ସମସ୍ୟା ଲାଗି ରହିଛି ରହିଛି । କଠିନ ପରିଶ୍ରମ ସତ୍ତ୍ୱେ ଚାକିରୀ ନପାଇ ଛାତ୍ରଛାତ୍ରୀମାନେ ମାନସିକ ଚାପରେ ରହୁଛନ୍ତି । ଏହାର ପରିଣାମ ସ୍ୱରୂପ ଦିନକୁ ଦିନ ଛାତ୍ରଛାତ୍ରୀ ମାନଙ୍କର ଆତ୍ମହତ୍ୟା ବୃଦ୍ଧି ପାଉଛି । ଭାରତର ଉଚ୍ଚଶିକ୍ଷା ତୁଳନାତ୍ମକ ଭାବେ ବିଦେଶର ଶିକ୍ଷାଠାରୁ ଢେର ଶସ୍ତା ସତ୍ତ୍ୱେ ମଧ୍ୟ କେତେକ ଭାରତୀୟ ଛାତ୍ରଛାତ୍ରୀ କାନାଡା, ସିଙ୍ଗାପୁର, ଆମେରିକା, ବ୍ରିଟେନ, ଅଷ୍ଟ୍ରେଲିଆ ଆଦି ଦେଶରେ ଉଚ୍ଚଶିକ୍ଷା କରିବାକୁ ପସନ୍ଦ କରନ୍ତି । ବିଶ୍ୱଗୁରୁ ଭାବେ ଭାରତ ଆଗକୁ ବଢ଼ୁଥିବା ସମୟରେ ଭାରତର ବିଶ୍ୱବିଦ୍ୟାଳୟ ବିଶ୍ୱର ଶ୍ରେଷ୍ଠ ଶହେ ବିଶ୍ୱବିଦ୍ୟାଳୟରେ ସ୍ଥାନ ନପାଇବା, ଶିକ୍ଷା ପାଇଁ ବ୍ୟୟ ବରାଦ ଆଶାନୁରୂପ ଭାବେ ବୃଦ୍ଧି ନପାଇବା ଆମ ଶିକ୍ଷା ବ୍ୟବସ୍ଥାର ଅଭାବନୀୟ ଦୃଶ୍ୟ। ବିଶ୍ୱମହାମାରୀ ସମୟରେ କେତେକ ଜରୁରୀକାଳିନ ସେବା ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବିଭାଗକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ ରଖିଥିଲେ ସରକାର। ସରକାରଙ୍କ ଦୃଷ୍ଟିରେ ଏହା ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇନଥିବାରୁ ସରକାର ବିକଳ୍ପ ଶିକ୍ଷା ବ୍ୟବସ୍ଥାକୁ ଆପଣାଇବା ପରିବର୍ତ୍ତେ ଶିକ୍ଷାନୁଷ୍ଠାନକୁ ବନ୍ଦ କରିଦେଇଥିଲେ ଏବଂ ପରବର୍ତ୍ତୀ ସମୟରେ ପାଠ୍ୟ ଖସଡ଼ାକୁ କାଣ୍ଟଛାଣ୍ଟ କରି ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ ମଧ୍ୟ ପୂର୍ବ ପାଠ୍ୟ ଖସଡ଼ା ସଂଯୋଜିତ ବିଷୟ ଗୁଡ଼ିକ କିଭଳି ଛାତ୍ରଛାତ୍ରୀମାନେ ପଢ଼ିବେ ତାହାକୁ ନେଇ କୌଣସି ନିଷ୍ପତ୍ତି ନେଇନଥିଲେ ସରକାର ।

ସେ ସମୟରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥଲା ଶିକ୍ଷା ବିଭାଗ । ଅତୀତରେ ଅନେକ ପ୍ରାକୃତିକ ଦୈବ ଦୁର୍ବିପାକ ଯୋଗୁଁ ମଧ୍ୟ ପରୀକ୍ଷାରେ ବିଳମ୍ବ, ପରୀକ୍ଷା ଫଳପ୍ରକାଶରେ ବିଳମ୍ବ ଆଦି ନାନାଦି ଅସୁବିଧାର ସମ୍ମୁଖୀନ ହୋଇଛି ଏହି ବିଭାଗ। କେବଳ ସେତିକି ନୁହେଁ ଅଧିକାଂଶ ଶିକ୍ଷାନୁଷ୍ଠାନରେ ଶିକ୍ଷକ ଓ ଅଣଶିକ୍ଷକ ପଦ ଖାଲି ରହିବା, ନିୟମିତ ବେତନ ପାଇଁ ଶିକ୍ଷକମାନଙ୍କ ଆନ୍ଦୋଳନ, ଶିକ୍ଷକମାନଙ୍କର ଶ୍ରେଣୀ ବିଭକ୍ତ, ସେମାନଙ୍କର ନିୟମିତ ପଦୋନ୍ନତିରେ ଅନିୟମିତତା, ଶିକ୍ଷାନୁଷ୍ଠାନରେ ଆତ୍ୟଧିକ ରାଜନୈତିକ ହସ୍ତକ୍ଷେପ, ଶିକ୍ଷାବିଭାଗର ଶିକ୍ଷକଙ୍କ ହାତରେ ନରହି ପ୍ରଶାସକଙ୍କ ହାତରେ ରହିବା, କଡା ସୁରକ୍ଷା ସତ୍ତ୍ୱେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହେବା, ପରୀକ୍ଷା ଖାତା ମୂଲ୍ୟାୟନରେ କୋହଳ ମନୋଭାବ ଯୋଗୁଁ ନିମ୍ନଗାମୀ ହେଉଛି ଶିକ୍ଷା ବ୍ୟବସ୍ଥା । ଫଳରେ ଶିକ୍ଷିତ ହୋଇମଧ୍ୟ ଛାତ୍ରଛାତ୍ରୀମାନେ ଆଶାନୁରୂପ କର୍ମନିଯୁକ୍ତି ପାଇପାରୁ ନାହାନ୍ତି ଯାହା ବେକାରୀ ସମସ୍ୟାକୁ ଆହୁରି ଉତ୍କଟ କରୁଛି । ଆର.ବି. ଆଇ ର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ୍ ମଧ୍ୟ ଏହି ବେକାରୀ ସମସ୍ୟାକୁ ନେଇ ଏକଦା କହିଥିଲେ ଯେ, ତ୍ରୁଟିପୂର୍ଣ୍ଣ ଭାରତୀୟ ଶିକ୍ଷା ବ୍ୟବସ୍ଥା ଭାରତୀୟ ଅର୍ଥନୀତିର ବିକାଶ ଉପରେ ଖୁବ୍ ଶୀଘ୍ର ପ୍ରଭାବ ପକାଇବ, ତେଣୁ ଏହା ସେହି ତ୍ରୁଟିପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ନୁହେଁ ତ ? ଯଦି ଏହା ହୋଇଥାଏ ତେବେ ସମୟ ଆସିଛି ଏ ବାବଦରେ ଆମକୁ ସଚେତନ ହେବାକୁ ପଡିବ ।

ଉପଯୁକ୍ତ ଭିତ୍ତିଭୂମି ସରଞ୍ଜନା ଆଧାରରେ ଶିକ୍ଷାନୁଷ୍ଠାନ ଖୋଲିବା, ପରିମାଣାତ୍ମକ ଶିକ୍ଷା ପରିବର୍ତ୍ତେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା, ଡ୍ରପ୍ ଆଉଟ ହାରକୁ ହ୍ରାସ କରିବା, ଶିକ୍ଷା ନୀତିରେ ନୀତିଶିକ୍ଷାର ପ୍ରୟୋଗ କରିବା, ଘୋଷାପାଠ ତଥା ନୋଟ ବୁକ୍ ଧରି ପଢ଼ିବା ଅଭ୍ୟାସରୁ ଶିକ୍ଷାର୍ଥୀମାନଙ୍କୁ ମୁକ୍ତ କରିବା, ଯୁବବର୍ଗଙ୍କୁ ଧନ୍ଦାମୂଳକ ଶିକ୍ଷା ତଥା ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିବା, ପ୍ରତିଯୋଗିତା ମୂଳକ ଶିକ୍ଷାରୁ ଦୂରେଇ ଜୀବିକାର୍ଜନ ମୂଳକ ଶିକ୍ଷାକୁ ଆପଣାଇବା, ନିର୍ଭରଶୀଳ ଶିକ୍ଷାନୀତି ବଦଳରେ ଆତ୍ମନିର୍ଭରଶୀଳ ଶିକ୍ଷାନୀତି ଆପଣାଇବା, ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା ଆଦିକୁ ଗ୍ରହଣ କଲେ ହୁଏତ ଭବିଷ୍ୟତରେ ଏ ଅବସ୍ଥାରେ କେତେକ ମାତ୍ରାରେ ପରିବର୍ତ୍ତନ ଆଶା କରାଯାଇପାରେ। ନହେଲେ ଦିନ ଆସିବ ଆମେ ସମସ୍ତେ ଶିକ୍ଷିତ ହୋଇମଧ୍ୟ ବେକାର ଥିବା ଏବଂ ଚିନ୍ତା କରୁଥିବା ଆମେ ଶିକ୍ଷିତ ବେକାର ନା ବେକାର ଶିକ୍ଷିତ ? ଆମେରିକାର ପ୍ରସିଦ୍ଧ ଦାର୍ଶନିକ ଖଲିଲ୍ ଜିବ୍ରାନଙ୍କ ମତରେ 'ଯେଉଁ ଶିକ୍ଷା ଓ ବିଶ୍ୱାସ ସାରାଜୀବନ ଖାଲି କଷଣ ଯୋଗାଏ, ସେହି ଶିକ୍ଷା ଓ ବିଶ୍ୱାସକୁ ଶତ ଧିକ୍' । ବାସ୍ତବିକ୍ ଯଦି ଆମର ଶିକ୍ଷା ବ୍ୟବସ୍ଥା ଶିକ୍ଷିତ ବେକାର ସୃଷ୍ଟି କରୁଛି ତାହେଲେ ସେ ବ୍ୟବସ୍ଥାରେ ପରିବର୍ତ୍ତନ ଜରୁରୀ ।


ଅଧ୍ୟାପକ, ବାଣିଜ୍ୟ
ବିଭାଗ, ବ୍ରାହ୍ମଣଝରିଲୋ
ମହାବିଦ୍ୟାଳୟ, କଟକ
ମୋ:୯୪୩୮୦୭୦୮୪୯


## କଂଗ୍ରେସ ପାଇଁ ଅଗ୍ନିପରୀକ୍ଷା



**ସୌଭାଗ୍ୟ ରଂଜନ ମହାନ୍ତି**

ସ୍ୱତନ୍ତ୍ର ତେଲେଙ୍ଗାନା ରାଜ୍ୟ ଗଠନ ପରେ ଗତ ୨୦୨୩ ନଭେମ୍ବର ମାସରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ପ୍ରଥମ ଥର ପାଇଁ କଂଗ୍ରେସ କ୍ଷମତା ଦଖଲ କରି ସରକାର ଗଠନ କରିଛି। ଦୀର୍ଘ ଏକ ଦଶନ୍ଧି ତଥା ଲଗାତାର ଦୁଇଥର କ୍ଷମତାରେ ରହିବା ପରେ ସ୍ୱତନ୍ତ୍ର ତେଲେଙ୍ଗାନା ରାଜ୍ୟ ଗଠନର ମୁଖ୍ୟ ପୁରୋଧା ଭାବେ ପରିଚିତ ପୂର୍ବତନ ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱରେ ପରିଚାଳିତ ଭାରତ ରାଷ୍ଟ୍ର ସମିତି(ବିଆରଏସ) ଏବେ ମୁଖ୍ୟ ବିରୋଧି ଦଳ ରହିଛି। ଦକ୍ଷୀଣ ଭାରତୀୟ ରାଜ୍ୟ ତେଲେଙ୍ଗାନାରେ ଏକ ତ୍ରିମୁଖୀ ଲଢେଇରେ କଂଗ୍ରେସ ୩୯ ପ୍ରତିଶତ ଭୋଟ ପାଇଁ କ୍ଷମତା ଦଖଲ କରିଥିବା ବେଳେ ବିଆରଏସ କଂଗ୍ରେସ ଠାରୁ ମାତ୍ର ୨ ପ୍ରତିଶତ କମ ଭୋଟ ପାଇ ଗାଦିଚ୍ୟୁତ ହୋଇଥିଲା। କହିବା ବାହୁଲ୍ୟ ଯେ, ଗତ ୨୦୧୮ ବିଧାନସଭା ନିର୍ବାଚନରେ ମାତ୍ର ୨୫ପ୍ରତିଶତ ଭୋଟ ପାଇ କଂଗ୍ରେସ ମୁଖ୍ୟ ବିରୋଧି ଦଳର ମର୍ଯ୍ୟଦା ହାସଲ କରିଥିଲା। ସେହିପରି ବିଆରଏସ ୨୦୧୮ରେ ୪୭ ପ୍ରତିଶତ ଭୋଟ ପାଇ କ୍ରମାଗତ ଦ୍ୱିତୀୟ ଥର ପାଇଁ କ୍ଷମତାସୀନ ହୋଇଥିବା ବେଳେ ଗତ ୨୦୨୩ ନିର୍ବାଚନରେ ୧୦ପ୍ରତିଶତ ଭୋଟ କମ ପାଇ ଦ୍ୱିତୀୟ ସ୍ଥାନକୁ ଖସିଯାଇଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି, ବିଆରଏସ ବିରୁଦ୍ଧରେ ସରକାରୀ ବିରୋଧି ଭୋଟ ଉଭୟ କଂଗ୍ରେସ ଓ ବିଜେପିକୁ ଯାଇଥିଲା। ସଂଖ୍ୟାଲଘୁ ମୁସଲିମ ବହୁଳ ଅଂଚଳରେ କଂଗ୍ରେସ ସପକ୍ଷରେ ଜନାଦେଶ ଥିବାବେଳେ ଆଦିବାସୀ ବହୁ, ଅଂଚଳରେ ବିଜେପି ଉଲ୍ଲେଖନୀୟ ସଫଳତା ପାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଦକ୍ଷୀଣ ଭାରତୀୟ ରାଜ୍ୟ କର୍ଣ୍ଣାଟକରେ କ୍ଷମତା ଦଖଲ ପରେ କଂଗ୍ରେସର ଏହା ଦ୍ୱିତୀୟ ବିଜୟ ଥିଲା। ତେବେ ଚଳିତ ଲୋକସଭା ନିର୍ବାଚନ ଏବେ କଂଗ୍ରେସ ପାଇଁ ଅଗ୍ନି ପରୀକ୍ଷା ସଦୃଶ ହୋଇଛି ବୋଲି ନିସନ୍ଦେହରେ କୁହାଯାଇପାରେ। ଆମେ ଏଠାରେ ଏସବୁ ଉଲ୍ଲେଖ କରୁଛୁ ଏଇଥିପାଇଁ ଯେ, ଗତ ୨୦୧୮ ବିଧାନସଭା ନିର୍ବାଚନରେ କଂଗ୍ରେସ ଛତିଶଗଡ, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ବିଜେପିକୁ ଗାଦିଚ୍ୟୁତ କରି କ୍ଷମତା ଦଖଲ କରିଥିଲା। କିନ୍ତୁ ବିଧାନସଭା ନିର୍ବାଚନରେ କିଛି ମାସ ବ୍ୟବଧାନରେ ଅନୁଷ୍ଠିତ ୨୦୧୯ ଲୋକସଭା ନିର୍ବାଚନରେ କଂଗ୍ରେସ ଶୋଚନୀୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଜନମତ ବିଜେପି ସପକ୍ଷରେ ଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ବିଆରଏସ ସୁପ୍ରିମୋ ଚନ୍ଦ୍ରଶେଖର ରାଓ ବିଳାଶମୟ ଶାସନରେ ଅତିଷ୍ଠ ହୋଇପଡିଥିବା ତେଲେଙ୍ଗାନାର ଜନସାଧାରଣଙ୍କ ପାଇଁ କଂଗ୍ରେସ ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡଡୀଙ୍କ ଚାରି ମାସର ଶାସନ ଉଭୟ ସରକାର ଓ ପ୍ରଶାସନରେ ବହୁ ଉପଲବ୍ଧି ଆଣିଦେଇଥିବା କୁହାଯାଏ। ବିଶେଷ କରି ୨୦୧୬ ମସିହାରେ ନିର୍ମିତ ବିଳାଶମୟ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନରେ ଶ୍ରୀ ରେଡଡୀ ନରହି ଅନ୍ୟ ଏକ ବଙ୍ଗଳାରେ ରହୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଉପ-ମୁଖ୍ୟମନ୍ତ୍ରୀ ମାଲ୍ଲୁ ଭାରତୀ ବିକ୍ରମାର୍କ ରହୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନର ନାମକୁ ରେଡଡୀ ସରକାର ପରିବର୍ତ୍ତନ କରି ଜ୍ୟୋଥିରାଓ ଫୁଲେ ପ୍ରଜା ଭବନ ନାମିତ କରିଛନ୍ତି। ଯାହାକି ଜନସାଧାରଣଙ୍କ ପାଇଁ ଏବେ ଏକ ନିଷିଦ୍ଧାଚଂଳ ହୋଇ ରହିନାହିଁ। ସେହିପରି ବହୁ ଆକର୍ଷଣୀୟ ଏବଂ ଲୋଭନୀୟ ପ୍ରତିଶ୍ରୁତି ଦେଇ କ୍ଷମତା ଦଖଲ କରିଥିବା କଂଗ୍ରେସ ଏବେ ବି କେତେକ ନିର୍ବାଚନ ପ୍ରତିଶ୍ରୁତି କାର୍ଯ୍ୟକାରୀ କରିପାରିନାହିଁ। ସାତ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଜାରି ହୋଇଥିବା ଆଦର୍ଶ ଆଚରଣ ବିଧି ଯୋଗୁଁ ପ୍ରତିଶ୍ରୁତି କାର୍ଯ୍ୟକାରୀ କରିପାରିନାହିଁ। ଏଥି ମଧ୍ୟରେ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ ପ୍ରତିଶ୍ରୁତି ଅନ୍ୟତମ। ଯାହାକି ପୂର୍ଣ୍ଣମାତ୍ରାରେ ଲାଗୁ ହୋଇପାରିନାହିଁ। ଅନ୍ୟପକ୍ଷରେ ବିଧାନସଭା ନିର୍ବାଚନରେ ପରାଜୟ ପରେ ବିଆରଏସ ଏକ ପ୍ରକାର ସୁପ୍ତ ଅବସ୍ଥାରେ ରହିଛି। କେବଳ ଏତିକି ନୁହେଁ, ବହୁସଂଖ୍ୟାରେ ତୁଙ୍ଗ ନେତା ଓ କର୍ମୀ ବିଆରଏସ ଛାଡି କଂଗ୍ରେସରେ ଯୋଗଦେଇଛନ୍ତି। ବିଆରଏସ ଛାଡିଥିବା ନେତାମାନଙ୍କ ମଧ୍ୟରେ ରାଜ୍ୟସଭା ସଦସ୍ୟ ତଥା ରାଓଙ୍କ ଏକାନ୍ତ ବିଶ୍ୱସ୍ତ କେଶବ ରାଓ ରହିଛନ୍ତି। ଯାହା ରାଓଙ୍କ ପ୍ରତି ଶକ୍ତ ଧକ୍କା ସଦୃଶ ହୋଇଥିବା କୁହାଯାଏ। ଗତ ଲୋକସଭା ନିର୍ବାଚନରେ ବିଆରଏସ ୪୨ପ୍ରତିଶତ ଭୋଟ ହାର ସହ ୯ଟି ଲୋକସଭା ଆସନରେ ବିଜୟର ଯାହାକି ଏବେ ଦଳ ପାଇଁ ଆଉ ଉତ୍ସାହଜନକ ନଥିବା ସର୍ଭେ ରିପୋର୍ଟ କହେ। ଅନ୍ୟପକ୍ଷରେ ବିଜେପି ୨୦୧୮ରୁ ୨୦୨୩ ମଧ୍ୟରେ ନିଜର ଭୋଟହାର ୭ ପ୍ରତିଶତରୁ ୧୪ ପ୍ରତିଶତକୁ ବୃଦ୍ଧି କରିବାରେ ସମର୍ଥ ହୋଇଛି । ଏହା ନିସନ୍ଦେହ ଯେ, ତେଲେଙ୍ଗାନାରେ ତ୍ରିମୁଖୀ ଲଢେଇ ନିଶ୍ଚିତ ହୋଇଥିବାବେଳେ ଆସାଦୁଦ୍ଦିନ ଓ୍ୱାସିସିଙ୍କ ଏଆଇଏମଆଇଏମ ଦଳକୁ ଅଣଦେଖା କରାଯାଇନପାରେ। ଯେଉଁ ସ୍ଥାନରେ ଏଆଇଏମଆଇଏମର ପ୍ରାର୍ଥୀ ଦେଇନାହିଁ, ସେଠାରେ ସମର୍ଥକମାନେ କାହାକୁ ଭୋଟ ଦେବେ, ତାହାକୁ ଅପେକ୍ଷା। ତେଲେଙ୍ଗାନା ନିର୍ବାଚନ ଯେ କଂଗ୍ରେସ ପାଇଁ ଏକ ଅଗ୍ନପରୀକ୍ଷା, ଏହା ନିସନ୍ଦେହରେ କୁହାଯାଇପାରେ।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ:୯୪୩୭୯୯୪୩୭୯





### ଗତି

**ନିରଞ୍ଜନ ପତି**

କବିଜ୍ୟୋତି ନିରଞ୍ଜନ ପତି
କୋଇଲିଲୋ, ବସନ୍ତ ଆସରରେ
କବି ମାନଙ୍କ ପରି ତୁ ଗାଇ ଚିଲିଚୁ
ଆମେ ସେମିତି ଧାଇଁ ଚାଲିଚୁ
ନିରବଧି,
ପୃଥିବୀ,ଚନ୍ଦ୍ର, ସୂର୍ଯ୍ୟ ସମ
ଆମେ ସମସ୍ତେ ଗତିଶୀଳ।
ବେସରକାରୀ ବସ୍ ମାନଙ୍କ ଭିତରେ
ଯିଏ ବେଶି ଆମ ସହରର ସୀତାରାମ
ବସ୍ ପରି ଧାଇଁ ପାରିଲା
ବେଗରେ ଗତି କରି ପାରିଲା
ସିଏ ସେତେ ପାରିବାର,ତାର ସେତେ
ଅଧିକ ଲାଭ, ବେପାର,ଏ
ଜୀବନରେ
ସବୁବେଳେ ଧାଆଁ, ଦୌଡ ଚାଲିଚି।
ଆମେ ସଭିଏଁ ଗୋଟିଏ ଗୋଟିଏ
ବେଗବାନ୍ ବସ୍ ଆଉ, ଏବେ
ଯାହା ପାଟିରେ ଶୁଣିବ କେବଳ
ଦୁଇଟି ଶବ୍ଦ,ଟେନ୍ ସନ୍ ଆଉ ବିଜି
ଏଠି କେହି କାହାକୁ ନଦେଖି କାହାକୁ
ନଶୁଣି,ସେବା ନଦେଇ, ତ୍ୟାଗର
ମହତ୍ତ୍ୱ ନବୁଝି, ସ୍ୱାର୍ଥରେ ଧାଉଁଛନ୍ତି ତ
ଧାଉଁଛନ୍ତି,
କେବଳ ନିଜ ପାଇଁ ନିଜେହିଁ
ବ୍ୟସ୍ତ ରହୁଛନ୍ତି।
ସର୍ବଦା ଚାଲିଚି ପ୍ରତିଦ୍ୱନ୍ଦିତା,
ହା' ଅନ୍ନ ନୁହେଁ ହା' ଟଙ୍କାର ଚିତ୍କାର।
କିଏ ଜାଣେ ଆଜି ଏମିତି ଅନେକ
ବେଗରେ
ଧାଉଁଥିବା ବସ୍ ଟାର ଚକ ଅଖ
କେବେ ହୁଗୁଳିଯିବ
ଟିଉବ୍, ଟାୟାର,ପଡା ସବୁ କିଛି
ଅଚଳ ହୋଇ ଯିବ।
ଶେଷରେ ସେ କବାଡି ଖାନାରେ
କେଇ ଖଣ୍ଡ ଭଙ୍ଗା ଟିଣରେ ହିଁ
ତାର ଅସ୍ତିତ୍ୱ ଖୋଜିବ,
ଚକ୍ ଚକ୍ ସ୍ୱପ୍ନ ସବୁ ଅଚିରେ ଭାଜିବ,
ତାର ଠିକଣା ହଜିବ।
ଠିକଣା ହଜିବ ।


ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ-୯୯୩୮୧୩୩୫୫୯


### ଏ କି ହନ୍ତସନ୍ତର ବସନ୍ତ... ?

**ନୂତନ କୁମାର ବେହେରା**



ପହିଲି ଫଗୁଣରୁ ବହିଲାଣି ଝାଞ୍ଜି
ଖରା
କେବେ ପୁଣି ଲଘୁଚାପ ବର୍ଷାରେ
ତିନ୍ତେ ଧରା
ପରିବେଶ ପରିସ୍ଥିତି ହୋଇଯାଏ
ଅଶାନ୍ତ,
ମୃଦୁ ମଳୟର ହିଲ୍ଲୋଳ କାହିଁ... ?
ବିଧୁର ଜନ ମନରେ ସରସତା ନାହିଁ
ଜୀବନ ହୁଏ ତାତିରେ ସ୍ତମ୍ଭୀଭୂତ
ଏ କି ହନ୍ତସନ୍ତର ବସନ୍ତ.....
ବିଗତ ଦିନର ସେ ମଧୁର ଅନୁଭୂତି
ଥିଲା
ଆସିଲେ ବସନ୍ତ ହସିବ ଫୁଲବନ
ଫୁଲେ ଫୁଲେ ହୋଲିର ରଙ୍ଗ ଖେଳି
ଉଡୁଥିବ ପ୍ରଜାପତି ମହକ ବାଣ୍ଟୁଥିବ
ପବନ
ଲାଗେ ସବୁ ହେଲା ପରି ଉପେକ୍ଷିତ।
ଏ କି ହନ୍ତସନ୍ତର ବସନ୍ତ......
ମଙ୍ଗଳ ସାହାନାଇଁର ସୁମଧୁର ରାଗିଣୀ
ତାଳେ
ଆମ୍ବ ଡାଳେ ବସି ଗାଉଥିବ କୋଇଲି
ଅମୃତର ମଧୁରସ ପଡୁଥିବ ଝରି ଝରି,
ମୁଣ୍ଡରେ ନାଲି ଓଢଣୀ ପକାଇ
ଶାଶୁଘରକୁ
ଆସିବ ନବବଧୂଟିଏ ନେଇ ସାଥେ
ତାର
ସମ୍ଭାବନାର ଆଶା ସ୍ୱପ୍ନକୁ କରି ସଞ୍ଚିତ।
ଏ କି ହନ୍ତସନ୍ତର ବସନ୍ତ......
ଏ ସବୁ ଏବେ ହେଲାଣି କଥା କଥାରେ
ଭାଷା ବିଶ୍ଳେଷଣର କାଳ୍ପନିକ ସୁନ୍ଦର
ଅଳଙ୍କାର,
ହୁଗୁଳି ବିଡିଡି ଯାଏ ଆସନ୍ତାକାଲିର
ଭବିଷ୍ୟତ
ସ୍ୱପ୍ନ ବିଯୋଡିତ ନୟନରୁ ଝରେ
ଲୋତକ
ନଦୀର ଧାରା ସମ ବହେ ଅବିରତ।
ଏ କି ହନ୍ତସନ୍ତର ବସନ୍ତ.......
ଦୋହଲାଇ ଦିଏ ଚେତନାକୁ କରି
ଅସ୍ଥିର
ଜୀବନ ବିତେ ଯନ୍ତ୍ରଣାର ହା ହୁତାଶନେ
ଉପଚାରେ ହୁଏନା ତାର ସ୍ଥାୟୀ
ପ୍ରତିକାର
ପ୍ରକୃତିକ ଦୁର୍ବିପାକରେ ସୃଷ୍ଟହୁଏ
ହାହାକାର
ମନ ପ୍ରାଣ ହୁଏ ଅଧିର ଅସ୍ଥିର ।
ଏ କି ହନ୍ତସନ୍ତର ବସନ୍ତ...
ସୁଖର ବିଛଣାରେ ଦୁଃସ୍ୱପ୍ନ ଭାଙ୍ଗି ଦିଏ
ନିଦ
ଅଧୁରା ଜୀବନ କାହାଣୀର ଖାଲି
ଅବସାଦ,
କଲେ ଏଠି ଯା' ବି ପ୍ରତିରୋଧ
ପ୍ରତିବାଦ
କଟେ ନାହିଁ କ୍ଲେଶ ଦୂର ହୁଏନା
ବିପଦ
ଜୀବନ ଥିବା ଯାଏ ହୁଏନା ଦୁଃଖର
ଅନ୍ତ।
ଏ କି ହନ୍ତସନ୍ତର ବସନ୍ତ.......
ପରିବେଶ ଯାଇଛି ଉଜୁଡି ହୁଏନା
ସଜାଡ଼ି
ବିପଦ ପରେ ବିପଦ ଆସେ ମାଡ଼ି
ହୋଇଛି ଜଙ୍ଗଲ ନଷ୍ଟ ଜଳ ବାୟୁ
ପ୍ରଦୂଷିତ
ଛନ୍ଦ ତାଳ ଲୟ ହରା ଜୀବନ
ସଂଗୀତ
ଅଶାନ୍ତି ଅସନ୍ତୋଷରେ ହୃଦୟ ହୁଏନା
ପ୍ରୀତ
ମଣିଷ ସୁଖ ସଚ୍ଛନ୍ଦରୁ ହୁଏ ବଞ୍ଚିତ।
ଏ କି ହନ୍ତସନ୍ତର ବସନ୍ତ.......


କୋହି,ବାରିପଦା,ମୟୂରଭଞ୍ଜ
ମୋ: ୮୦୧୮୩୫୩୩୭୨



ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୧୪



ଡ.ସିନ୍ଧୁ ସେନ୍

ବିନା ହିଂସା, ରକ୍ତପାତରେ ଯୁଦ୍ଧ କ'ଣ କେବେ କେଉଁଠି ହୋଇଚି ନା ହେବ । ଆଉ ଲଙ୍କାଙ୍କୁ ନିଜ ଅଧୀନକୁ ଆଣିବାର ଅର୍ଥ ତ ଭାଇ କୁବେରଙ୍କ ସହ ଲଢ଼େ଼ି । ତାଙ୍କୁ ତ ଆଉ ଶାନ୍ତିରେ ରାଜ୍ୟ ମାଗିଲେ ମୋ ହାତକୁ ସେ ରାଜ୍ୟ ଟେକିଦେବେନି । ତାଙ୍କ ଠାରୁ ଜୋର ଜବରଦସ୍ତ ସେ ଅଧିକାର ଛଡ଼ାଇ ନେବାକୁ ପଡ଼ିବ । ସେଥିପାଇଁ ଶାନ୍ତି ନୁହେଁ, ବରଂ ଯୁଦ୍ଧ ଲୋଡ଼ା ।

ଏ ଯୁଦ୍ଧ ତ ଆଜିର ନୁହେଁ କାହିଁ କେଉଁ ଯୁଗରୁ ଏ ପରମ୍ପରା ଚଳି ଆସୁଛି । ନିଜର ହକ୍ ପାଇଁ ଦାବି ହାସଲ ପାଇଁ ଅବା ଅଧିକାର ପାଇଁ ଯୁଗେଯୁଗେ ଏମିତି ଯୁଦ୍ଧର ଆୟୋଜନ ହୋଇଛି ସମଗ୍ର ବିଶ୍ୱ ଇତିହାସରେ ରାଜ୍ୟ, ରାଜ୍ୟ ଏମିତି ଯୁଦ୍ଧ ହେବାର ନଜିର ରହିଛି । ଯୁଦ୍ଧର ପରିଣାମ ଭୟାବହ ଜାଣି ମଧ୍ୟ ଯୁଦ୍ଧର ନିଶାକୁ ଛାଡ଼ି ପାରିଲି ନାହିଁ । ଦୁର୍ବଳ ଉପରେ, ସବଳର ଆକ୍ରମଣ ହେଉ କିମ୍ବା ବଳହୀନ ସହ ବଳବାନ୍ ମଧ୍ୟରେ ହେଉ। ଯୁଦ୍ଧ ହେଉଥିଲଲା ହେଉଛି ଆଗାମୀ ଦିନରେ ହେବ ମଧ୍ୟ । ଯୁଦ୍ଧକୁ ତେଣୁ ରୋକିପାରିବାର କାହାରି ଶକ୍ତି ନାହିଁ । ବିଶ୍ୱ ଇତିହାସ ପୃଷ୍ଠାରେ ଯୁଦ୍ଧର ଭୟଙ୍କରଣ ଯୁଗେଯୁଗେ ଲେଖା ହୋଇ ରହିଛି । ଯୁଦ୍ଧ କେବେ ଶାନ୍ତି ଦେଇପାରେନା, ଏ ସତ୍ୟକୁ ଜାଣି ମଧ୍ୟ ଯୁଦ୍ଧକୁ ସେ ଆପଣେଇ ନେଇଛି । ଏହି ମହାକାଶ ମଧ୍ୟ ନିରବରେ ଦେଖିଛି ଯୁଦ୍ଧର ବିଭୀଷିକାକୁ । ସେ କାନାପାତି ଶୁଣିଛି ମଧ୍ୟ ତାର ପ୍ରଳୟଙ୍କରୀ ଗର୍ଜନକୁ। ମୁଁ ତେଣୁ ଯୁଦ୍ଧକୁ ରୋକିବାକୁ କିଏ ? ବରଂ ଏତିକି ତ କହିପାରିବି ଲଙ୍କା ବିରୁଦ୍ଧରେ ଯୁଦ୍ଧ କରିବା କେବଳ ମୋର ଏକାକୀ ଅଭିପ୍ରାୟ ନଥିଲା କିମ୍ବା ସେଥିରେ ମୋର କେବଳ ନିଜସ୍ୱ ସ୍ୱାର୍ଥ ନଥିଲା । ମୁଁ ତ କେବଳ ମାତାମହଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ ପାଇଁ ଏସବୁ କରିବାକୁ ବାଧ ହେଉଛି । ସମଗ୍ର ରାକ୍ଷସ ଜାତିର ମାନ, ସମ୍ମାନ, ମର୍ଯ୍ୟାଦା ପାଇଁ ଏସବୁ କରିବାର ନିଷ୍ପତ୍ତି ନେଇଛି । ତେଣୁ ଲଙ୍କା ଜୟ କରିବାର ଅଭୀପ୍ସା ମୋ ମନରେ ଉଙ୍କି ମାରୁଥିଲେ ମଧ୍ୟ ଏଥିରେ ସମସ୍ତେ ତ ପ୍ରସନ୍ନ ହେବେ । ରାକ୍ଷସ ମାନେ ନିଜ ହକ୍ ଫେରିପାଇବେ । ହୃତରାଜ୍ୟ ଫେରିପାଇ ପୁନର୍ବାର ଲଙ୍କାର ବାସିନ୍ଦା ହୋଇଯିବେ । ତେଣୁ ମୁଁ ଯାହା ବି ମାଗିଛି । ଯାହା କରିବାକୁ ଯାଉଛି, ସେ ସବୁ ସମୂହ କଲ୍ୟାଣ ପାଇଁ । ଏଥିପାଇଁ ମୁଁ ପାପୀ ହେବି କାହିଁକି ?

ମାନୁଛି, ବ୍ରହ୍ମଦେବଙ୍କ ବରପ୍ରାପ୍ତି ମୋତେ ଅତିମାତ୍ରାରେ ଆନନ୍ଦ ଦେଇଥିଲା । ନ ଦେବ ବା କେମିତି । ମନ ଚହୁଁଥିବା ବସ୍ତୁଟିଏ ମିଳିଗଲେ ପ୍ରତ୍ୟେକଙ୍କ ମନରେ ଆନନ୍ଦଜାତ ହେବା ସ୍ୱାଭାବିକ । ଆଉ ଆଶାୟୀ ମନ ଅନେକ କିଛି ପ୍ରାପ୍ତିର ଆଶା ରଖିଥିଲା । ତେବେ ବି ମୁଁ ଯାହା ପାଇଥିଲି, କିଛି କମ୍ ପାଇନି। ମୋତେ ସଂପୂର୍ଣ୍ଣ ଅମରତ୍ୱ ନ ମିଳିଥାଇ ପାରେ । ମାତ୍ର ମୁଁ ତ ମହାବୀର ହେବାର ଆଶୀର୍ବାଦ ପାଇ ଯାଇଥିଲି । କିନ୍ତୁ ମୁଁ ଅପ୍ରତିଦ୍ୱନ୍ଦ୍ୱୀ ଅଧିପତି ମହା ପରାକ୍ରମୀ ବିଶ୍ରବାସୂତ ରାବଣ । ଆଗାମୀ ଦିନରେ ହୋଇଯିବି ଲଙ୍କେଶ୍ୱର । ହେବି ପୁଣି ଦିଗ୍‌ବିଜୟୀ ସମ୍ରାଟ । ମୋ ନାମ ପଛରେ କେତେକଣ ପଦପଦବି ଲାଗିଯିବ । ଏଇ ତ ମୋର ଆନନ୍ଦ ସୁଖ ଆମତୃପ୍ତି ମଧ୍ୟ । ସେଦିନ ତେଣୁ ଏସବୁକୁ ନଭେ ମୋ ମନରେ ଯଦି ଗର୍ବ ଆସିଥାଏ ଅହଂକାର ଜାତ ହୋଇଥାଏ ତେବେ ମୋର ସେଥିରେ ଦୋଷ କ'ଣ ? ମୁଁ ତ କିଛି ଭୁଲ୍ କରିନି । ଆଉ ଯଦି ଭୁଲ୍ କରିଥାନ୍ତି । ତେବେ ମୋତେ ବ୍ରହ୍ମଦେବ ବରଦାନ କରିଥାନ୍ତେ କାହିଁକି ?

ମୋ ନିଜସ୍ୱ ବରପ୍ରାପ୍ତିରେ ଆନନ୍ଦିତ ହୋଇ ପଡୁଥିବା ବେଳେ ମୋ ମନରେ ଉଙ୍କି ମାରୁଥିଲା ଅନ୍ୟ ଚିନ୍ତା । ଭାବୁଥିଲି ମୋ ସାନଭାଇ ଏବେ କ'ଣ କରୁଥିବେ । ସେମାନଙ୍କୁ ମୋ ପରି ବରପ୍ରାପ୍ତି ହୋଇଛି କି ନାହିଁ । ସେମାନଙ୍କୁ ଭେଟିବାକୁ ମନ ମୋର ଅସ୍ଥିର ହେଉଥିଲା । ସତକୁ ସତ ମୋ ମନ ଜାଣି ଦୂରରୁ କେହି ମୋ ଆଡ଼କୁ ଆସୁଥିବାର ଦେଖିବାକୁ ପାଇଲି । ଅଳ୍ପ ନିକଟ ହେବାରୁ ସେ ଦୁହେଁ ଯେ ମାରି ଭ୍ରାତା ତାହା ସ୍ପଷ୍ଟ ହେଲା । ନିଶ୍ଚୟ କିଛି ସମ୍ବାଦ ନେଇ ସେମାନେ ମୋରି ପାଖକୁ ଆସୁଛନ୍ତି । ଭଗବାନ କରନ୍ତୁ ସେମାନଙ୍କୁ ମଧ୍ୟ ବର ମିଳିଥାଉ । ଦୁଇ ଭାଇଙ୍କର ଗତିବିଧିରୁ ଅନୁମାନ କଲି । ସେମାନେ ନିଶ୍ଚୟ କିଛି ଜରୁରି ଖବର ନେଇ ମୋରି ପାଖକୁ ଆସୁଛନ୍ତି । ଅତିଶୟ ଆନନ୍ଦରେ ମୁଁ ମଧ୍ୟ ତାଙ୍କ ଆଡ଼କୁ ଆଗେଇ ଗଲି । ଭାଇ ଦୁହିଁଙ୍କୁ କୋଳାଗ୍ରତ କରି ଆଶ୍ରମକୁ ପାଛୋଟି ଆଣିଲି । ଆମେ ତିନିହେଁ ଏକାଠି ବସିଲୁ । ସେମାନଙ୍କ ମୁହଁରୁ କିଛି ଶୁଣିବା ପାଇଁ ମୋ ମନ ଅସ୍ଥିର ହୋଇ ଉଠୁଥିଲା । ଦେଖିଲି କୁମ୍ଭକର୍ଣ୍ଣର ମୁହଁ ଶୁଖି ଯାଇଛି । ତା ସହିତ କିଛି ଅଘଟଣ ଘଟିନାହିଁ ତ ଆଉ । ନା ନା ସେମିତି କିଛି ନ ହୋଇଥାଉ । ମୋ ମନକୁ କାହିଁକି ଅଶୁଭ ଭାବନା ଉଙ୍କି ମାରୁଛି । ସେମାନେ ମଧ୍ୟ ମୋ ପରି ତପସ୍ୟାରେ ନିଶ୍ଚୟ ସିଦ୍ଧିଲାଭ କରିଥିବେ, ଆଉ ବରପ୍ରାପ୍ତି ପରେପରେ ହିଁ ମୋ ସହ ସାକ୍ଷାତ କରିବାକୁ ଧାଇଁ ଆସିଛନ୍ତି ।

ଭାଇ ଦୁହେଁ ମୋ ପାଦଛୁଇଁ ପ୍ରଣାମ କରୁଥିଲେ । ମୁଁ ତାଙ୍କୁ ତଳୁ ଉଠାଇ ନେଇ ମୋ ଛାତିରେ ନିବିଡ଼ ଭାବେ ଜାକିଧରି ପଚାରିଲି, କୁହ ନା ତୁମେମାନେ ସବୁ କ'ଣ ପାଇଲ ? ଦୁହେଁ ସମସ୍ୱରରେ କହିଲେ ସବୁ ଠିକ୍ ଅଛି ଭାଇ ଆମେ ମଧ୍ୟ ବ୍ରହ୍ମଦେବଙ୍କ ଠାରୁ ଯାହା ମାଗିଲୁ, ସେଇଆ ପାଇଛୁ... ।

ତେବେ ଏମିତି ମୁହଁ ଶୁଖାଇଛ କାହିଁକି ? କୁହ ତୁମ ଦୁହିଁଙ୍କୁ କ'ଣ ମିଳିଲା ।

ବିଭୀଷଣ କହିଲେ, କ'ଣ କହିବି ଭାଇ, କୁମ୍ଭକର୍ଣ୍ଣଟା ଏମିତି ବୋକା ଯେ, ଗୋଟିଏ ଅଦ୍ଭୁତ ବର ମାଗିନେଲା । ଅଦ୍ଭୁତ ବର ପୁଣି କ'ଣ ? କ'ଣ ମାଗିଲା ସେ.... କହ ବିଭୀଷଣ, କାହିଁକି ତା ମୁହଁ ଝାଉଁଳି ପଡ଼ିଛି । କ'ଣ କହିବି ଭାଇ, କୁମ୍ଭକର୍ଣ୍ଣଙ୍କୁ ନିଦ୍ରାସନ ବରପ୍ରାପ୍ତି ହୋଇଛି ମାନେ.... ନିଦ୍ରାସନର ଅର୍ଥ ବର୍ଷକରେ ଦିନଟିଏ ପାଇଁ ସେ ଜାଗ୍ରତ ରହିବେ, ବାକି ସବୁଦିନ ନିଦ୍ରାସନରେ ରହିବେ । ହାୟ ଭଗବାନ... ଇଏ କ'ଣ ହେଲା ? ଇଏ ଆଶୀର୍ବାଦ ନା ଅଭିଶାପ ।

ସେପଟୁ କୁମ୍ଭକର୍ଣ୍ଣ କହୁଥାନ୍ତି ଭାଇ, ମୁଁ ତ ବ୍ରହ୍ମଦେବଙ୍କୁ ଦେଖି ଅଭିଭୂତ ହୋଇ ପଡ଼ିଥିଲି। ମନରେ କେତେ କ'ଣ ଭାବିଥିଲି ମାଗିନେବାକୁ । ଭାବିଲି ଇନ୍ଦ୍ରାସନ ମାଗିନେବି । ଏକାଥରେ ଇନ୍ଦ୍ରଭୁବନ ଜୟ କରିବି । ସ୍ୱର୍ଗର ଅଧିପତି ହେବି । ହେବି ମଧ୍ୟ ଇନ୍ଦ୍ର ଆସନର ଅଧିକାରୀ । ହେଲେ ଇନ୍ଦ୍ରାସନ ଭାବୁଭାବୁ ମୋ ମୁହଁରୁ ବାହାରିପଡ଼ିଲା ନିଦ୍ରାସନ । ଆଉ ବ୍ରହ୍ମଦେବ ମୋ ପାଟିରୁ କଥା ନ ସରୁଣୁ ତଥାସ୍ତୁ କହି ଅନ୍ତର୍ଦ୍ଧାନ ହୋଇଗଲେ ।

ଓଃ ସତରେ କି ଦୁର୍ଭାଗ୍ୟ । ଏମିତି କ'ଣ କେହି ବର ମାଗେ । ଏବେ ତ ସେ ବର୍ଷସାରା କେବଳ ଶୋଇ ରହିବ । ଏପରିକି ଖାଦ୍ୟ ମଧ୍ୟ ଗ୍ରହଣ କରିବନି । ଦିନକ ମାତ୍ର ଜାଗ୍ରତ ରହିଲେ ସେ ଖାଇବ କ'ଣ ? କ'ଣ ବର୍ଷଯାକର ଖାଦ୍ୟ ଦିନକରେ ଗ୍ରହଣ କରିନେବ । ଏମିତି ଅଦ୍ଭୁତ ପ୍ରଶ୍ନ ସବୁ ମୋ ମନରେ ଉଙ୍କି ମାରୁଥିଲା ମୋର ନିଜର ବରପ୍ରାପ୍ତିରେ ଯେତେଟା ଆନନ୍ଦିତ ହେଉଥିଲି, କୁମ୍ଭକର୍ଣ୍ଣର ବରପ୍ରାପ୍ତି ମୋତ ସେତେଟା ଦୁଃଖୀ କରିଦେଲା । ବରରୀ ଭାରି ମୋର ବର୍ଷବର୍ଷର ସାଧନା, କଠୋର ତପସ୍ୟାର ଶେଷ କ'ଣ ଏଇ ଫଳ ମିଳିଲା ।

ଭାଇ ଦୁହେଁ ମୋତେ ଘେରି ପ୍ରଶ୍ନ କରୁଥିଲେ, ତୁମେ କ'ଣ ପାଇଲ, କିଛି କହୁନ ଯେ । କ'ଣ ଆଉ କହିବି ତୁମକୁ। ଭାବିଥିଲି ଆମେ ତିନିହେଁ ଏକାଠି ମିଶିଲେ କେତେକେତେ ଗଡ଼ ଜିଣି ପାରିଥାନ୍ତେ । ମୋତେ ସିନା ତ୍ରିଭୁବନ ବିଜୟୀ, ପରାକ୍ରମୀ, ବଳଶାଳୀ ହେବାର ବର ମିଳିଛି ପୁଣି କୌଣସି ଦେବ, ଦାନବ, ରାକ୍ଷସ, ଅସୁର, ଗନ୍ଧର୍ବଙ୍କ ହାତରେ ମୋର କେବେବି ମୃତ୍ୟୁ ହେବନି । ଏମିତି ଆଶୀର୍ବାଦ ମିଳିଛି । ମାତ୍ର ତୁମେ ଦୁହେଁ ଏମିତି କ'ଣ ସବୁ କ'ଣ ମାଗିନେଲ ଯେ, ମୋର ଦିଗ୍‌ବିଜୟୀ ଯାତ୍ରା କାଳରେ ମୋତେ ସହାୟତା ଦେବ କେମିତି ?

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାର)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୪୧ ॥

ମାନବ ଦେହ ମଧ୍ୟରେ କୁଣ୍ଡଳିନୀ ଶକ୍ତି ଦୁଇଟି ସାପ ପରି ଛନ୍ଦା ଛନ୍ଦି ହୋଇ ରହିଥାଏ। ପଞ୍ଜରା ଓ ମସ୍ତିଷ୍କ ଗୋଟିଏ ଶଙ୍ଖ ଚୁଡ ସର୍ପ ପରି (ଆଙ୍ଗୁରୀୟ ମାଳ ଜୀବ ପରି) ରହିଥାଏ। ଏହା ଉପରେ ସହସ୍ରାର ଚକ୍ର ରହିଥାଏ। ଦେହର ଅଭ୍ୟନ୍ତରରେ ଶିରା, ପ୍ରଶିରାମାନେ ସର୍ପିଳ ଗତିରେ ଯାଇଥାଏ। ବାଷ୍ପ, ବାୟୁ ଜଳ, ଅଗ୍ନି, ବୃକ୍ଷ ଆଦି ବକ୍ର ବା ସର୍ପିଳ ଗତିରେ ଉପରକୁ ଉଠିଥାନ୍ତି। ବ୍ରହ୍ମାଙ୍କ ଦଶ ପୁତ୍ର ଯୋଗ ସାଧନା କରି ଅସାଧାରଣ ମାନବରେ ପରିଣତ ହୋଇଥିଲେ।

ସେମାନଙ୍କ ମଧ୍ୟରୁ ନାରଦ ତାଙ୍କ କୋଳରୁ ବା ଶୁକ୍ରରୁ,ଦକ୍ଷ ଦକ୍ଷିଣ ଆଙ୍ଗୁଠି ମୂଳରୁ ବା ବ୍ରହ୍ମାଙ୍କ ଲିଖନ ବା କର୍ମ ଗୁଣ, ବଶିଷ୍ଠ ପ୍ରାଣରୁ ବା ତାଙ୍କ ପ୍ରାଣାୟାମ ଶକ୍ତି, ଭୃଗୁ ତ୍ୱକ ବା ତାଙ୍କ ଚର୍ମ କୋଶିକା, ଅଙ୍ଗିରା ବଦନରୁ ବା ବଚନ ବା ନିଜ ମଧ୍ୟରୁ ଆସୁଥିବା ବେଦ ବୟାନ, ପୌଲସ୍ତ୍ୟ କର୍ଣ୍ଣ ମୂଳ ବା ବେଦ ଶ୍ରୁତି, କ୍ରତୁ ଭୁଜ ମୂଳ ବା ତାଙ୍କର ଯଜ୍ଞରେ ହବି ଆଦି ପ୍ରଦାନ, ପୁଲାହ ନାଭି ମଣ୍ଡଳ ବା ତାଙ୍କ କୁଣ୍ଡଳିନୀ ସାଧନା, ଅତ୍ରି ଦୁଇ ଚକ୍ଷୁ ବା ତାଙ୍କ ଦର୍ଶନ ଏବଂ ମରିଚୀ ମନରୁ ବା ତାଙ୍କ ମାନସ ପୁତ୍ର ଅନୁରୂପ ଥିଲେ ? ନାଁ, ସନକ, ସନତ, ସନନ୍ଦ, ସନାତନ ତାଙ୍କ ମାନସ ପୁତ୍ର ଥିଲେ। କିନ୍ତୁ ଭାଗବତ ଅନୁସାରେ ଏହି ଦଶ ପୁତ୍ର ବ୍ରହ୍ମାଙ୍କ ଅଙ୍ଗରୁ ତଥା ନିଜ ଦେହକୁ ଦୁଇ ଖଣ୍ଡ କରି ସେ ସ୍ୱୟଂଭୂବ ଓ ଶତ ରୂପାଙ୍କୁ ସୃଷ୍ଟି କରିଥିଲେ ।

ସୃଷ୍ଟିର ଏହି ଦ୍ୱିତୀୟ ଅଧ୍ୟାୟର ସମୟରେ ବୋଧହୁଏ ପୁରୁଷ ଏବଂ ନାରୀ ମଧ୍ୟରେ ମୈଥୁନର ସମ୍ପର୍କ ନଥିଲ। ନୀଳଲୋହିତଙ୍କଠାରୁ ବ୍ରହ୍ମା ପୂର୍ବଜମାନଙ୍କୁ ମନୁ ଉପରେ ମନୁ ବା ଆଦି ମନୁ ଭାବରେ ଗ୍ରହଣ କରିଥିଲେ। ସ୍ୱୟଂଭୁବ ଏବଂ ଶତ ରୂପା ପୃଥିବୀର ପ୍ରଥମ ମନୁଷ୍ୟ ଥିଲେ। କିନ୍ତୁ ଏହି ଦଶ ପୁତ୍ର ନାଁ ମନୁ ଥିଲେ ନାଁ ମାନବ ଥିଲେ ! ଏହିମାନେ କେବଳ ଋଷି ଥିଲେ, ମହା ଯୋଗ ସାଧକ ଓ ଅସାଧାରଣ ପ୍ରତିଭାର ଅଧିକାରୀ ଥିଲେ, ଯେଉଁ ମାନଙ୍କଠାରୁ ଦେବତା ତଥା ଆର୍ଯ୍ୟ ମାନେ ସଂଭବ ହୋଇ ଥିଲେ। ଏହିପରି ପ୍ରାଜ୍ଞ ଚେତନଶୀଳ ମହାମାନବ ମାନଙ୍କୁ ବ୍ରହ୍ମା ନିଜ ଅଙ୍ଗରୁ ସୃଷ୍ଟି କରିଥିଲେ ଏବଂ ଏହି ଦଶ ଜଣ ମଧ୍ୟ ପୃଥିବୀରେ ଅଙ୍ଗଜ ସୃଷ୍ଟିର ଜନକ ଥିଲେ।

ଆଦାମ ଏବଂ ଇଭଙ୍କ ବିଷୟରେ ମଧ୍ୟ ଏହାହିଁ ଲେଖାଅଛି ଯେ, ସେମାନେ ନିଷିଦ୍ଧ ଫଳ ଭକ୍ଷଣ କଲାପରେ ହିଁ ଉଭୟଙ୍କର ପାର୍ଥିବ ସମ୍ପର୍କବା ସଙ୍ଗମ ହୋଇଥିଲା। କାରଣ ଜ୍ଞାନ ଫଳକୁ ଭଲ ବା ମନ୍ଦ ବିବେଚନା କରିଥିଲେ।

ବ୍ରହ୍ମାଙ୍କର ମାନସପୁତ୍ର ମାନେ ସମସ୍ତେ ମହାଯୋଗୀ ଥିଲେ। ସେମାନଙ୍କ ମଧ୍ୟରୁ କେତେକ ବିବାହ ମଧ୍ୟ କରି ନଥିଲେ। ସେମାନେ ଇନ୍ଦ୍ରିୟ ଜିତ ଓ ଉର୍ଦ୍ଧ୍ୱରେ ତା ଥିଲେ। ସେମାନେ ଯୋଗ, ତପସ୍ୟା, ବିଭିନ୍ନ ଗବେଷଣା ଆଦିରେ ତମାମ ଜୀବନ ବ୍ୟୟ କରୁଥିଲେ।

ତେଣୁ ସେମାନେ ଦୈହିକ ମିଳନକୁ ପ୍ରଶୟ ଦେବାକୁ ଇଚ୍ଛା କରୁନଥିଲେ। ପୁନଶ୍ଚ ପୃଥିବୀ ପ୍ରଳୟ ଜଳରେ ମଗ୍ନଥିବାରୁ ଅଧିକ ସୃଷ୍ଟିକୁ ବଞ୍ଚାଇ ରଖିବା ସମ୍ଭବ ନଥିଲା ସେତେ ବେଳେ ଜନ୍ମ ନିୟନ୍ତ୍ରଣ ଏତେ ସୁବିଧା ଜନକ ନଥିଲା। ବ୍ରହ୍ମା ଏବଂ ବ୍ରହ୍ମାଙ୍କ ଦ୍ୱାରା ଉତ୍ପତ୍ତି ହୋଇଥିବା ସନ୍ତାନ ମାନେ ପୃଥିବୀର ଉଚ୍ଚ ସ୍ତରର ନୂତନ ମାନବ ଜାତି ସୃଷ୍ଟି କରିବା ପାଇଁ ଅଭିପ୍ରେତ ଥିଲେ। ତେଣୁ ଏହି ମହାତ୍ମାମାନେ ଓ ସେମାନଙ୍କ ସନ୍ତାନମାନେ ସେହି ସମୟରେ ପ୍ରାୟ ବିନା ମୈଥୁନରେ ଉତ୍ପନ୍ନ ହୋଇଥିବ। ସମ୍ଭବ। ସେହି ମହାତ୍ମା ମାନେ ଏଥିପାଇଁ ବିଶେଷ ବିଜ୍ଞାନ ପଦ୍ଧତି ମଧ୍ୟ ପ୍ରୟୋଗ କରିଥିବା ସଂଭବ।

ସେମାନେ ନିଜର ଶୁକ୍ରାଣୁ ଗୁଡିକ ପତ୍ନୀଙ୍କ ଗର୍ଭାଶୟକୁ ବିନା ମୈଥୁନରେ ପ୍ରବେଶ କରାଇ (ବର୍ତ୍ତମାନର ଇଞ୍ଜେକ୍ସନ ପଦ୍ଧତି ତିପରି ) ଗର୍ଭରେ ସନ୍ତାନ ସୃଷ୍ଟି କରୁଥିଲେ।

କିମ୍ବା ସମୟର ଆବଶ୍ୟକତା ଦୃଷ୍ଟିରୁ ଯୋଗ ଦ୍ୱାରା ସୃଷ୍ଟି ପାଇଁ ଏକ ନୂତନ ପନ୍ଥା ଲାଭ କଲେ ଓ ନିଜର ପ୍ରତି ରୂପମାନ ସୃଷ୍ଟି କରିଥିଲେ। ଯେଉଁ ସତ୍ୟକି ପୁନଶ୍ଚ ଏକବିଂ ଶ ଶତାବ୍ଦୀରେ ପ୍ରକାଶ ହେଲା। କିନ୍ତୁ ସେହି ସମୟରେ ବ୍ରହ୍ମା କିମ୍ବା ଅନ୍ୟ ବିଜ୍ଞାନ ସାଧକ ମାନେଏହାକୁ ସାର୍ବଜନୀନ କରୁନଥିଲେ। ବୋଧହୁଏସେମାନେ ସମସ୍ତଙ୍କୁ ଏହି ବିଦ୍ୟା ଦାନ କରିବାର ଉପଯୁକ୍ତ ପାତ୍ର ବୋଲି ମନେକରୁ ନଥିଲେ। ଏହା କେବଳ ଉଚ୍ଚ ସ୍ତରର ମହାମାନବ ମାନଙ୍କ ପ୍ରତିକୃତି ରୂପ ସୃଷ୍ଟି ବା ସନ୍ତାନ ସୃଷ୍ଟି ପାଇଁ ପ୍ରୟୋଗ କରାଯାଉଥିଲା। ଏହାଥିଲା ପ୍ରଥମ ଆଙ୍ଗଜ ସୃଷ୍ଟି। ବ୍ରହ୍ମା ମାନବ ସୃଜନ କରିବା ଇଚ୍ଛା କରି,ପୁନଶ୍ଚ ବ୍ରହ୍ମା ପୁରୁଷ ଥିବାରୁ ନିଜନି ଶରୀରକୁ ସମାନ ଦୁଇ ଭାଗରେ ବିଭକ୍ତ କରି ଜଣେ ପୁରୁଷ ଓ ଜଣେ ନାରୀ ରୂପେ ସ୍ୱୟଂଭୁବ ମନୁ ଓ ଶତ ରୂପାଙ୍କୁ ସୃଷ୍ଟି କରି ସେମାନଙ୍କୁ ନୂତନ ସର୍ଜନା କରିବାକୁ ଆଦେଶ ଦେଲେ। ଏହି ପ୍ରକାର ସୃଷ୍ଟି ଶରୀର କୋଶିକାରୁ କରାଯାଉଥିଲା। ଶରୀରର ପ୍ରାୟ ପ୍ରତ୍ୟେକ କୋଶିକା ରେ ଏପରି ସୂକ୍ଷ୍ମ ସଂକେତ ରହିଛି, ସମ୍ପୂର୍ଣ୍ଣ ଶରୀରର ପୂର୍ଣ୍ଣ ରଚନା ନିମନ୍ତେ ଯାହାର ଆବଶ୍ୟକତା ରହିଅଛି। ଏଛି କୋଶିକା ଶରୀରର ଅନ୍ୟ ଲକ୍ଷ ଲକ୍ଷ କୋଶିକାରେ ବିଭକ୍ତ ହୁଏନାହିଁ। ଏହାର ମୁଖ୍ୟ କାରଣ ହେଲା,ଏହି କୋଶିକା ଗୁଡ଼ିକ ଜୈବିକ ରସାୟନ କ୍ରୀୟ। ଦ୍ୱାରା ସନ୍ତୁଳିତ ହୁଏ। ହାଡ଼,ବାଳ, ହୃଦୟ ତନ୍ତୁ, ତଥା ଧମନୀତନ୍ତୁ ଏ କ୍ରମର ଅନ୍ତର୍ଭୁକ୍ତ। ଏହାପରେ ମଧ୍ୟ ଶଲ୍ୟ ଚିକିତ୍ସା ଦ୍ୱାରା ବାସ୍ତବରେ କୌଣସି ଶରୀର କୋଶିକାର ନାଭିକଟିକୁ ଅନାହତ ବାହାର କରି ସେହି ପ୍ରକାର ଅନା ହତ ଅଣ୍ଡ କୋଶିକାରେ ସ୍ଥାପନ କରା ଯାଏ। ଯାହାର ନାଭିକଟି ବାହାର କରି ଦିଆଯାଇଥିବ କିମ୍ବା ନିଷ୍କ୍ରିୟ କରାଯାଇଥିବ ତାହାହେଲେ ଶରୀର କୋଶିକାର ପ୍ରତିରୂପ ମିଳିପାରିବ। ଏ ପ୍ରକ୍ରିୟାରେ ବ୍ୟକ୍ତିକୁ ବିଭକ୍ତ ତଥା ପୁନଃ ସର୍ଜିତ କରାଯାଇପାରେ। ଯାହାଠାରୁ ଏହା ବାହାର କରାଯାଇଥିବ ଏହା ତାର ପ୍ରତିରୂପ ଅଂକୁର ହେବ ଏବଂ ଏହାକୁ ଏକନାରୀର ଗର୍ଭାଶୟ ମଧ୍ୟରେ ସ୍ଥାପନ କରାଯିବ।(ଆଲୋକ) ଏହା ସତ୍ୟଯୁଗ ଥିଲା। ସେତେବେଳର ପ୍ରାକୃତିକ ପରିବେଶ ଅନୁ ସାରେ ଏହି କାର୍ଯ୍ୟ ବୋଧହୁଏ ଏତେ ଅୟାସ ସାଧ ନଥିଲା। ଏହିଭଳି ଭାବେ ବ୍ରହ୍ମା ନିଜ ଅଙ୍ଗକୁ ଦୁଇ ଭାଗ କରି ଧର୍ମ ପତ୍ନୀ ସାବିତ୍ରୀଙ୍କ ସହାୟତାରେ ଦୁଇ ମାନବପୁତ୍ର, କନ୍ୟାଙ୍କୁ ଜନ୍ମ ଦେଲେ। ଏହି ସାବିତ୍ରୀ କିଏ ? ଭାରତୀୟ ଅତୀତରେ ତାଙ୍କର ଭୂମିକା କଣ ? ବ୍ରହ୍ମା ଏବଂ ତାଙ୍କର ଦଶ ପୁତ୍ର ସପତ୍ନୀକ ହେଲେ ମଧ୍ୟ ସେମାନେ ସ୍ତ୍ରୀଙ୍କ ସହ ସହବାସ କରି ମଧ୍ୟ ଏହି ଧର୍ମ ପତ୍ନୀମାନଙ୍କ ସହ ଦୈହିକ ସମ୍ପର୍କ ନରଖି ସନ୍ତାନ ସୃଷ୍ଟି କରୁଥିଲେ କାହିଁକି ?

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

# ଦାମ୍ପତ୍ୟ କଳହ, ସର୍ବଦା ନକାରାତ୍ମକ ନୁହେଁ



ସୁଷମା ପରିଜା

"ଦାମ୍ପତ୍ୟ କଳହ" କଳି ପଦବାଚ୍ୟ ନୁହେଁ ବୋଲି ଶାସ୍ତ୍ର କହେ। ସମୟ ସମୟରେ ଏହା ସକାରାତ୍ମକ ମଧ୍ୟ ହୋଇଥାଏ ଏବଂ ମଣିଷର ଭାଗ୍ୟ ପରିବର୍ତ୍ତନ କରିଦେଇଥାଏ। ଏଇ ଯେମିତି ସେଦିନ ପତ୍ନୀ ପଦ୍ମାବତୀଙ୍କର ତୀବ୍ର ତାଡନା କାଳିଦାସଙ୍କୁ ମହାମୂର୍ଖରୁ ମହାପଣ୍ଡିତରେ ପରିବର୍ତ୍ତିତ କରିଦେଇଥିଲା। ସେହିପରି ଆଉ ଗୋଟିଏ ଦାମ୍ପତ୍ୟ କଳହର କଥା। ୨୦୦୪ ମସିହାରେ ଜଣେ ଭାରତୀୟ ଯୁବ କମ୍ପ୍ୟୁଟର ଇଞ୍ଜିନିୟର ସସ୍ତ୍ରୀକ ଆମେରିକାର ଏକ ପ୍ରମୁଖ ସହରରେ ରହୁଥାନ୍ତି। ଦିନ ସାରା କମ୍ପାନୀର କାମରେ ବ୍ୟସ୍ତ ରହି ନିଜ ପତ୍ନୀଙ୍କୁ ସମୟ ଦେଇ ପାରୁନଥିବାରୁ ଘରେ ସର୍ବଦା ଅଶାନ୍ତି ଲାଗି ରହୁଥାଏ। ଯୁବ ଇଞ୍ଜିନିୟର୍ ଜଣକ ପତ୍ନୀଙ୍କୁ ଖୁବ୍ ଭଲ ପାଉଥିଲେ ମଧ୍ୟ ନିଜର କାର୍ଯ୍ୟ ବ୍ୟସ୍ତତା ହେତୁ ସବୁବେଳେ କଥା ଦେଇ ମଧ୍ୟ କଥା ରଖିପାରନ୍ତି ନାହିଁ। ପରସ୍ପର ମଧ୍ୟରେ ରାଗରୁଷା ଲାଗି ରହୁଥାଏ। ଏମିତି ଦିନେ ସ୍ୱାମୀ ଜଣକ ଖୁବ୍ ଅନୁନୟ ବିନୟ ହୋଇ ସ୍ତ୍ରୀଙ୍କୁ ପଟେଇଲେ ଏବଂ ଅଫିସ୍ ଯିବା ବେଳକୁ ନିର୍ଭର ପ୍ରତିଶ୍ରୁତି ଦେଇଗଲେ ଯେ ସେଦିନ ରାତିରେ ସେ ପତ୍ନୀଙ୍କୁ ସହରର ଏକ ନିର୍ଦ୍ଦିଷ୍ଟ ଦାମୀ ରେଷ୍ଟୁରାଣ୍ଟ୍‌ରେ ଡିନର୍ କରାଇବା ପରେ ସପିଙ୍ଗ୍ ମଲ୍‌ରେ ତାଙ୍କର ମନମୁତାବକ ସପିଙ୍ଗ୍ କରାଇଦେବେ। ପତ୍ନୀଙ୍କୁ କେବଳ ଏତିକି ସାହାଯ୍ୟ କରିବା ଲାଗି ହେବ ଯେ ସେ ନିଜେ ଯାଇ ରାତି ଆଠଟା ପୂର୍ବରୁ ସେଇ ନିର୍ଦ୍ଦିଷ୍ଟ ରେଷ୍ଟୁରାଣ୍ଟ୍‌ରେ ପହଞ୍ଚିବା ପାଇଁ ପଡିବ। ପତ୍ନୀ ଜଣକ ସେଦିନ ମନଖୁସିରେ ସନ୍ଧ୍ୟା ବେଳକୁ ତରତରରେ ସବୁ କାମଦାମ ସାରି ସଜବାଜ ହୋଇ ସେହି ନିର୍ଦ୍ଦିଷ୍ଟ ରେଷ୍ଟୁରାଣ୍ଟ୍‌ରେ ପହଞ୍ଚି ପତି ମହାଶୟଙ୍କୁ ଅପେକ୍ଷା କରି ବସିରହିଲେ। ରାତି ଆଠଟାରୁ ଯାଇ ଦଶଟା ବାଜିଲା, ତଥାପି ମଧ୍ୟ ସ୍ୱାମୀଙ୍କର ଦେଖା ନାହିଁ। ରାତି ଏଗାରଟା ବେଳକୁ ରାଗରେ ପଞ୍ଚମ ହୋଇ ସେମିତି ଭୋକିଲା ପେଟରେ ପତ୍ନୀ ବାହୁଡ଼ିଲେ ଘରକୁ।

ମଧ୍ୟରାତ୍ରୀ ପରେ ଅସ୍ତବ୍ୟସ୍ତ ହୋଇ ଘରେ ପହଞ୍ଚିଲେ ସ୍ୱାମୀ। କାକୁତି ମିନତି ହୋଇ ମାନସୀ ପତ୍ନୀଙ୍କୁ କହିଲେ .." ସରି ଡାର୍ଲିଂ.. ଅଫିସ୍‌ରୁ ଗୋଟିଏ ସ୍ଥାନକୁ ମିଟିଂ ପାଇଁ ପାଇଥିଲି, ଫେରିବା ବେଳକୁ ବାଟ ଭୁଲିଗଲି , ଏ ଦେଶର ମାନଚିତ୍ର ମୋତେ ଅଜଣା ତେଣୁ ବାଟ ଖୋଜିବା ପାଇଁ ଏତେ ସମୟ ଲାଗିଲା। ବିଳମ୍ବରେ ମୁଁ ସେଇ ରେଷ୍ଟୁରାଣ୍ଟ୍‌ରେ ପହଞ୍ଚିଥିଲି ହେଲେ ମୋ'ର ଦୁର୍ଭାଗ୍ୟକୁ ତୁମେ କିଛି ସମୟ ପୂର୍ବରୁ ସେ ସ୍ଥାନ ଛାଡି ଚାଲିଆସିଥିଲ। ଏଇ ଥରକ ମାତ୍ର ମୋତେ ମାଫ୍ କରିଦିଅ ପ୍ଲିଜ୍, ଆଉ କେବେ ବି ଏମିତି ଭୁଲ୍ କରିବିନି। ପତ୍ନୀଙ୍କ ରାଗ ଚରମ ସୀମା ସ୍ପର୍ଶ କରି ସାରିଥିଲା, ସିଏ ଆଉ ସ୍ୱାମୀଙ୍କର କୌଣସି କଥା ଶୁଣିଲେ ନାହିଁ କି ଉତ୍ତର ମଧ୍ୟ ଦେଲେ ନାହିଁ। ତିନି ଘଣ୍ଟାରୁ ଅଧିକ ସମୟ ଏକା ଏକା ରେଷ୍ଟୁରାଣ୍ଟ୍‌ରେ ସ୍ୱାମୀଙ୍କୁ ଅପେକ୍ଷା କରିବା ପରେ ନିରାଶ ହୋଇ ଫେରିବା ତାଙ୍କ ପାଇଁ ଘୋର ଅପମାନ ଥିଲା। ଅନେକ ଅନୁନୟ କରିବା ପରେ ସ୍ତ୍ରୀଙ୍କର ମାନଭଞ୍ଜନ କରି ନପାରି ସ୍ୱାମୀ ଜଣକ ଅଗତ୍ୟା ଫେରି ଆସିଲେ ନିଜ ଅଫିସ୍‌କୁ। ବଳକା ରାତିଟି ତାଙ୍କୁ ସେଇ ଅଫିସ୍ ଭିତରେ ବିନିଦ୍ର ହୋଇ କାଟିବାକୁ ପଡ଼ିଲା। ରାତି ସାରା ସେ ବସି ଭାବୁଥିଲେ "ଗାଡ଼ିରେ ବାଟ ଭୁଲିଯିବାରୁ ସିନା ଏତେ ଦଶା ଭୋଗିବାକୁ ପଡ଼ିଲା। ଯଦି ସେଇ ସମୟରେ ମୋ' ପାଖରେ ଏହି ସ୍ଥାନର ନକ୍ସାଟିଏ ଥାଆନ୍ତା, ତେବେ ମୁଁ ଠିକ୍ ରାସ୍ତା ଧରି ଠିକ୍ ସମୟରେ ରେଷ୍ଟୁରାଣ୍ଟ୍ ରେ ପହଞ୍ଚିଥାନ୍ତି। ମୋ'ର ପ୍ରାଣ ପ୍ରିୟା ଏତେ ଦୁଃଖ ପାଇନଥାନ୍ତା କି ମୋତେ ଆଜି ରାତିକି ଏକା ଏକା ଅଫିସ୍ ଚାମ୍ବର ଭିତରେ ବିନିଦ୍ର ରହି କାଟିବାକୁ ପଡି ନଥାନ୍ତା।" ଭବିଷ୍ୟତ ପାଇଁ ଏହି ସମସ୍ୟାର ସମାଧାନ କରିବାକୁ ହେଲେ ଏଠିକାର ଡିଜିଟାଲ ମାନଚିତ୍ରଟିଏ କରି ରଖିବା ପାଇଁ ପଡିବ ମୋତେ। ଏହା ଚିନ୍ତା କରି ତା' ପରଦିନ ଠାରୁ କାମରେ ଲାଗି ପଡ଼ିଲେ ଯୁବ ଇଞ୍ଜିନିୟର୍ ଜଣକ। ତାଙ୍କ ସାଥିମାନଙ୍କୁ ଏକତ୍ରିତ କରି ଜଣାଇ ଦେଲେ ଯେ ଆମେ ସବୁ ଦେଶର ମାନଚିତ୍ରକୁ ସଂଗ୍ରହ କରି ଏମିତି ଏକ ଆପ୍ଲିକେସନ ତିଆରି କରିବା ଯାହା ମଣିଷକୁ ଯେକୌଣସି ସ୍ଥାନରେ ଯେକୌଣସି ସମୟରେ ସେ ଚାହୁଁଥିବା ସ୍ଥାନର ନକ୍ସା ଦେଖାଇ ସେଠାରେ ପହୁଞ୍ଚାଇ ଦେଇ ପାରିବ। ସିଏ ଆଉ ତାଙ୍କ ଟିମ୍ ଅକ୍ଲାନ୍ତ ପରିଶ୍ରମ କରି ଚାଲିଲେ ଦିନପରେ ଦିନ, ରାତି ପରେ ରାତି। ଏମିତି ବିତିଗଲା ବର୍ଷ ଟିଏ। ୨୦୦୫ ମସିହାରେ ଚୂଡାନ୍ତ ରୂପନେଲା ସେମାନଙ୍କ କଠିନ ପରିଶ୍ରମର ଫଳ.. " ଗୁଗଲ ମ୍ୟାପ୍" ଏବଂ ଏହା କୋଟି କୋଟି ମଣିଷଙ୍କୁ ସଠିକ ମାର୍ଗ ଦର୍ଶନ କରିବାକୁ ସହାୟତା କଲା। ସର୍ବ ପ୍ରଥମେ ଏହା ବ୍ୟବହୃତ ହେଲା ଯୁକ୍ତରାଷ୍ଟ୍ର ଆମେରିକାରେ। ତା'ପର ବର୍ଷ ଇଂଲଣ୍ଡରେ। ଆମ ଦେଶ ଭାରତରେ ଏହା ପ୍ରବେଶ କରିଥିଲା ଦୁଇ ହଜାର ଆଠ ମସିହାରେ। ଏହି ଆପ୍ଲିକେସନ୍ ବା ସଂକ୍ଷେପରେ "ଆପ୍"ର ପ୍ରସ୍ତୁତକର୍ତ୍ତା କିଏ ଜାଣନ୍ତି ? ସିଏ ହେଲେ ଜଣେ ଭାରତୀୟ ବଂଶୋଦ୍ଭବ ଆମେରିକୀୟ ଯୁବ ଇଞ୍ଜିନିୟର୍ "ସୁନ୍ଦର ପିଚାଇ"।

ଆଜି ଏହି ଆପ୍‌କୁ ଗାଆଁରୁ ସହର ଯାଏଁ ସର୍ବସାଧାରଣ ଖୁବ୍ ଭଲ ଭାବରେ ବ୍ୟବହାର କରି ଅନେକ ସୁବିଧା ପାଉଛନ୍ତି। ଏବେ କୁହନ୍ତୁ ତ' ଦାମ୍ପତ୍ୟ କଳହ କେତେ ସକାରାତ୍ମକ ହୋଇପାରେ।

+ ଶାରଳା ଭବନ,
ପୋଡାପୋଖରୀ,
କଟକ-୪

## ବସନ୍ତ ବିଥିକା

ବିନୀତା ପ୍ରଧାନ

ତୁମ ହାତଲେଖା ଝୋଟି ଚିତା ପରି ଫଗୁଣର ଏଇ ଖରା
ଶାଳଗଛେ ଧଳା କେରି କେରି ଫୁଲ ଲାଗେ ତୁମ କାନ ଝରା ।
ତୁମ ନିରୀମାଖି ମନ ପରି ଏଇ ଚଗଲା ଚଇତି ବାଆ
ଅବେଳରେ ଆସି ଚୁପି ଚୁପି କାନେ କହିଦିଏ ତୁମ ନାଆଁ ।।
ସଞ୍ଜ ସକାଳରେ ତୁମ କଥା ଭାବେ ତୁମେ କି ମୋ ଫୁଲ ରାଣୀ
ଫୁଲେଇ ଫଗୁଣ ପବନେ ଶୁଣାଏ ସାତ ସୁରର ରାଗିଣୀ ।।
ନବ ପଲ୍ଲବର ସବୁଜ ପଣତ ଲାଗେ ତୁମ ଶାଢ଼ୀ କାନି
ରଙ୍ଗ ବେରଙ୍ଗର ଫୁଲକଢ଼ି ସତେ ଲାଗେ ତୁମ ନାକଚଣି ।।
ପଳାଶ ଫୁଲର ଲାଲିମା କି ତୁମ ଅଧରର ହସ ଧାର
କୃଷ୍ଣଚୂଡ଼ାର ପେନ୍ଥି ପେନ୍ଥି ଫୁଲ ତୁମ ଗଭାର ଗଜରା ମାଳ ।।
କୋଇଲିର ମିଠା କୁହୁ ଶୁଣି ଶୁଣି ଆସେ ମୋ ମନରେ ବ୍ୟଥା
ବିରହ ପ୍ରାଣ ମୋ ଚାହେଁ ତୁମ ପାଶେ କହନ୍ତି ମୋ ମନ କଥା ।।
ଚହଲା ପାଣିରେ ଦିହେଁ ହାତ ଧରି ଚାଲୁଥାନ୍ତେ ଧୀରେ ଧୀରେ
ଚଗଲା ପବନ ଦୁଷ୍ଟାମୀ କରନ୍ତା ଆମ ଦିହିଁଙ୍କ ସାଥିରେ ।।

+ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,
ବଇଣ୍ଡା, ଅନୁଗୋଳ
ମୋ-୯୭୭୭୧୪୪୦୪୭

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆମ୍ବେଦକରଙ୍କ ଜୀବନୀ ଓ ଅବଦାନ ଶୀର୍ଷକ ସ୍ୱତନ୍ତ୍ର ବକ୍ତୃତା ଅନୁଷ୍ଠିତ

ଜୟପୁର, ୧୭/୪ (ନି.ପ୍ର): ଭାରତ ରତ୍ନ ବାବାସାହେବ ଡ. ବିଆର୍ ଆମ୍ବେଦକରଙ୍କ ୧୩୪ତମ ଜୟନ୍ତୀ ଅବସରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୁନାବେଡ଼ା ପରିସରରେ 'ଡ. ବିଆର୍ ଆମ୍ବେଦକରଙ୍କ ଜୀବନ ଓ ଅବଦାନ' ଶୀର୍ଷକ ଏକ ସ୍ୱତନ୍ତ୍ର ବକ୍ତୃତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ଓ ଔରଙ୍ଗାବାଦସ୍ଥିତ ଡ. ବାବାସାହେବ ଆମ୍ବେଦକର ମରାଠୱାଡା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବାଲୁ ଆନନ୍ଦ ଚୋପାଡେ ଓ ବିଶ୍ୱଭାରତୀର ଯୁଗ୍ମ ରେଜିଷ୍ଟ୍ରାର ଡ. ପ୍ରଶାନ୍ତ ମେଶ୍ରାମ ପ୍ରମୁଖ ଯୋଗଦେଇ ସାରଗର୍ଭକ ବକ୍ତୃତା ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ସଭାପତିତ୍ୱ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଜିଷ୍ଟ୍ରାର ଓ ଫାଇନାନ୍ସ ଅଫିସର ପ୍ରଫେସର ଏନ୍ ସି ପଣ୍ଡା, ଏକାଡେମିକ୍ ଆଣ୍ଡ ଆଡ୍ମିନିଷ୍ଟ୍ରେସନ୍ ର ଉପଦେଷ୍ଟା ପ୍ରଫେସର ଭିସି ଝା ପ୍ରମୁଖ ଉପସ୍ଥିତ ଥିଲେ। ରାଜଭାଷା ସେଲ୍ ର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ହେମରାଜ ମୀନା ସ୍ୱାଗତ ଭାଷଣ ଦେଇଥିଲେ।

ପ୍ରଫେସର ତ୍ରିପାଠୀ ଡ. ଆମ୍ବେଦକରଙ୍କ ଗଭୀର ଶିକ୍ଷା ଉପରେ ଗୁରୁତ୍ୱାରୋପ କରି ତାଙ୍କୁ ଜଣେ ଦୂରଦର୍ଶୀ ବିଶ୍ୱ ଆଇକନ୍ ଏବଂ ରାଷ୍ଟ୍ରର ପ୍ରକୃତ ସ୍ଥାପକ ଭାବରେ କୃତଜ୍ଞତା ଜଣାଇଥିଲେ । ଡ. ଆମ୍ବେଦକରଙ୍କ ଜୀବନ, ଶିକ୍ଷା ଓ ଅବଦାନ କୁ ଅନୁଧ୍ୟାନ କରିବା ସହ ସାମାଜିକ ଓ ଜାତୀୟ ପ୍ରଗତିରେ ସକ୍ରିୟ ଭାବେ ଯୋଗଦାନ କରିବାକୁ ପ୍ରେରଣା ପାଇବା ପାଇଁ ସେ ବିଶ୍ୱବିଦ୍ୟାଳୟ ସମୁଦାୟଙ୍କୁ ପରାମର୍ଶ ଦେଇଥିେ।

ଡ. ବିଆର୍ ଆମ୍ବେଦକରଙ୍କ ଅନନ୍ୟ ମହାନତା ଉପରେ ଆଲୋକପାତ କରି ପ୍ରଫେସର ଚୋପାଡେ ଜ୍ଞାନର ପ୍ରତୀକ ଭାବରେ ତାଙ୍କର ମହତ୍ୱ ଉପରେ ବର୍ଣ୍ଣନା କରିଥିଲେ, ବିଶେଷ କରି କଲମ୍ବିଆ ବିଶ୍ୱବିଦ୍ୟାଳୟରେ ତାଙ୍କର ଉଲ୍ଲେଖନୀୟ ଶୈକ୍ଷିକ ଯାତ୍ରାକୁ ଉଲ୍ଲେଖ କରିଥିଲେ। ଜଣେ ଜ୍ଞାନୀ, ସମାଜ ସଂସ୍କାରକ, ଆଇନଜୀବୀ, ଅର୍ଥନୀତିଜ୍ଞ ଏବଂ ମହିଳା ସଶକ୍ତୀକରଣ ସମେତ ବିଭିନ୍ନ ଉଦ୍ଦେଶ୍ୟପାଇଁ ଭାରତର ସମ୍ବିଧାନ ନିର୍ମାତା ଡ. ଆମ୍ବେଦକରଙ୍କ ବହୁମୁଖୀ ପ୍ରତିଭା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ଡକ୍ଟର ମେଶ୍ରାମ ଡକ୍ଟର ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ବିଶ୍ୱବ୍ୟାପୀ ପାଳନ କରାଯାଉଥିବା ବିଶ୍ୱସ୍ତରୀୟ ସ୍ୱୀକୃତି ଉପରେ ଆଲୋକପାତ କରିଥିଲେ । ଭାରତୀୟ ସମ୍ବିଧାନ ରଚନାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଠାରୁ ଆରମ୍ଭ କରି ଆଧୁନିକ ଭାରତକୁ ନିର୍ମାଣ କରିବାରେ ପ୍ରମୁଖ ଅନୁଷ୍ଠାନ ଏବଂ ନୀତି ପ୍ରତିଷ୍ଠା ରେ ତାଙ୍କର ପ୍ରୟାସ ପର୍ଯ୍ୟନ୍ତ ସେ ଡ. ଆମ୍ବେଦକରଙ୍କ ବହୁମୁଖୀ ଅବଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଫେସର ଝା ତାଙ୍କ ଆଇନଗତ ଦକ୍ଷତା ଏବଂ ନୀତିଗତ ହସ୍ତକ୍ଷେପ ମାଧ୍ୟମରେ ଆଧୁନିକ ଭାରତ ଗଠନରେ ଡ. ଆମ୍ବେଦକରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଡ. ଆମ୍ବେଦକରଙ୍କ ଦୂରଦୃଷ୍ଟି ଦେଶକୁ ପ୍ରଗତି ଓ ଉତ୍କର୍ଷତା ଦିଗରେ ମାର୍ଗଦର୍ଶନ କରୁଛି ବୋଲି ସେ କହିଥିଲେ । ପ୍ରଫେସର ପଣ୍ଡା ଡ. ଆମ୍ବେଦକରଙ୍କୁ ଭାରତର ଜଣେ ସମ୍ମାନଜନକ ଋଷିଙ୍କ ସହ ତୁଳନା କରି ସାମାଜିକ ଉନ୍ନତି ଓ ପ୍ରଗତି ପ୍ରତି ତାଙ୍କର ଅତୁଟ ସମର୍ପଣ ଉପରେ ଆଲୋକପାତ କରିବା ସହ ପ୍ରାଚୀନ ଶାସ୍ତ୍ରର ଶିକ୍ଷା ସହିତ ସମାନତା ଆଙ୍କିଥିଲେ।

କାର୍ଯ୍ୟକ୍ରମକୁ ପ୍ରଫେସର ମୀନା ସଂଯୋଜନା କରି ସମସ୍ତ ଅଂଶଗ୍ରହଣକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଅଧ୍ୟାପକ, ଅଧିକାରୀ, ଛାତ୍ରଛାତ୍ରୀ ଏବଂ ଗବେଷକମାନେ ଏହି ବକ୍ତୃତାରେ ଯୋଗଦେଇ ଡ. ବିଆର୍ ଆମ୍ବେଦକରଙ୍କ ସ୍ଥାୟୀ ପରମ୍ପରାପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣେଇଛନ୍ତି।

# ବଲାଙ୍ଗୀର ସହର ଛାତି ଉପରେ ଅସହାୟ ଯୁବକର ଅନାହାର ମୃତ୍ୟୁ

## ପଚା ଶବ ଟେକିବାକୁ ହାତ ବାନ୍ଧି ଦେଲା ପୌର ପ୍ରଶାସନ, ପିପିଇ କିଟ୍ ପିନ୍ଧି ଶବକୁ ଉଦ୍ଧାର କଲା ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନ

ବଲାଙ୍ଗୀର, ୧୭/୪ (ନି.ପ୍ର): ବର୍ତ୍ତମାନ ଖରାର ତାତି ସାଙ୍ଗକୁ ନିର୍ବାଚନୀ ତାତି ମୁଣ୍ଡ ଉପରେ। ନେତା ପ୍ରଚାର ଏବଂ ପ୍ରଶାସକ ବ୍ୟସ୍ତ ଏହି ପର୍ବ ଆୟୋଜନରେ। ଅସହାୟ ନିରାଶ୍ରିତଙ୍କ ଜୀବନ ସଂଗ୍ରାମ କଥା ଏହି ମୁହୂର୍ତ୍ତରେ ଅବା ଆଉ କିଏ ପଚାରେ। ସେ ବି ଜଣେ ଭୋଟର କିନ୍ତୁ ତା'ପାଇଁ କାହାରି ଦରଦ ନାହିଁ। ସହର ଛାତି ଉପରେ ବସବାସ କରୁଥିଲେ ମଧ୍ୟ ଅଳିଏ ଖାଇବା, ଖଣ୍ଡିଏ ଶରୀର ଢାଙ୍କିବା କି ଛାୟାଟିଏ ମୁଣ୍ଡ ଗୁଞ୍ଜିବା ପାଇଁ ତା' ଭାଗ୍ୟରେ ନାହିଁ। ଏହିପରି ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ଆଜି ବଲାଙ୍ଗୀର ସହର ମଧ୍ୟରେ ଦେଖିବାକୁ ମିଳିଥିଲା। ରେଲୱେ ଷ୍ଟେସନ-ଖୁଜେନପାଲି-ସାଲେପାଲି ରାସ୍ତା ମଠଖାଇ ଛକ ନିକଟରେ ଥିବା ଏକ ପରିତ୍ୟକ୍ତ ଘରେ ପଡି ରହିଥିଲା ଜଣେ ଅସହାୟ ଯୁବକର ଶବ। ୪/୫ ଦିନ ହେଇଯାଇଥିବା ଶବଟି ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ଟାଉନ ପୋଲିସକୁ ଖବର କରିଥିଲେ। ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଥିଲା। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ ସେହି ଯୁବକଟି ସାଲେପାଲି ନିବାସୀ ୨୭ ବର୍ଷୀୟ ଗଣେଷ ବେହେରା ଅଟେ। ତାର ମାଁଙ୍କର ମୃତ୍ୟୁ ହେଇଯାଇଥିବା ବେଳେ ବାପା ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି। ଭେଣ୍ଡିଆ ପୁଅଟି କିଛିଦିନ ଶ୍ରମିକ ଭାବରେ ରୋଜଗାର କରି ପେଟପାଟଣା କରୁଥିଲା। ପରେ ଶରୀର ଅସୁସ୍ଥ ହେବାରୁ ସେହି ପରିତ୍ୟକ୍ତ ଘରେ ୧୫/୨୦ ଦିନ ହେବ ଅଖିଆ ଅପିଆ ନିର୍ବସ୍ତ୍ର ଅବସ୍ଥାରେ ପଡି ରହିଥିଲା। ପରେ ଅନାହାରରେ ତାର ମୃତ୍ୟୁବରଣ ଘଟି ଯାଇଥିଲା।

ଖବର ପାଇ ଟାଉନ ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲର ପୋଲିସ ବିଟ ହାଉସ ଅଧିକାରୀ ଗିରି ଧାରୀ ରାହ୍ୱା, ଲକ୍ଷ୍ମୀଜୋର ଥାନାର ଏ.ଏସ୍.ଆଇ ଅଶ୍ୱିନୀ ଘିବେଲା, ମାଜିଷ୍ଟ୍ରେଟ ଦାୟିତ୍ୱରେ ବଲାଙ୍ଗିର ତହସିଲଦାର ସୁନୀଲ ମେହେରଙ୍କ ସହ ଘଟଣାସ୍ଥଳରେ ପହଂଚିଥିଲେ। ଶବଟି ପଚା ସଢ଼ା ଅବସ୍ଥାରେ ପୋକ ସାଲୁବାଲୁ ହୋଇ ପଡି ରହିଥିବା ବେଳେ ଦୁର୍ଗନ୍ଧରେ ସ୍ଥାନୀୟ ଅଂଚଳ ଫାଟି ପଡୁଥିଲା। ଫଳରେ ପୋଲିସ ଅଧିକାରୀ ଉକ୍ତ ଶବକୁ ଟେକି ଶବ ବ୍ୟବଚ୍ଛେଦ କେନ୍ଦ୍ରକୁ ନେବା ପାଇଁ ପୌର ପ୍ରଶାସନର ସହାୟତା ଲୋଡିଥିଲେ। ପୌର ପ୍ରଶାସନର କର୍ମଚାରୀ ଘଟଣାସ୍ଥଳକୁ ଆସିଥିଲେ ହେଁ ଶବକୁ ଦେଖିବା ପରେ ମାନବ ସମ୍ବଳ ଅଭାବ ଦର୍ଶାଇ ହାତ ଟେକି ଦେଇଥିଲେ। ବଲାଙ୍ଗିର ସହରର ୨୧ ଗୋଟି ୱାର୍ଡ ପରିଚାଳନା ଦାୟିତ୍ୱରେ ଥିବା ପୌର ପରିଷଦର ଏଭଳି ଅପାରଗତା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ବିଷୟ ଅଟେ। ତେଣୁକରି ପୋଲିସ ଅଧିକାରୀ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନକୁ ଯୋଗାଯୋଗ କରି ସାହାଯ୍ୟ ଲୋଡିଥିଲେ। ସଂଗଠନର ସଦସ୍ୟ ମାନେ ଘଟଣାସ୍ଥଳରେ ପହଂଚି ଦେଖିବା ପରେ ଶବକୁ ସାଧାରଣ ଭାବରେ ଉଦ୍ଧାର କରିବା ସହଜସାଧ୍ୟ ନୁହେଁ ବୋଲି ଅନୁଭବ କରିଥିଲେ। ପରେ ୪୦ଂସ ପ୍ରଚଣ୍ଡ ରୌଦ୍ରତାପରେ ପିପିଇ କିଟ୍ ମଗେଇ ଧାରଣ କରିବା ପରେ ସେହି ପରିତ୍ୟକ୍ତ ଘରେ ପ୍ରବେଶ କରି ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ସୁମିତ ମିଶ୍ର, ରବୀନ୍ଦ୍ର ପ୍ରଧାନ ଓ ଲିଙ୍କନ ସେଠ ଉକ୍ତ ପୋକ ସାଲୁବାଲୁ ପଚା ଶବକୁ ଉଠାଇଥିଲେ। ଶବକୁ ଉଦ୍ଧାର କରିବା ପରେ ଶବ ବ୍ୟବଚ୍ଛେଦ ପ୍ରକ୍ରିୟା ନିମନ୍ତେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲସ୍ଥିତ ଶବ ସଂରକ୍ଷଣ କେନ୍ଦ୍ରକୁ ପୋଲିସ ଉପସ୍ଥିତିରେ ଆମ୍ବୁଲାନ୍ସ ଯୋଗେ ନେଇ ସଂରକ୍ଷିତ କରି ଫେରିଥିଲେ। ଏଠି ସୂଚନାଯୋଗ୍ୟ ଯେ, ଗତ ୪ ଏପ୍ରିଲରେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ସେହି ପରିତ୍ୟକ୍ତ ଘରେ ନିର୍ବସ୍ତ୍ର ପଡି ରହିଥିବା ସେହି ଅସହାୟ ଯୁବକକୁ ଉଦ୍ଧାର କରିବା ପରେ ବସ୍ତ୍ର ପରିଧାନ କରାଇ ଖାଇବା ପିଇବା ଦେଇ ଆମ୍ବୁଲାନ୍ସ ଯୋଗେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିଲା ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନ। ସେଠାରେ ପ୍ରାଥମିକ ଚିକିତ୍ସା କରାଇବା ସହ ଡାକ୍ତରଙ୍କ ଦ୍ୱାରା ତାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକୀୟ ସାଲାଇନ, ଔଷଧ, ଇଂଜେକସନ ଦିଆଯାଇଥିଲା।

# ଜାମୁଦଲକରେ ଏକ ଦିବସୀୟ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଚମ୍ପୁଆ, ୧୭/୪ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଜାମୁଦଲକ ଠାରେ ରାତ୍ରିକାଳୀନ ଏକ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି। ଜାମୁଦଲକ ବୈତରଣୀ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ଥିବା ଏହି ଟୁର୍ଣ୍ଣାମେଣ୍ଟ ରେ ଦୂର ଦୁରାନ୍ତରୁ ଆସିଥିବା ଆଠଟି ଦଳ ଅଂଶ ଗ୍ରହଣ କରିଥିଲେ। ସର୍ବଶେଷରେ ଗମ୍ଭାରୀଆ କ୍ରିକେଟ କ୍ଲବ ସହିତ ଚମ୍ପୁଆ (୧୧) କ୍ରିକେଟ କ୍ଲବ ଫାଇନାଲ ଖେଳିଥିବା ବେଳେ ଚମ୍ପୁଆ ଦଳ ଚମ୍ପିୟାନ ହୋଇ ଟ୍ରଫି ହାସଲ କରିବାରେ ସଫଳ ହୋଇଥିଲେ। ଏହି ଖେଳରେ ମୁଖ୍ୟଅତିଥିଭାବେ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ ଯୋଗ ଦେଇ ଥିବାବେଳେ ସମ୍ମାନିତ ଅତିଥିଭାବେ ଆଇନଜୀବି ରମେଶ ଚନ୍ଦ୍ର ପ୍ରଧାନ, ପୂର୍ବତନ ଚମ୍ପୁଆ ବ୍ଲକ ଚ୍ୟାରମେନ ସିଦ୍ଧାର୍ଥ ସିଂହ ପ୍ରମୁଖ ଯୋଗ ଦେଇ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଗ୍ରାମାଂଚଳରେ କିପରି ଖେଳର ବିକାଶ ହୋଇ ପାରିବ ସେ ସମ୍ପର୍କରେ ନିଜ ନିଜ ଅଭିଭାଷଣ ମାଧ୍ୟମରେ ଆଲୋକ ପାତ କରିଥିଲେ। କ୍ଲବ ପକ୍ଷରୁ ପିଲାଙ୍କ ମଧ୍ୟରେ ଖେଳ ପ୍ରତି ଆଗ୍ରହ ସୃଷ୍ଟି କରିବା ଦିଗରେ କରା ଯାଇଥିବା ପ୍ରଚେଷ୍ଟା ପାଇଁ ଅତିଥି ଏବଂ ସମସ୍ତ ଗ୍ରାମବାସୀଙ୍କ ପକ୍ଷରୁ କମିଟି ସଦସ୍ୟ ମାନଙ୍କୁ ସାଧୁବାଦ ଦିଆ ଯାଇଛି। ଖେଳ ଦେଖିବା ପାଇଁ ଜାମୁଦଲକ ସମେତ ଆଖ ପାଖ ଅଂଚଳ ରୁ ବହୁ ସଂଖ୍ୟାରେ ଖେଳ ପ୍ରେମୀ ଉପସ୍ଥିତ ରହି ଖେଳର ମଜା ନେଇ ଥିବା ଦେଖିବାକୁ ମିଳିଛି।

## ପାଣିକୋଇଲି ମହାବୀର କଲୋନୀରେ ଅଷ୍ଟପ୍ରହରୀ

କୋରେଇ, ୧୭/୪ (ନି.ପ୍ର): ପାଣିକୋଇଲିସ୍ଥିତ ମହାବୀର କଲୋନୀର ମହାବୀର ପୀଠରେ ମହାବୀର ଜୟନ୍ତୀ ଅବସରରେ ଅଷ୍ଟପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କଲୋନୀ ବାସୀଙ୍କ ଦ୍ୱାରା ମହାସମାରୋହରେ ଏହା ପାଳନ କରାଯାଇଥିଲା। ବିଭିନ୍ନ ଗ୍ରାମର ସଂର୍କିତନ ମଣ୍ଡଳୀ ଦ୍ୱାରା ସାରା ରାତ୍ରୀ ନାମ ସର୍ଙ୍କତନ ଜାରି ରହିଥିଲା । ସମ୍ପୂର୍ଣ ମହାବୀର କଲୋନୀ ବାସନ୍ଦାଙ୍କ ଦ୍ୱାରା କାର୍ଯ୍ୟକ୍ରମର ସହଯୋଗ ସହ ସମୂହ ପ୍ରସାଦ ସେବନର ବନ୍ଦୋବସ୍ତ କରାଯାଇଥିଲା । ପୂଜକ ଭାବେ ରାମ ଚନ୍ଦ୍ର ପାଢୀ ଓ କର୍ତାଭାବେ ସଂଜୟ କୁମାର ବେହେରା କଳସ ବୁଡାଇଥିଲେ । ସନ୍ତୋଷ କୁମାର ବେହେରା, ଶରତ ଚନ୍ଦ୍ର ସାହୁ, ଅର୍ଜୁନ ଚରଣ ଦଳାଇ, ସୁଧାଂଶୁ ସ୍ୱାଇଁ, ପ୍ରଭାକର ଦାସ, ବିଷ୍ଣୁମୋହନ ବେହେରାଙ୍କ ସମତେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଦୁତିଆଳ ଗ୍ରାମରେ ଜଳକଷ୍ଟ: ପାଣି ପାଇଁ ବ୍ୟବସ୍ଥା ନହେଲେ ଭୋଟ ବର୍ଜନ ଚେତାବନୀ

କେନ୍ଦ୍ରାପଡ଼ା, ୧୭/୪ (ନି.ପ୍ର): ବର୍ତ୍ତମାନ ରାଜ୍ୟସାରା ୪୦ଡିଗ୍ରୀ ଉପରେ ପାରଦ। ଗରମରେ ସାରା ରାଜ୍ୟ ଜଳୁଛି । ଏହି ସମୟରେ କେନ୍ଦ୍ରାପଡା ଜିଲ୍ଲା ସଦର ମହକୁମାଠାରୁ ମାତ୍ର ୨ କିଲୋମିଟର ଦୂର କେନ୍ଦ୍ରାପଡା ବ୍ଲକ ଅଧିନ ଶ୍ୟାମସୁନ୍ଦରପୁର ପଂଚାୟତ ଦୁତିଆଳ ଗ୍ରାମରେ ସମସ୍ତ ଯୋଜନା ଫେଲ ମାରିଛି । ସ୍ୱଚକ୍ଷୁରେ ନ ଦେଖିଲେ ବିଶ୍ୱାସ କରି ହେବନାହିଁ । ପ ।ୟତ ବାସୀ ଭାବିଥିଲେ ଜଳକଷ୍ଟରୁ ମୁକ୍ତି ମିଳିବ। ସମସ୍ତଙ୍କ ଘରେ ଘରେ ପିଇବା ପାଣି ପହଂଚିବ । କେନ୍ଦ୍ର ସରକାରଙ୍କ "ହରଘର ଜଳ" ଓ ରାଜ୍ୟ ସାରକାରଙ୍କ "ବସୁଧା" ଯୋଜନାରେ ଲୋକମାନେ ପାଣି ସୁବିଧା ପାଉଛନ୍ତି ବୋଲି ବିଜ୍ଞାପନ କରୁଛନ୍ତି । କିନ୍ତୁ ଶ୍ୟାମସୁନ୍ଦରପୁର ପଂଚାୟତ ଦୁତିଆଳ ଗ୍ରାମର ୧୯ନଂ ୱାର୍ଡରେ ଜଳକଷ୍ଟକର ଚିତ୍ର ସାମ୍ନାକୁ ଆସିଛି । ଘର ପାଖରେ ପିଇବା ପାଣି ପହଂଚି ପାରିବ। ବୋରିଂ ପଏଂଟ ଖୋଳାଗଲା ଓ ଗାଁକୁ ପାଇପ୍ ବି ବିଛାଗଲା। ପ୍ରକଳ୍ପ ସ୍ଥାପନ ହେବାର ପ୍ରାୟ ୧ ବର୍ଷ ଧରି ଠିକ୍ ପରିମାଣରେ ପାଣି ଆସିଲା । ହେଲେ ତା' ପରେ ୮ବର୍ଷହେଲା ପାନୀୟ ଜଳ ଯୋଗାଣ ସେବା ଠପ୍ । ବିଛାଯାଇଥିବା ପାଇପ୍ କେତେକ ସ୍ଥାନରେ ଭାଙ୍ଗିରୁଜି ଗଲାଣି । ପୁଣି ପାଇପ୍ ଷ୍ଟାଣ୍ଡ ବ୍ୟବହାରରେ ନଲାଗିବାରୁ ସେଠାରେ ଗୋବର ଗଦା ହେଲାଣି । ୧୯ନଂ ୱାର୍ଡରେ ଥିବା ଏକମାତ୍ର ନଳକୂଅ ଉପରେ ନିର୍ଭର କରିବାକୁ ପଡୁଛି । ଯାହା ଗୁରୁତର ଜଳାଭାବ ଦୂର କରିବାରେ ସମର୍ଥ ହୋଇପାରୁନାହିଁ । ପୁଣି ଏଥିରେ ଯାହା ପାଣି ବାହାରୁଛି, ତାହା ପିଇବା ଉପଯୋଗୀ ନୁହେଁ ବୋଲି ଅଭିଯୋଗ ହୋଇଛି । ଯଦି ଏହାର ତୁରନ୍ତ ସମାଧାନ ନହୁଏ ସେହି ଅଂଚଳବାସୀମାନେ ଆସନ୍ତା ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଘଟଣାରୁ ପ୍ରକାଶ ଯେ, ଶ୍ୟାମସୁନ୍ଦରପୁର ପଂଚାୟତର ୪ଟି ରାଜସ୍ୱ ଗ୍ରାମ ଶ୍ୟାମସୁନ୍ଦରପୁର, ପୁରୁଷୋତମପୁର, ଦୁତିଆଳ ଓ ହାଲପୁର ଅଧିନରେ ମୋଟ୍ ୨୦ଟି ୱାର୍ଡ ରହିଛି । ଏହି ସବୁ ୱାର୍ଡର ଲୋକଙ୍କୁ ପାଣି ଯୋଗାଇବା ପାଇଁ ୫ଟି ପ୍ରକଳ୍ପ ସ୍ଥାପନା କରାଯାଇଛି । ଦୁତିଆଳରେ ୨ଟି, ପୁରୁଷୋତମପୁର, ଶ୍ୟାମସୁନ୍ଦରପୁର ଓ ହାଲପୁରରେ ଗୋଟିଏ ଲେଖାଏଁ ପାନୀୟ ଜଳ ପ୍ରକଳ୍ପ ରହିଛି । ପାନୀୟ ଜଳ ଯୋଗାଣକୁ ତ୍ୱରାନ୍ୱିତ କରିବା ପାଇଁ ଦୁତିଆଳରେ ୨ଟି, ହାଲପୁର ଓ ଶ୍ୟାମସୁନ୍ଦରପୁରରେ ଗୋଟିଏ ଲେଖାଏଁ ଓଭରହେଡ୍ ଟାଙ୍କି ନିର୍ମାଣ କରାଯାଇଛି । ହାଲପୁରରେ ହସ୍ତାନ୍ତର ହୋଇନାହିଁ । ଶ୍ୟାମସୁନ୍ଦରପୁରରେ ୩ ମାସ ହେଲା ହସ୍ତାନ୍ତର କରାଯାଇଛି । ଦୁତିଆଳ ଗ୍ରାମର ୧୯ ନଂ. ୱାର୍ଡରେ ପ୍ରାୟ ୭୦ ପରିବାର ବସବାସ କରିଆସୁଛନ୍ତି । ଏଠାରେ ସମସ୍ତ ଅଂଚଳକୁ ପିଇବା ପାଣି ଯୋଗାଣ ୧୦ ବର୍ଷ ଆଗରୁ ପାଇପ୍ ବିଛା ହୋଇଥିଲା । ପାଖରେ ଥିବା ପାନୀୟ ଜଳ ପ୍ରକଳ୍ପରୁ ପାଣି ମିଳୁଥିଲା। ପ୍ରାୟ ୨ରୁ ଅଢେଇ ବର୍ଷ ଧରି ନିୟମିତ ପାଣି ମିଳିଲା । ହେଲେ ତା' ପରଠାରୁ ପିଇବା ପାଣି ଯୋଗାଣ ସେବା ଏକ ପ୍ରକାର ବନ୍ଦ ହୋଇଯାଇଥିଲା । ପ୍ରାୟ ୮ବର୍ଷ ହେବ ଗାଁକୁ ପାଇପ୍ ଯୋଗେ ପିଇବା ପାଣି ଯୋଗାଣ ଆଉ ହେଉନାହିଁ । ନିମ୍ନମାନର କାମ ଯୋଗୁଁ ପାଇପ୍‌ଗୁଡିକ କମ୍ ଦିନରେ ଫାଟି ଯାଇଥିଲା । ତେବେ ପରବର୍ତୀ ସମୟରେ ମରାମତି ଅବା ନୂତନ ପାଇପ୍ ବିଛାଯାଇନଥିଲା । ତେଣୁ ଏଠାରେ ପିଇବା ପାଣି ଯୋଗାଣ ସମ୍ଭବ ହୋଇନାହିଁ । ଅନ୍ୟପକ୍ଷେ ପାଣିର ବେଆଇନ ସଂଯୋଗ ଓ ଅପଚୟ ଯୋଗୁଁ ମଧ୍ୟ ଘରେ ଘରେ ପାଣି ପହଂଚିବା ମିଶନରେ ବାଧା ସୃଷ୍ଟି କରିଛି। ତୁରନ୍ତ ପାନୀୟ ଜଳର ବ୍ୟବସ୍ଥା କରାନଗଲେ ଆଗାମୀ ନିର୍ବାଚନକୁ ସ୍ଥାନୀୟ ଜନ ସାଧାରଣ ବର୍ଜନ କରିବା ପାଇଁ ଚେତାବନୀ ଦେଇଛନ୍ତି ।

# କେନ୍ଦ୍ରାପଡା ଫାଷ୍ଟଟ୍ରାକ ଅଡହକ କୋର୍ଟରେ ଦୁଷ୍କର୍ମ ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

କେନ୍ଦ୍ରାପଡ଼ା, ୧୭/୪ (ନି.ପ୍ର): କେନ୍ଦ୍ରାପଡା ଫାଷ୍ଟଟ୍ରାକ୍ ଆଡହକ କୋର୍ଟର ଅତିରିକ୍ତ ଜିଲ୍ଲାଜଜ୍ ତ୍ରୀବିକ୍ରମ କେଶରୀ ଚିହ୍ନରା ଜନୈକ ଦୁଷ୍କର୍ମ ଅଭିଯୁକ୍ତକୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୩୧ହଜାର ଟଙ୍କା ଜୋରିମାନା କରିଛନ୍ତି । ଘଟଣାରୁ ପ୍ରକାଶ ଯେ କେନ୍ଦ୍ରାପଡା ଟାଉନ ଥାନା ଅ ଳର ଜନୈକ ମହିଳା ତାଙ୍କ ଘରେ ଶୋଇଥିବାବେଳେ ଗତ ୨୦୧୯ ମସିହା ଜୁନ ମାସ ୧୬ ତାରିଖ ରାତି ୮ଟା ସମୟରେ ଟାଉନ ଥାନା ଅନ୍ତର୍ଗତ ଚକଡା ଗ୍ରାମର ଗୁଣନିଧି ମଳିକ ଓରଫ ପାତିଆ ସେହି ମହିଳାଙ୍କ ପୁତ୍ର ଏବଂ ପତିଙ୍କ ଅନୁପସ୍ଥିତି ସୁଯୋଗରେ ତାଙ୍କ ଘରେ ପ୍ରଶି ସଂପୃକ୍ତ ମହିଳାଙ୍କୁ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲା । ମହିଳା ଜଣକ ଜୋରରେ ଚିତ୍କାର କରିବାରୁ ପାତିଆ ତାଙ୍କ ପାଟିରେ ଗାମୁଛା ପୁରାଇ ବିଧା ଚାପୁଡା ମାରିବା ସହିତ ବେଶି ପାଟିକଲେ ତାକୁ ଜୀବନରୁ ମାରି ଶେଷ କରିଦେବାକୁ ଧମକ ଦେଇଥିଲା । ସେହି ସମୟରେ ଚିତ୍କାର ଶୁଣି ଗ୍ରାମର କିଛି ଲୋକ ସେଠାରେ ପହଂଚି ଯିବାରୁ ଅଭିଯୁକ୍ତ ଗୁଣନିଧି ସେଠାରୁ ଦୌଡି ଚାଲି ଯାଇଥିଲା । ଘଟଣା ସମ୍ପର୍କରେ ପୀଡିତାଙ୍କ ସ୍ୱାମୀ ଟାଉନ ଥାନାରେ ଲିଖିତ ଅଭିଯୋଗ କରିବାରେ ସେହି ଅଭିଯୋଗକୁ ଭିତିକରି ଥାନା କେଶ୍ ନମ୍ବର-୧୦୫/୨୦୧୯ରେ ଆଇ.ପି.ସି.ର ୪୫୦, ୩୨୩ ଏବଂ ୩୭୬ଦଫାରେ ଏକ ଦୁଷ୍କର୍ମ ମାମାମଲା ରୁଜୁ କରାଯାଇଥିଲା । ଟାଉନ ଥାନା ପୋଲିସ ସେହି ମାମଲାର ତଦନ୍ତ କରି ଫାଇନାଲ ରିପୋର୍ଟ ଅଦାଲତରେ ଦାଖଲ କରିବା ପରେ ଏସ୍.ଟି. କେସ୍ ନଂ.୪/୨୦୨୨ରେ ମାମଲାର ଶୁଣାଣି ଚାଲିଥିଲା । ସେହି ମାମଲାର ବିଚାର କରି କେନ୍ଦ୍ରାପଡା ଫାଷ୍ଟ ଟ୍ରାକ୍ ଆଡହକ କୋର୍ଟର ଅତିରିକ୍ତ ଜିଲ୍ଲା ଜଜ୍ ତ୍ରିବିକ୍ରମ କେଶରୀ ଚିହ୍ନରା ୧୨ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତିକରି ଅଭିଯୁକ୍ତ ଗୁଣନିଧି ମଳିକ ଓରଫ ପାତିଆକୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୩୧ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ଏକବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ଅଦାଲତରେ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସରକାରୀ ଓକିଲ ସଞ୍ଜୟ କୁମାର ଜେନା ପରିଚାଳନା କରୁଥିଲେ ।

# ମତଦାନ ଅଧିକାରକୁ ନିଶ୍ଚିତ କରିବାକୁ ଆହ୍ୱାନ

ପୁରୀ , ୧୭/୪ (ନି.ପ୍ର): ବିଶ୍ୱର ସର୍ବ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ। ଆଉ ନିର୍ବାଚନ ହେଉଛି ଗଣତନ୍ତ୍ର ର ମହାପର୍ବ।ଏହାକୁ ନିଶ୍ଚିତ ମତାଧିକାର ସାବ୍ୟସ୍ତ କରି ପ୍ରତ୍ୟେକ ପାଳନ କରନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି ଉପଜିଲ୍ଲାପାଳ ତଥା ସୁଇପ ବା ଭୋଟର ସଚେତନତା କାର୍ଯ୍ୟକ୍ରମ ର ନୋଡାଲ ଅଫିସର ଗୋପୀନାଥ କୁଅଁର। ରାମନବମୀ ଠାରୁ ଆରମ୍ଭ ହେବ ପୁରୀ ର ପାରମ୍ପରିକ ସାହିଯାତ। ଏହି ସାହିଯାତ ମାଧ୍ୟମରେ ଆଗାମୀ ନିର୍ବାଚନ ରେ ମତଦାନ ହାର ବୃଦ୍ଧି ପାଇଁ ସଚେତନତା ସୃଷ୍ଟି ଉପରେ ଉପଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି। ସାହିଯାତ କେବଳ ପୁରୀ କାହିଁକି ଓଡ଼ିଶାର ଏକ ପ୍ରାଚୀନ ପରମ୍ପରା। ଶ୍ରୀଜଗନ୍ନାଥ ସଂସ୍କୃତିର ଏହା ଏକ ଅଂଶବିଶେଷ। ଏହାକୁ ହଜାର ହଜାର ଦର୍ଶକ ଦେଖିବାକୁ ଆଗ୍ରହ ରଖନ୍ତି।

# ସଠିପୁର ଓ ପାଣିକୋଇଲିରେ ବାସନ୍ତୀ ଦୁର୍ଗାପୂଜା

କୋରେଇ, ୧୭/୪ (ନି.ପ୍ର): ପ୍ରତ୍ୟେକ ବର୍ଷ ବସନ୍ତ ଋତୁର ଚୈତ୍ର ମାସର ଶୁକ୍ଳ ପକ୍ଷ ଷଷ୍ଠୀ ତିଥିରୁ ମା ବାସନ୍ତୀ ଦୁର୍ଗାଙ୍କର ପୂଜାର୍ଚ୍ଚନା କରାଯାଇଥାଏ। ପରମ ଶାସ୍ତ୍ର ଭାଗବତ ଓ ସପ୍ତଚଣ୍ଡୀ ପୁରାଣରେ ବର୍ଣିତ ଅଛି ଯେ ରାଜା ସୁରଥ ନିଜର ରାଜ୍ୟ ହରାଇ ଜଙ୍ଗଲରେ ଘୁରି ବୁଲୁଥିଲେ। ଏହା ପରେ ମେଧା ଋଷି ରାଜା ସୁରଥଙ୍କୁ ଦେଖି ସମସ୍ତ ବିଷୟ ଜାଣିବା ପରେ ମାଙ୍କ ପୂଜା କଲେ ପୁଣି ଥରେ ହରାଇଥିବା ରାଜ୍ୟ ପ୍ରାପ୍ତ ହେବ ବୋଲି କହିଥିଲେ। ପରେ ଋଷିଙ୍କ ମାର୍ଗ ଦର୍ଶନରେ ରାଜା ମାଙ୍କର ପୂଜାର୍ଚ୍ଚନା କରି ପୁନଶ୍ଚ ନିଜ ରାଜ୍ୟ ଫେରି ପାଇଥିଲେ। ସେଦିନ ଥାଏ ବସନ୍ତ ଋତୁ ଚୈତ୍ର ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ଓ ନବମୀର ସନ୍ଧିକ୍ଷଣ । ଏହି ପୌରାଣିକ ତଥ୍ୟକୁ ଆଧାର କରି ବସନ୍ତ ଋତୁରେ ମା ଦୁର୍ଗାଙ୍କର ପୂଜାର୍ଚ୍ଚନା କରାଯାଇଥାଏ। ସଠିପୁର ଓ ପାଣିକୋଇଲିରେ ବିଭିନ୍ନ ସ୍ଥାନରେ ମାଙ୍କର ପୂଜାର୍ଚ୍ଚନା କରାଯାଉଥିବା ବେଳେ ସଠିପୁର ବଜାର ସମେତ ପାଣିକୋଇଲି ପଂଚାୟତର ଶର୍ମା ଟାଙ୍କି ନିକଟରେ ସ୍ୱତନ୍ତ୍ର ମଣ୍ଡପରେ ମାଙ୍କର ପୂଜାର୍ଚ୍ଚନା ଭକ୍ତିପୂର୍ଣ ପରିବେଶ ସହିତ ଜାକ ଜମକରେ କରାଯାଇଥାଏ। ଚୈତ୍ର ମାସ ଶୁକ୍ଳ ପକ୍ଷ ଷଷ୍ଠୀ ତିଥିରୁ ବିଲ୍ୱ ବରଣୀ,ସପ୍ତମୀରେ କଳସ ଯାତ୍ରା ଓ ଘଟ ସ୍ଥାପନ ପରେ ସୂର୍ଯ୍ୟ ପୂଜା,ଆବାହିତ ମଣ୍ଡଳ ଦେବତା ପୂଜାପରେ ଷୋଡ଼ଶ ଉପଚାର ପୂଜା,ଚଣ୍ଡୀ ପାଠ, ହୋମ ଯଜ୍ଞ ଆଦି କରାଯାଇଥାଏ। ସଠିପୁର ଠାରେ ପୀଠର ପୁଜକ ନାରାୟଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିରଜା ମଣ୍ଡଳର ବେଦଜ୍ଞ ବାହ୍ମଣ ମାନଙ୍କ ଦ୍ୱାରା ପୂଜା ପାଠ କରାଯାଉଛି। ସେହିପରି ପାଣିକୋଇଲି ଠାରେ ବେଦଜ୍ଞ ବାହ୍ମଣ ଅକ୍ଷୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ କର୍ତା ଭାବେ ଆନନ୍ଦ ଚନ୍ଦ୍ର ଓଝା ଓ ନୀଳମଣୀ ସ୍ୱାଇଁ ମାଙ୍କର ପୂଜାର୍ଚ୍ଚନା କରୁଛନ୍ତି। ଏଥି ସହିତ ସଠିପୁର ଓ ପାଣିକୋଇଲି ଅଂଚଳର ବହୁ ବ୍ୟବସାୟିକ ପ୍ରତିଷ୍ଠାନ,ସ୍ଥାନୀୟ ବାସିନ୍ଦା ପୂଜାର୍ଚ୍ଚନାରେ ସହଯୋଗ କରୁଛନ୍ତି।

# ସ୍ୱନକ୍ଷତ୍ର ଦିବସ ପାଳିତ

କେନ୍ଦ୍ରାପଡ଼ା, ୧୭/୪ (ନି.ପ୍ର): ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲ୍ଲା ଶ୍ୟାମସୁନ୍ଦରପୁର ପଂଚାୟତସ୍ଥିତ ପୁରୁଷୋତମପୁର ଗ୍ରାମର ବିଶିଷ୍ଟ ପ୍ରବଚକ ତଥା ଅବସରପ୍ରାପ୍ତ ଶିକ୍ଷକ ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥଙ୍କ ଧର୍ମପତ୍ନୀ ରୁକ୍ମଣୀ ରଥଙ୍କର ୭୧ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପଣ୍ଡିତ କଳ୍ପତରୁ ଦାଶଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ସେଥିରେ ମୁଖ୍ୟ ଅତିଥି ଭାବେ ବଳଦେବ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନୃସିଂହ ଚରଣ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଅନାଦୀ ଚରଣ ମାହାଳି, ସମ୍ମାନୀତ ଅତିଥିଭାବେ କ୍ଷୀରୋଦ କୁମାର ସେନାପତି, ଶୁକଦେବ ଜେନା, ସଚ୍ଚିଦାନନ୍ଦ ଦାଶ ଗୋସ୍ୱାମୀ, ସାମ୍ବାଦିକ ବିଜୟ କୁଅଁର, ସମ୍ମାନୀୟ ଅତିଥି ଭାବେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ କଳ୍ପତରୁ ଦାଶ, ସାମ୍ବାଦିକ ବିଜୟ କୁଅଁର ପ୍ରମୁଖ ଯୋଗଦେଇ ଶ୍ରୀମତୀ ରଥଙ୍କର ଦୀର୍ଘାୟୁ କାମନା କରିବା ସହିତ ପ୍ରଭୁ ବଳଦେବଜୀୟୁଙ୍କ ନିକଟରେ ଦୀର୍ଘ, ସୁସ୍ଥ, ନିରାମୟ, ଜୀବନ କାମନା କରିଥିଲେ । ଏହି ଅବସରରେ ବାରୋସ୍ଥିତ ଭାବଗ୍ରାହୀ କଳା ନିକେତନ ତରଫରୁ ଭଜନ ପରିବେଷଣ କରାଯାଇଥିଲା । ଏଥିରେ କଣ୍ଠଶିଳ୍ପୀ ରବିନ୍ଦ୍ର ନାଥ ମିଶ୍ର, ବିମଳ ପରିଡ଼ା, ସାଗାରିକା ପଣ୍ଡା, କ୍ଷୀରୋଦ କୁମାର ନାଥ ପ୍ରମୁଖ ଭଜନ ପରିବେଷଣ କରିଥିବାବେଳେ ବାଦ୍ୟଯନ୍ତ୍ରରେ ଅମୃତ କୁମାର ଓ ଅଞ୍ଜନ କୁମାର ଅଂଶଗ୍ରହଣ କରିଥିଲେ।

# ସାଧାରଣ ନିର୍ବାଚନ ପାଇଁ ଜୟପୁରରେ ଫ୍ଲାଗମାର୍ଚ୍ଚ

ଜୟପୁର, ୧୭/୪ (ନି.ପ୍ର): ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜୟପୁର ଠାରେ ଜିଲା ପୋଲିସ ତରଫରୁ ଫ୍ଲାଗମାର୍ଚ୍ଚ କରାଯାଇଛି । ଏହି ଫ୍ଲାଗମାର୍ଚ ରେ କୋରାପୁଟ ଏସପି ଅଭିନବ ସୋନାକାର, ଏସଡିପିଓ ଅଙ୍କିତ କୁମାର ବର୍ମା, ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି, ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ଙ୍କ ସହ ୨ କମ୍ପାନୀ ବିଏସଏଫ ଯବାନ ଉପସ୍ଥିତ ଥିଲେ । ଜୟପୁର ସହରରେ ଆଣ୍ଟି ସୋସିଆଲକୁ ସତର୍କ ଘଂଟି ସୂଚନା ଦେବା ଏବଂ ପୋଲିସ ପ୍ରତି ଲୋକଙ୍କ ଆସ୍ଥା କୁ ବଜାୟ ରଖିବା ପାଇଁ ଏହି ଫ୍ଲାଗ ମାର୍ଚ କରାଯାଇଛି। ଏହି ଫ୍ଲାର୍ଗ ମାର୍ଚ୍ଚ ପଇଁତରା ମାରିବା ସହ ଆଂଟୀ ସୋସିଆଲ ଗତି ଉପରେ ତୀବ୍ର ଦୃଷ୍ଟି ରଖାଯାଇଛି ବୋଲି କୋରାପୁଟ ଏସପି ଅଭିନବ ସୋନାକାର ସୂଚନା ଦେଇଛନ୍ତି । ଏନେଇ କୋରାପୁଟ ଏସପି ଗଣମାଧ୍ୟମକୁ ସୁଚନା ଦେଇ କହିଛନ୍ତି ଯେ କୋରାପୁଟ ଜିଲାକୁ ୨ଟି ରାଜ୍ୟର ସିମାନ୍ତ ଲାଗିଛି । ଏନେଇ ସମସ୍ତ ସିମାନ୍ତ ଅଂଚଳରେ ଯାଂଚ କଡାକଡି କରାଯାଇଛି । ପ୍ରତ୍ୟେକ ନାଗରିକ ଯେପରି ସ୍ୱଚ୍ଛ ଓ ନିର୍ମଳ ନିବାଚନ ସୁନିଶ୍ଚିତ କରିପାରିବେ ସେ ପାଇ ପୋଲିସ ପ୍ରଶାସନ ତରଫରୁ ସବୁ ବ୍ୟବସ୍ଥା କରାଯାଇଛି। ଜିଲାରେ ଅପରାଧି ଉପରେ ପୋଲିସ ତରଫରୁ ଚପା ପକାଯାଇଛି ୧୦୭,୧୧୦ ଦଫା ସହ ଜାତୀୟ ନିରପତା ଆଇନ ଦ୍ୱାରା ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । କୋରାପୁଟ ଜିଲା ସିମାନ୍ତ ବସ୍ତରରେ ଆସନ୍ତା ୧୯ ତାରିଖ ନିବାଚନ ହେବ ଏନେଇ ସେଠାର ଏସପିଙ୍କ ସହ ଆଲୋଚନା କରାଯାଇ ସୁରକ୍ଷାକୁ କଡା କଡି କରାଯାଇଛି । ଜିଲାର ୫ଟି ନିର୍ବାଚନ ମଣ୍ଡଳିରେ ଅପରାଧିକ କାର୍ଯ୍ୟ ହେଉଛି କିମ୍ବା ମତ ଦାନ ସମୟରେ ବିଶୃଙ୍ଖଳା କରୁଛି ତେବେ ଏସପି ଙ୍କ ମୋବାଇଲ ନମ୍ବରରେ ଜଣାଇବାକୁ ଅନୁରୋଧ କରିଛନ୍ତି ।

# ବସ ଦୁର୍ଘଟଣାକୁ ନେଇ ଏନଏଚଆରସିରେ ପିଟିସନ ଦାଖଲ

କୋରେଇ, ୧୭/୪ (ନି.ପ୍ର): ସୋମବାର ଦିନ ସଂଧ୍ୟାରେ ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟି ଠାରେ ପୁରୀରୁ କଲିକତା ଯାଉଥିବା ଏକ ଯାତ୍ରୀବାହୀ ବସ ଭାରସାମ୍ୟ ହରାଇ ବଜାର ମଧ୍ୟରେ ଥିବା ଓଭରବ୍ରିଜ ତଳକୁ କସି ପଡ଼ିବା ଫଳରେ ୫ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ଘଟିବା ସହିତ ୪୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ। ତେବେ ବସଟିରେ ସିଟ ବେଲ୍ଟ ବ୍ୟବସ୍ଥା ନ ଥିବାରୁ ବସିଟି ଖସି ପଡ଼ିବା ବେଳେ ଜଣକ ଉପରେ ଆଉ ଜଣେ ଖସି ପଡ଼ିଯିବା ଯୋଗୁଁ ମୃତାହତଙ୍କ ସଂଖ୍ୟା ବୃଦ୍ଧି ପାଇଲା। ସେହିପରି ଟ୍ରେନ ଦୁର୍ଘଟଣା ବେଳେ ମଧ୍ୟ ସମରୁପ ଘଟଣା ଘଟିଥାଏ। ଗୋଟିଏ ପଟେ ସରକାର ଟ୍ରକ ଓ ବସର ଚାଳକ ମାନଙ୍କ ସହିତ ଛୋଟ ଗାଡ଼ି ଗୁଡ଼ିକରେ ସିଟ ବେଲ୍ଟ ବାଧ୍ୟତା ମୁଳକ କରିଥିବା ବେଳେ ଯାତ୍ରୀ ବାହୀ ବସରେ ଯାଉଥିବା ଯାତ୍ରୀଙ୍କ ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ। ଯଦି ବସର ଯାତ୍ରୀ ମାନଙ୍କ ନିମନ୍ତେ ସିଟ ବେଲ୍ଟ ଭଳି ଏକ ଅତ୍ୟାବଶକୀୟ ଉପକରଣ ବ୍ୟବସ୍ଥା ଥାଆନ୍ତା ହୁଏତ ଧର୍ମଶାଳା ବସ ଦୁର୍ଘଟଣା କିମ୍ବା ବାହାନଗା ରେଳ ଦୁର୍ଘଟଣାରେ ମୃତାହତଙ୍କ ସଂଖ୍ୟା କମାଇ ଦିଆଯାଇ ପାରିଥାନ୍ତା । ଏହା କେବଳ ରାଜ୍ୟରେ ନୁହେଁ ପୁରା ଦେଶରେ ମଧ୍ୟ ଏଭଳି ବ୍ୟବସ୍ଥା ନାହିଁ। ଗୋଟିଏ ପଟେ ଯାତ୍ରାକୁ ଆରାମ ଦାୟକ କରିବା ଲାଗି ସରକାର ସବୁପ୍ରକାରର ଅତ୍ୟାଧୁନିକ ବ୍ୟବସ୍ଥା ଖଂଜି ଦେଉଥିବା ବେଳେ କିନ୍ତୁ ସିଟ ବେଲ୍ଟ ଭଳି ଜରୁରୀ ଓ ଅତ୍ୟାବଶକୀୟ ଉପକରଣକୁ ଭୁଲିଯାଉଛନ୍ତି। ବାରମ୍ବାର ସାରା ଦେଶରେ ଏହି କାରଣରୁ ଦୁର୍ଘଁଟଣାରେ ବହୁ ବ୍ୟକ୍ତି ମୃତାହତ ହେଉଥିବା ବେଳେ କିନ୍ତୁ ସରକାରଙ୍କ ଚେତା ପଶୁନାହିଁ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ପାଳିତ ହେଲା କବିବର ରାଧାନାଥ ରାୟଙ୍କ ତିରୋଧାନ ଦିବସ

ବାଲେଶ୍ୱର, ୧୭/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସୋର ନିକଟବର୍ତ୍ତୀ କେଦାରପୁର ଗ୍ରାମରେ ୧୮୪୮ ମସିହା ସେପ୍ଟେମ୍ବର ୨୮ ତାରିଖରେ ଜନ୍ମିତ ଏବଂ ୧୭ ଏପ୍ରିଲ୍ ୧୯୦୮ ମସିହାରେ ସ୍ୱର୍ଗାରୋହଣ କରିଥିବା ଉତ୍କଳ ମାତାଙ୍କର ସୁଯୋଗ୍ୟ ସନ୍ତାନ ମହାନ୍ କାବ୍ୟସ୍ରଷ୍ଟା କବିବର ରାଧାନାଥ ରାୟଙ୍କ ପୁଣ୍ୟ ଶ୍ରାଦ୍ଧତିଥିରେ ଉତ୍କଳ ସମ୍ମିଳନୀ ବାଲେଶ୍ୱର ଜିଲ୍ଲାଶାଖା ପକ୍ଷରୁ ଆଜି ସକାଳ ୭ଘଟିକା ସମୟରେ ଗଡଗଡିଆ ଘାଟସ୍ଥିତ ସଂସ୍କୃତି ବିଭାଗ ଦ୍ୱାରା ସ୍ଥାପିତ ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି । ଉତ୍କଳ ସମ୍ମିଳନୀର ବାଲେଶ୍ୱର ଜିଲ୍ଲା ଶାଖା ସଂପାଦକ କବି କାଳୀପଦ




ପଣ୍ଡା କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣକରି କବିବରଙ୍କ କାଳଜୟୀ ସୃଷ୍ଟି କେଦାରଗୌରୀ, ଚିଲିକା, ଦରବାର, ଉଷା, ନନ୍ଦିକେଶ୍ୱରୀ, ପାର୍ବତୀ ଏବଂ ମହାଯାତ୍ରା ଭଳି ଅନବଦ୍ୟ ସୃଷ୍ଟିର ଅବତାରଣା କରି ଆଧୁନିକ ଓଡ଼ିଆ କାବ୍ୟସାହିତ୍ୟ କବିବରଙ୍କ ସୃଷ୍ଟିପାଇଁ ବିପୁଳ ଧନଶାଳୀ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ପରାଧିନ ଦେଶରେ ବହୁ ପାଠ୍ୟପୁସ୍ତକର ପ୍ରଣୟନ ଠାରୁ ଆରମ୍ଭକରି ଭାଷା ଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ନିର୍ମାଣ ଦିଗରେ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାଠାରୁ ସେ ଏହାର ଦୃଢ଼ ନେତୃତ୍ୱ ଦେଇଆସିଥିବାରୁ ଓଡ଼ିଶାବାସୀ ଏହି ମହାନ୍ ସନ୍ତାନଙ୍କ ନିକଟରେ ଚିରଋଣୀ ବୋଲି ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ ମତ ପ୍ରକାଶ ପାଇଥିଲା। ଉତ୍କଳ ସମ୍ମିଳନୀର ଜିଲ୍ଲା ଶାଖାର କୋଷାଧ୍ୟକ୍ଷ ରତ୍ନାକର ଦାସ, ନୃସିଂହ ଚରଣ ନାୟକ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ବ୍ରହ୍ମାନନ୍ଦ ସ୍ୱାଇଁ, ବିଜନ କୁମାର ଦେ ପ୍ରମୁଖ ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

## ପୁଣ୍ୟ ତିଥିରେ କବିବର ରାଧାନାଥ ରାୟଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୭/୪ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ କବିବର ରାଧାନାଥ ରାୟଙ୍କ ୧୧୬ତମ ପୁଣ୍ୟତିଥି ବୁଧବାର ପ୍ରତ୍ୟୁଷରେ ଭୁବନେଶ୍ୱର ପି.ଏମ୍.ଜି. ଛକସ୍ଥିତ ପ୍ରତିମୂର୍ତ୍ତି ସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କାମଦେବ ମହାପାତ୍ର ସ୍ୱରଚିତ କବିତା ଆବୃତି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗାନ୍ଧୀବାଦୀ ବିଜୟ କୁମାର ତ୍ରିପାଠୀ, ପ୍ରାଧ୍ୟାପକ ଡକ୍ଟର ରଙ୍ଗାଧର ସାହୁ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ସମାଜସେବୀ ଗିରିଜା ଶଙ୍କର ମହାପାତ୍ର, ଗୋପବନ୍ଧୁପ୍ରେମୀ ସଂଜୟ କୁମାର ପରିଡ଼ା, ଅମିତ୍ ପାତାଳସିଂହ, କବି ଲକ୍ଷ୍ମୀଧର ଦାସ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନିଜ ବକ୍ତବ୍ୟରେ ରାଧାନାଥଙ୍କ କାବ୍ୟ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପଶ୍ଚିମ ଓଡ଼ିଶାକୁ ବାରମ୍ବାର ଧୋକା...

ଚକ୍ରାନ୍ତକୁ ଓଡିଶାବାସୀ ହୃଦୟଙ୍ଗମ କରିସାରିଲେଣି । ଓଡ଼ିଶାବାସୀ ସବୁ ଦେଖୁଛନ୍ତି ଏବଂ ସଠିକ ସମୟରେ ଉଚିତ୍ ଜବାବ୍ ଦେବେ ବୋଲି ସେ କହିଛନ୍ତି । ଏକାଧିକ ସ୍ଥାନରୁ ପ୍ରାର୍ଥୀ ହେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱାଧୀନତା ରହିଛି । ହିଂଜିଳିବାସୀଙ୍କୁ ମଧ୍ୟ ପ୍ରତାରଣା କରିଥିବା ମୁଖ୍ୟମନ୍ତ୍ରୀ ନବୀନ ବାବୁ ବାସ୍ତବରେ ଆତ୍ମବିଶ୍ୱାସ ହରାଇଛନ୍ତି । ଗୋଟିଏ ଆସନରୁ ଲଢ଼ି ନିଜ ଲୋକପ୍ରିୟତାକୁ ସ୍ପଷ୍ଟ କରୁନାହାନ୍ତି କାହିଁକି ? ନିଜ ଲୋକପ୍ରିୟତା ହ୍ରାସ ପାଉଥିବାର ଦେଖି ମୁଖ୍ୟମନ୍ତ୍ରୀ ନବୀନ ବାବୁ ଅନ୍ୟ ସ୍ଥାନର ଆଶ୍ରୟ ନେଇଛନ୍ତି । ବିଜେପୁର ସମେତ ବାଲେଶ୍ୱର, ପିପିଲି, ଧାମନଗର, ପଦ୍ମପୁର ଉପନିର୍ବାଚନରେ 'ମୁଁ ଦାୟିତ୍ୱ' ନେଉଛି କହି ପରବର୍ତ୍ତୀ ସମୟରେ କେବଳ ଧୋକା ଦେଇଛନ୍ତି । "ଓଡ଼ିଶାରେ ବିଜେପିର ଡବଲ ଇଞ୍ଜିନ ସରକାର" ଗଠନ ହେବା ସୁନିଶ୍ଚିତ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

### ଆହୁରି ୪ ଦିନ କଲବଲ ....

ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଯାଜପୁର, ଖୋର୍ଦ୍ଧା, ଢେଙ୍କାନାଳ, ଅନୁଗୋଳ, କେନ୍ଦୁଝର, ବୌଦ୍ଧ, କନ୍ଧମାଳ, ଝାରସୁଗୁଡ଼ା, ବରଗଡ଼, କଳାହାଣ୍ଡି, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ହେବ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଶୁକ୍ରବାର ମଧ୍ୟ ମୟୂରଭଞ୍ଜ, ନୟାଗଡ଼, ଗଜପତି ଓ ନୂଆପଡ଼ା ଜିଲ୍ଲାରେ କେତେକ ସ୍ଥାନରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ଜାରି ହେବାର ସମ୍ଭାବନା ରହିଛି। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାଛଡ଼ା ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ସୋନପୁର, ବୌଦ୍ଧ, ବଲାଙ୍ଗିର ଓ କଳାହାଣ୍ଡି ଜିଲ୍ଲାରେ କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ହେବ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଶନିବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଢେଙ୍କାନାଳ, ଅନୁଗୋଳ, ନୟାଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗିର ଓ କଳାହାଣ୍ଡି ଜିଲ୍ଲାରେ କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ହେବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ରବିବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ନୟାଗଡ଼,ବୌଦ୍ଧ, ବଲାଙ୍ଗିର ଓ କଳାହାଣ୍ଡି ଜିଲ୍ଲାରେ କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ହେବାର ସମ୍ଭାବନା ରହିଛି। ସେହିପରି ବାଲେଶ୍ୱର, ଭଦ୍ରକ,ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି ହେବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ପଶ୍ଚିବ ଓ ଦକ୍ଷିଣ ଓଡ଼ିଶାରେ କେତେକ ଜିଲ୍ଲାରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି। ଏଥିସହ ପବନ ବୋହିପାରେ। ଆସନ୍ତା ୨୦ ତାରିଖ ଅର୍ଥାତ ଶନିବାରଠାରୁ ସୋମବାର ପର୍ଯ୍ୟନ୍ତ କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, ଗଞ୍ଜାମ, ଗଜପତି, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ କେତେକ ସ୍ଥାନରେ ବର୍ଷା ସାଙ୍ଗକୁ ଘଡ଼ଘଡ଼ି ଏବଂ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏଥିସହ ୩୦ରୁ ୪୦କିମି ବେଗରେ ପବନ ବୋହିବାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

### ଆଉ ୯ ଆସନରେ...

ନିମାପଡ଼ାରୁ ଦିଲୀପ କୁମାର ନାୟକ ଓ ଅନୁଗୁଳରୁ ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂଙ୍କ ପତ୍ନୀ ସଙ୍ଗୀତା ସିଂଙ୍କୁ ଦଳ ପ୍ରାର୍ଥୀ କରିଛି। ଉଲ୍ଲେଖଯୋଗ୍ୟ, ଅରୁନ୍ଧତି ଦେବୀ ଓ ଦିଲ୍ଲୀପ ନାୟକ ନିକଟରେ ବିଜେପି ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ସେହିପରି ରାଜେନ୍ଦ୍ର ଛତରିଆ ମଧ୍ୟ ଦଳ ଡେଇଁ ନିକଟରେ ବିଜେଡିରେ ସାମିଲ ହୋଇଥିଲେ। ଏହି ପ୍ରାର୍ଥୀମାନଙ୍କ ନାମ ଘୋଷଣା ସହ ବିଜେଡି ଏପର୍ଯ୍ୟନ୍ତ ୧୨୬ ଆସନରେ ମୋଟ ୨୮ ଜଣ ମହିଳାଙ୍କୁ ପ୍ରାର୍ଥୀ କରି ସାରିଲାଣି । ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ନବୀନ ପଟ୍ଟନାୟକ ନିଜେ ଏକ ଝଡ଼,ବାତ୍ୟା। ସେ ଯେଉଁଠିକି ଯିବେ ଓଡ଼ିଶାର ବିକାଶର ବାର୍ତ୍ତା ନେଇ ଯିବେ। ସମ୍ବଲପୁରର ବିଜେଡି ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ କହିଛନ୍ତି, ବିଜେପି ସରକାର ସମ୍ବଲପୁରକୁ ସ୍ମାର୍ଟ ସିଟି କରିବାକୁ ଆନ୍ତରିକତା ପ୍ରକାଶ କରି ନ ଥିଲେ। ଆମେ ସମ୍ବଲପୁରକୁ ସ୍ମାର୍ଟ ସିଟି କରିକି ଦେଖାଇବୁ। ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାକୁ ଖୁବ୍ ଭଲ ପାଆନ୍ତି। ଆମେ ସବୁବେଳେ ଲୋକଙ୍କ ସେବ କରୁ । ନିର୍ବାଚନ ଆସିଲେ ଆମେ ଲଢ଼ିବୁ ଓ ନିଶ୍ଚିତ ଭାବେ ଜିତିବୁ । ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀ ହେଲେ ଜଣେ କିଛି ନ କରି ବି ଅଧା ନିର୍ବାଚନ ଜିତି ଯାଇଥାଏ । ବିଜେଡିର ପଞ୍ଚମ ପର୍ଯ୍ୟାୟ ବିଧାୟକ ପ୍ରାର୍ଥୀ ତାଲିକା ଘୋଷଣା ପରେ ବହୁ ଆସନରେ ବିଜେଡି ପ୍ରାର୍ଥୀ ବଦଳାଇଥିବା ଜଣାଯାଇଛି। ନିମାପଡ଼ା ଆସନ ପାଇଁ ପୂର୍ବତନ ମନ୍ତ୍ରୀ ସମୀର ଦାସ ଟିକେଟ ଆଶାୟୀ ଥିବା ବେଳେ ତାଙ୍କ ପରିବର୍ତ୍ତେ ଦଳ ଦିଲୀପ ନାୟକଙ୍କୁ ପ୍ରାର୍ଥୀ କରିଛି। କୁଚିଣ୍ଡାରେ କିଶୋର ନାୟକଙ୍କୁ ବି ଟିକେଟ ଦେଲାନି ବିଜେଡି । କିଶୋରଙ୍କ ଜାଗାରେ ରାଜେନ୍ଦ୍ର ଛତ୍ରିଆଙ୍କୁ ଟିକେଟ ଦେଇଛି ବିଜେଡି । ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କ ଟିକେଟ କଟିଥିବା ସ୍ପଷ୍ଟ ହୋଇଛି। ବାକାଙ୍କ ଜାଗାରେ ଲକ୍ଷ୍ମୀପ୍ରିୟା ନାୟକ ହୋଇଛନ୍ତି ବିଜେଡି ପ୍ରାର୍ଥୀ ।

### ଦୁବାଇରେ ପ୍ରବଳ ....

ଚଳାଚଳ କର୍ତ୍ତୃପକ୍ଷ କହିଛନ୍ତି ଯେ, ଦୁବାଇ ଅଭିମୁଖେ ଯାଉଥିବା ପ୍ରାୟ ୧୫ଟି ବିମାନକୁ ବାତିଲ କରାଯାଇ ଥିବାବେଳେ ଭାରତକୁ ଆସିବାକୁ ଥିବା ୧୩ଟି ବିମାନ ବାତିଲ ହୋଇଛି। ଦୁବାଇର ଫ୍ଲାଗସିପ୍ ଏମିରେଟ୍ସ ଏୟାରଲାଇନ୍ସ କହିଛି ଯେ, ଖରାପ ପାଗକୁ ଦୃଷ୍ଟିରେ ରଖି ଯାତ୍ରୀମାନଙ୍କ ପାଇଁ ସମସ୍ତ ଚେକ୍ ଇନ୍ ବନ୍ଦ କରାଯାଇଛି। ସ୍ଥିତିରେ ସୁଧାର ଆଣିବା ପାଇଁ ସମସ୍ତ ଚେଷ୍ଟା ଚାଲିଛି। ଗତକାଲି ଦୁବାଇରେ ରେକର୍ଡ ବର୍ଷା ହୋଇଛି, ଯାହା ୟୁଏଇ ସହର ଗଠନ ପରେ ପ୍ରଥମ। ସରକାରୀ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ୧୯୭୧ରେ ୟୁଏଇ ଗଠନ ପୂର୍ବରୁ ୧୯୪୯ ମସିହାରେ ଏପରି ଝଡ଼-ବର୍ଷା ହୋଇଥିଲା। ବର୍ଷା ଯେ କେବଳ ଦୁବାଇକୁ ପ୍ରଭାବିତ କରିଛି ତାହା ନୁହେଁ, ସମଗ୍ର ୟୁଏଇ ଏବଂ ପଡୋଶୀ ବହାରେନରେ ମଧ୍ୟ ପ୍ରଭାବ ଦେଖିବାକୁ ମିଳିଛି। ବର୍ତ୍ତମାନ ସୁଦ୍ଧା ୧୮ ଜଣ ଲୋକଙ୍କ ମୃତ୍ୟୁ ଘଟିଥିବା ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍କୁଲ୍-କଲେଜ ଛୁଟି ଘୋଷଣା କରାଯାଇଛି।

### କଲବଲ କରୁଛି ...

ବେସରକାରୀ ସ୍କୁଲ ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର। ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। କାଲିଠୁ ୨୦ ତାରିଖ ଯାଏଁ ସ୍କୁଲ ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର। ଆଜି ସକାଳ ସାଢ଼େ ୮ଟା ସୁଦ୍ଧା ୩୪ ଡିଗ୍ରୀ ଟପିଛି ଅନେକ ସ୍ଥାନର ତାପମାତ୍ରା। ସାଢ଼େ ୮ଟା ସୁଦ୍ଧା ଭବାନୀପାଟଣା ସବୁଠୁ ଉତ୍ତପ୍ତ ସହର ପାଲଟିଛି। ଭବାନୀପାଟଣାରେ ତାପମାତ୍ରା ୩୪.୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ତାଳଚେର ୩୪.୪ ଡିଗ୍ରୀ, ବାଲେଶ୍ୱର ୩୪, ବାରିପଦା ୩୩.୬ ଡିଗ୍ରୀ ଚାନ୍ଦବାଲି ୩୩.୨ ଡିଗ୍ରୀ, ଜଗତସିଂହପୁର ୩୩.୨ ଡିଗ୍ରୀ ଓ ହୀରାକୁଦ ୩୨.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

# ବରହମପୁର ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧ ଦିବସ ପାଳିତ

ନୀଳଗିରି, ୧୭/୪ (ନି.ପ୍ର): ଭାରତ ମାତାର ସୁଯୋଗ୍ୟ ସନ୍ତାନ, ଓଡ଼ିଶା ମାଟିର ବରପୁତ୍ର ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧ ଦିବସ ସମଗ୍ର ଓଡ଼ିଶାରେ ପାଳିତ ହୋଇଥିବା ବେଳେ ନୀଳଗିରରେ ମଧ୍ୟ ପାଳିତ ହୋଇଯାଇଛି। ଏହି ମହାନ ସ୍ୱତନ୍ତ୍ରତା ସେନାନୀ, କଳିଙ୍ଗ ଷଣ୍ଢ ତଥା ଝଡ଼ର ଇଗଲ ବିଜୟାନନ୍ଦ ପଟ୍ଟନାୟକଙ୍କ ତିରୋଧାନ ୧୯୯୭ମସିହା ଏପ୍ରିଲ ୧୭ତାରିଖରେ ହୋଇଥିଲା। ଓଡ଼ିଶାବାସୀଙ୍କ ହୃଦୟର ସମ୍ରାଟ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ପୁରପଲ୍ଲୀରେ ତାଙ୍କ ଜନ୍ମଜୟନ୍ତୀ ଓ ଶ୍ରାଦ୍ଧ ଦିବସକୁ ଓଡ଼ିଶାବାସୀ ପାଳନ କରିଆସୁଛନ୍ତି। ଆଜି ତାଙ୍କର ଏହି ତିରୋଧାନ ଦିବସକୁ ନୀଳଗିରି ଉପଖଣ୍ଡର ବିଭିନ୍ନ ସ୍ଥାନରେ ପାଳନ କରାଯାଉଥିବା ବେଳେ ନୀଳଗିରିର ଲୋକପ୍ରିୟ ବିଧାୟକ ସୁକାନ୍ତ କୁମାର ନାୟକ ଏବଂ ବିଜୁ ପ୍ରେମୀ ମାନେ ସକାଳେ ନୀଳଗିରି ବାଇପାସ୍ ଛକ ନିକଟରେ ଥିବା ବିଜୁ ବାବୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଜୁ ପଟ୍ଟନାୟକ ଅମର ରହେ ସ୍ଲୋଗାନରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇପଡ଼ିଥିଲା। ପରେ ବରହମପୁର ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ଜଡିଡା ପଞ୍ଚାୟତ ପୋଡାଶୁଳ ବଜାର ନିକଟରେ ଏକ ସ୍ମୃତି ସଭାର ଆୟୋଜନ ହୋଇଥିଲା। ଏହି ସଭାରେ ବିଧାୟକ ସୁକାନ୍ତ ନାୟକ ସଭାପତିତ୍ୱ କରିଥିବା ବେଳେ ନୀଳଗିରି ମାଟିର ଅନ୍ୟତମ ସୁଯୋଗ୍ୟ ସନ୍ତାନ ତଥା ଦୈନିକ ସମ୍ବାଦପତ୍ର 'ସମାଜ 'ର ଉତ୍ତର ଓଡ଼ିଶା ମୁଖ୍ୟ ସମ୍ପାଦକ କୁଳମଣୀ ବାରିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଓଡ଼ିଶା ରାଜ୍ୟ ପ୍ରତି ଅବଦାନ ଏବଂ ତାଙ୍କ ଦୂରଦୃଷ୍ଟି ସମ୍ପର୍କରେ ବିସ୍ତୃତ ଭାବରେ ଅଭିଭାଷଣ ରଖିଥିଲେ। ମୁଖ୍ୟବକ୍ତା ଭାବେ ନୀଳଗିରି ମହିଳା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର ଯୋଗଦେଇ ପ୍ରବାଦୀ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଅମର ଗାଥାକୁ ଅତି ପ୍ରାଞ୍ଜଳ ଭାବରେ ଉପସ୍ଥାପନ କରିଥିଲେ। ଏଥି ସହିତ ତାଙ୍କ




ଆଦର୍ଶର ଉତ୍ତର ଦାୟଦ ଭାବେ ନୀଳଗିରି ମାଟିର ପୁଅ ତଥା ବର୍ତ୍ତମାନର ବିଧାୟକ ସୁକାନ୍ତ ନାୟକଙ୍କ ପ୍ରୀତି ବନ୍ଧନ, ସ୍ନେହାଶ୍ରିବାଦରେ ଯୋଡ଼ିହୋଇ ହଜାର ହଜାର ଲୋକ ତାଙ୍କପ୍ରତି ଥିବା ଭଲପାଇବାର ନିଦର୍ଶନ ଆଜିର ଏହି ଶ୍ରାଦ୍ଧ ଉତ୍ସବରେ ପରିଲକ୍ଷିତ ହୋଇଥିବା କହିଥିଲେ। ଓଡ଼ିଶା ଗଠନ ପରେ ଏହାର ସର୍ବାଙ୍ଗୀନ ଉନ୍ନତିର ମୁଖ୍ୟବିନ୍ଧାଣୀ ବିଜୁବାବୁଙ୍କ ମହାପ୍ରୟାଣ ଦିବସରେ ବହୁ ରାଜନେତା, ଜନନେତା ଏହି ସମାବେଶରେ ଯୋଗଦେଇ ସ୍ୱର୍ଗତ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟଅତିଥି ମାନଙ୍କ ମଧ୍ୟରେ ଆଦିବାସୀ ନାରୀନେତ୍ରୀ ତଥା ରାଜ୍ୟ ବିଜେଡ଼ି ମହିଳା ଉପସଭାପତି ସୁନିତୀ ସିଂ, ବାଲେଶ୍ୱର ଜିଲ୍ଲା ଯୁବଜନତା ଦଳ ସଭାପତି ତାପସ ପରିଡା, ନୀଳଗିରି ବ୍ଲକ୍ ବିଜେଡ଼ି ସଭାପତି ବିଜୟ କୁମାର ଲେଙ୍କା,ପୂର୍ବତନ ନୀଳଗିରି ବ୍ଲକ୍ ଉପାଧ୍ୟକ୍ଷ ରମେଶ ମହାନ୍ତି, ବରିଷ୍ଠ ବିଜେଡିନେତା ଗଙ୍ଗାଧର ମିଶ୍ର, ନୀଳଗିରି ଏନଏସି ବିଜେଡ଼ି ସଭାପତି ରବୀନ୍ଦ୍ର ପରିଡା, ଭାଗବତ ଖିଲାର,ପୂର୍ବତନ ବାହାନଗା ବ୍ଲକ ଅଧ୍ୟକ୍ଷ ଶରତ ରାଜ, ବରିଷ୍ଠ ନେତା ଗୟାଧର ସେଠୀ, ଯୁବନେତା ଉପେନ୍ଦ୍ର ଦାସ, ଆରବନ୍ଧ ସରପଞ୍ଚ କୁଳମଣୀ ନାୟକ, ଲୋକନାଥ ଦଳେଇ, ଉପେନ୍ଦ୍ର ନାୟକ ସମେତ ନୀଳଗିରି ନିର୍ବାଚନ ମଣ୍ଡଳୀର ସମସ୍ତ ପଞ୍ଚାୟତର ଅଧିକାଂଶ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ, ବିଜୁପ୍ରେମୀ ଯୋଗ ଦେଇଥିଲେ। ପ୍ରବଳ ଗରମ ସ୍ୱତେ ଏହି ସମାବେଶରେ ପ୍ରାୟ ଦେଢ଼ହଜାରରୁ ଦୁଇ ହଜାର ଲୋକଙ୍କ ସମାବେଶ ଦେଖିବାକୁ ମିଳିଥିଲା।

# ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ଦେହାନ୍ତ

ବେତନଟୀ, ୧୭/୪ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ବେତନଟୀ ପଞ୍ଚାୟତର ସୁଖିଲାହାରର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରଫୁଲ୍ଲ କୁମାର ମହାନ୍ତଙ୍କର ୮୦ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସ୍ୱର୍ଗତଃ ପ୍ରଫୁଲ୍ଲ କୁମାର ମହାନ୍ତ ଏ.ସି.ଏସ.ଓ. ଭାବରେ ପ୍ରଶାସନିକ ପଦବୀରେ ରହି ସଫଳତାର ସହିତ କାର୍ଯ୍ୟ କରି ଅବସର ଗ୍ରହଣ କରିବା ପରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିଆସୁଥିଲେ । ବାର୍ଦ୍ଧକ୍ୟ ଜନିତ ସମସ୍ୟା ପାଇଁ ଏକମାସ ପୂର୍ବରୁ ଅସୁସ୍ଥ ହୋଇ ଡାକ୍ତରୀ ଚିକିତ୍ସାରେ ରହିଥିଲେ । ମାତ୍ର ସୋମବାର ଦିନ ତାଙ୍କ ଶରୀର ଅଧିକ ଗୁରୁତର ହେବାରୁ ପରିବାର ଲୋକେ ବାରିପଦା ପିଆରଏମ ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ



ଡାକ୍ତରଙ୍କ ବହୁ ଚେଷ୍ଟା ପରେ ମଧ୍ୟ ସୋମବାର ରାତିରେ ପ୍ରଫୁଲ୍ଲଙ୍କର ମୃତ୍ୟୁ ହୋଇଯାଇଥିଲା । ଫଳରେ ସ୍ୱର୍ଗତ ପ୍ରଫୁଲ୍ଲଙ୍କର ଧର୍ମ ପତ୍ନୀ ରସଲାମଣି ମହାନ୍ତ, ପୁତ୍ର ଛନ୍ଦାରାମ ମହାନ୍ତ, ପ୍ରଦ୍ୟୁମ୍ନ ମହାନ୍ତ, ହରିନାରାୟଣ ମହାନ୍ତ ଓ ଝିଅ ଜଗଦ୍ଧାତ୍ରୀ ମହାନ୍ତଙ୍କ ସମେତ ପୁତ୍ର ବୋଧୂ ଏବଂ ନାତି ନାତୁଣୀ ମାନଙ୍କ ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ସ୍ୱର୍ଗତଃ ପ୍ରଫୁଲ୍ଲଙ୍କର ମରଶରୀର ସୁଖିଲାହାର ସ୍ଥିତ ନିଜ ବାସ ଭବନରେ ପହଞ୍ଚିବା ପରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘର କାର୍ଯ୍ୟକାରୀ ସଭାପତି ସର୍ବେଶ୍ୱର ମହାନ୍ତ, ଉପସଭାପତି ଗତିକୃଷ୍ଣ ମହାନ୍ତ, ସାଧାରଣ ସମ୍ପାଦକ ଅନୁପ କୁମାର ଦଣ୍ଡପାଟ, କବି ମନୋଜ କୁମାର ମହାନ୍ତ, କୁଡୁମୀ ନେତା ଅନନ୍ତ ପ୍ରସାଦ ମହାନ୍ତ ଓ ମାନଗୋବିନ୍ଦ ମହାନ୍ତଙ୍କ ସମେତ ବହୁ ମାନ୍ୟଗଣ୍ୟ ବିଶିଷ୍ଟ ବ୍ୟକ୍ତି ମାନେ ପ୍ରଫୁଲ୍ଲ ମହାନ୍ତଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଏହାପରେ ଗ୍ରାମ୍ୟ ସ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

## ଜୟ ଶ୍ରୀ ରାମ ଧ୍ୱନୀରେ କମ୍ପିଲା ଖଇରା ମାଟି

ଖଇରା, ୧୭/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ପବିତ୍ର ରାମନବମୀ ଭକ୍ତିଭାବଭରା ପରିବେଶରେ ପାଳିତ ହୋଇ ଯାଇଛି । ସୁଣ୍ଡିରା ଗ୍ରାମସ୍ଥିତ ହନୁମାନ ମନ୍ଦିରରେ ୧୭ତମ ଶ୍ରୀରାମ ନବମୀ ନିରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ପାଳିତ ହୋଇ ଯାଇଛି । ପ୍ରଥମେ ବ୍ରତୀ ମାନଙ୍କ ଦ୍ୱାରା କଳସ ଅଣାଯାଇଥିଲା । ଜଗନ୍ନାଥ ପଣ୍ଡା ଓ ଉମାକାନ୍ତ ପଣ୍ଡାଙ୍କ ଦ୍ୱାରା ହୋମଯଜ୍ଞ ଓ ରାମଚରିତ ମାନସ ପାଠ କରାଯାଇଥିଲା । ଶଙ୍କର୍ଷଣ ରାୟ,ଶିଶିର କୁମାର ନାୟକ,ବାସନ୍ତିଲତା ମହାପାତ୍ର,ପର୍ଶୁରାମ ବେହେରା,ରତ୍ନାକର ବେହେରା,କୃପାସିନ୍ଧୁ ଖଟୁଆ,ଜ୍ୟୋତିରଞ୍ଜନ ବେହେରା,ହରିଶ୍ଚନ୍ଦ୍ର ପରିଡା ଓ ମହେନ୍ଦ୍ର ଶିଅଳ ପ୍ରମୁଖ ସହଯୋଗ କରିଥିଲେ । ସେହିଭଳି ଖଇରା ବଜରଙ୍ଗ ଦଳ ପକ୍ଷରୁ ବାଇକ ଶୋଭାଯାତ୍ରା ଓ ହନୁମାନଙ୍କ ପୁଜାର୍ଚ୍ଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସଭାପତି ଲୋଚନ ରାଉତ,ଉପସଭାପତି ପ୍ରସନ୍ନଜିତ ସାହୁ,କୋଷାଧକ୍ଷ ଅବିନାଶ ପ୍ରଧାନଙ୍କ ନେତୃତ୍ୱରେ ଶହଶହ ସଂଖ୍ୟାର ରାମଭକ୍ତ ବାଇକ ଶୋଭାଯାତ୍ରାରେ ଜୟଶ୍ରୀରାମ ସ୍ଲୋଗାନ ଦେଇ ବର୍ତ୍ତନାରୁ ବାହାରି ତୁଡିଗଡିଆ ପର୍ଯ୍ୟନ୍ତ ଯାଇଥିଲେ । ଖଇରା ଦୁର୍ଗାମଣ୍ଡପ କୁ ଫେରି ହନୁମାନ ଓ ରାମଲକ୍ଷ୍ମ ସୀତାଙ୍କ ପୁଜାର୍ଚ୍ଚନା କରିଥିଲେ । ବୁଲୁ ମହାନ୍ତି,ସୁରେଶ ବେହେରା,କମଳାକାନ୍ତ ରାଉତ,ଗୌତମ ଜେନା,ଜୟଦେବ ବେହେରା,ଡମ୍ବରୁ ମହାନ୍ତି,ରବିନ୍ଦ୍ର ରାଉତ,ଜୟନ୍ତ ସାହୁ,ମାୟାଧର କୁଅଁର ପ୍ରମୁଖ ସହଯୋଗ କରିଥିଲେ । ଠାକୁର ରଞ୍ଜିତ ଦାସ,ଅଜୟ ବେହେରା ଓ ଶଶିକାନ୍ତ ମିଶ୍ର ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ପୀଠରେ ବାସନ୍ତୀ ପୂଜା ଓ ଶ୍ରୀରାମ ନବମୀ

ମୟୂରଭଞ୍ଜ, ୧୭/୪ (ନି.ପ୍ର): ଉତ୍ତର ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାସ୍ଥିତ ପ୍ରସିଦ୍ଧ ଆଧ୍ୟାତ୍ମିକ ସ୍ଥଳ ସାରସକ୍ଷେତ୍ର ସାରସକଣା ଶ୍ରୀଜଗନ୍ନାଥ ପୀଠର ମା' ବିମଳାଙ୍କ ମନ୍ଦିରରେ ମଧୁପାର୍ବଣର ବାସନ୍ତୀ ପୂଜା ଚାଲିଥିବା ଅବସରରେ ତା:୧୭.୪.୨୦୨୪ ଦଶରଥ ନନ୍ଦନ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଧରାବତରଣ ଉପଲକ୍ଷେ ବେଢ଼ାରେ ରହିଥିବା ରାମମନ୍ଦିରେ ରାମନବମୀ ଉତ୍ସବ ମଧ୍ୟ ଭକ୍ତି ଏବଂ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତଦିନ ସକାଳୁ ଜଗତ ଜନନୀ ମା' ବିମଳା ତଥା ପ୍ରଭୁ ଶ୍ରୀରାମ, ମାତା ଜାନକୀ, ଅନୁଜ ଶ୍ରୀଲକ୍ଷ୍ମଣ ଓ ଭକ୍ତ ହନୁମାନଙ୍କ ପୂଜାର୍ଚ୍ଚନା ନିମନ୍ତେ ପୀଠକୁ ଶ୍ରଦ୍ଧାଳୁଙ୍କ ଆଗମନ ଆରମ୍ଭ ହୋଇଥିଲା। ପରମ୍ପରା ଅନୁଯାୟୀ ଉଭୟ ମନ୍ଦିରରେ ବେଦଜ୍ଞ ପଣ୍ଡିତ ମନୋଜ ରଞ୍ଜନ ଦାଶ, ଅକ୍ଷୟ କୁମାର କର ଓ ଦିବ୍ୟସୁନ୍ଦର କରଙ୍କ ଆଦିଙ୍କ ପୌରୋହିତ୍ୟରେ ହୋମଯଜ୍ଞମାନ ଅନୁଷ୍ଠିତ ହୋଇଥିଲା। ଯଜ୍ଞକର୍ମର ସଂକଳ୍ପରେ ବସିଥିଲେ ସେବକ ନିମାଇଁ ଦଣ୍ଡପାଟ, ପୁଲକ କୁମାର ସାହୁ ଏବଂ ବଜରଙ୍ଗଦଳ ସ୍ଥାନୀୟ ଶାଖାର କର୍ମକର୍ତ୍ତା। । ଆଧ୍ୟାତ୍ମିକ ସମାରୋହରେ ହରିନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା । ହନୁମାନ ଚାଳିଶା ବି ପାଠ ହୋଇଥିଲା। ଶ୍ରଦ୍ଧାଳୁଙ୍କ ନିମନ୍ତେ ବଜରଙ୍ଗଦଳ ଅନ୍ନ ପ୍ରସାଦ ବିତରଣର ବ୍ୟବସ୍ଥା କରିଥିଲେ। ପରିଚାଳନା ଟ୍ରଷ୍ଟ ତରଫରୁ ଅନ୍ତର୍ଯ୍ୟାମୀ ସାହୁ, ନବକିଶୋର ସେଠୀ ପ୍ରମୁଖ ବୈଦିକ କର୍ମକର୍ମାଣିର ନିଷ୍ଠା ଏବଂ ଭକ୍ତଙ୍କୁ ପ୍ରସାଦ ବିତରଣରେ ଶୃଙ୍ଖଳା ଆଦି ତଦାରଖ କରୁଥିବାର ଦେଖା ଯାଉଥିଲା।



# ଆମେଥି ଆସନରେ ପ୍ରାର୍ଥୀ ନେଇ କଂଗ୍ରେସରେ ତୁଟୁନି ଦ୍ୱନ୍ଦ୍ୱ : ଚର୍ଚ୍ଚା ବଢାଇଲା ରାହୁଲଙ୍କ ବୟାନ

ନୂଆଦିଲ୍ଲୀ, ୧୭/୪ : ଉତ୍ତରପ୍ରଦେଶ ଆମେଥି ଆସନରେ ପ୍ରାର୍ଥୀ ନେଇ କଂଗ୍ରେସରେ ତୁଟୁନି ଦ୍ୱନ୍ଦ୍ୱ । ଏହି ଆସନ ପାଇଁ ବିଜେପି ସ୍ମୃତି ଇରାନୀଙ୍କୁ ପୁଣି ଥରେ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ଏଯାଏଁ ପ୍ରାର୍ଥୀ ଘୋଷଣା କରିନାହିଁ । ଗତ ନିର୍ବାଚନରେ କଂଗ୍ରେସର ଏହି ଗଡ଼କୁ ଛଡ଼ାଇ ନେଇଥିଲା ବିଜେପି । ୨୦୦୪ ପରଠାରୁ ଏହି ଆସନରେ ଲଗାତାର ଭାବେ ଜିତି ଆସୁଥିବା ରାହୁଲ ଗାନ୍ଧୀଙ୍କୁ ପରାସ୍ତ କର କଂଗ୍ରେସ ବିଜୟରେ ବ୍ରେକ ଲଗାଇଥିଲେ ସ୍ମୃତି ଇରାନୀ । ତେବେ ଚଳିତ ନିର୍ବାଚନରେ ପୁଣି ଏହି ଆସନରେ ପୁଣି ରାହୁଲ ଓ ସ୍ମୃତିଙ୍କ ମଧ୍ୟରେ ଦେଖିବାକୁ ମିଳିପାରେ ଲଢ଼େଇ । ଏପ୍ରିଲ



୨୬ରେ ୱାୟନାଡରେ ଭୋଟିଂ ପରେ ରାହୁଲ ଏପ୍ରିଲ ୨୭ରେ ଆମେଥି ପାଇଁ ନାମାଙ୍କନ ପତ୍ର ଦାଖଲ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଏନେଇ ସାମ୍ବାଦିକ ସମ୍ମିଳନୀରେ ରାହୁଲ କହିଛନ୍ତି କିଏ ପ୍ରାର୍ଥୀ ହେବ ତାହା ଦଳର କେନ୍ଦ୍ରୀୟ ନିର୍ବାଚନ କମିଟିର ନିଷ୍ପତି । ସିଇସି ଏବଂ କଂଗ୍ରେସ ସଭାପତି ଯାହା ନିଷ୍ପତି ନେବେ ସେ ତାହାକୁ ପାଳନ କରିବେ । ରାହୁଲଙ୍କ ଏହି ବୟାନ ପରେ ଏବେ ଏନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି ।

ଗୁରୁବାର, ଏପ୍ରିଲ ୧୮, ୨୦୨୪

# ଧ୍ୱନି ପ୍ରତିଧ୍ୱନି



## ଶ୍ରୀ ରାମ ନବମୀ ଓ ହନୁମାନ ଜୟନ୍ତୀ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ରାଲି

ବାଲିଆପାଳ ୧୭/୪( ନି ପ୍ର ) ପବିତ୍ର ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ ପାଳନ ଅବସରରେ ବୁଧବାର ବାଲିଆପାଳର ବିଭିନ୍ନ ସଂଗଠନ ପକ୍ଷରୁ ରାଲି ବଜାର ପରିକ୍ରମା କରିଥିଲା। ପୂର୍ବାହ୍ନରେ କାଳୀପଦା ବଜାରରୁ ଏକ ରାଲି ବାହାରି ବାଲିଆପାଳରେ ପହଁଞ୍ଚି ଥିଲା। ବଜାର କମିଟି ପକ୍ଷରୁ ଏହାକୁ ଆୟୋଜନ କରାଯାଇ ଥିଲା। ବାଲିଆପାଳ ବଜରଙ୍ଗ ଦଳ, ଶ୍ରୀରାମ ଉତ୍ସବ କମିଟି, ଭାରତୀୟ ଜନତା ପାର୍ଟି ପକ୍ଷରୁ ପୃଥକ୍ ପୃଥକ୍ ଭବେ ରାଲି ନଗର ପରିକ୍ରମା କରିଥିଲା।ଏହି ସବୁ ରାଲି ବାଲିଆପାଳ ପୁରୁଣା ବସ୍ ଷ୍ଟାଣ୍ଡରୁ ବାହାରି ଜାମକୁଣ୍ଡା ଛକ୍, ପାରୁଲିଆ ଛକ, ବ୍ଲକ୍ ଛକ, ରାଜା ରାଣୀ ଛକ, ସିମୁଳିଆ ମାର୍କେଟ ଆଦି ପରିକ୍ରମା କରିଥିଲା। ଅରବିନ୍ଦ ବେହେରା, ଅଜୟ କୁମାର ସାହୁ,ଗୌରବ ଅଣ୍ଡିଆ, କ୍ଷିତିଶ ଜେନା, ଅଦ୍ୱୈତ କୁମାର ବାଗ, ଯୁବ ନେତା ରବୀନ୍ଦ୍ର ଅଣ୍ଡିଆ, ହେମନ୍ତ କୁମାର ଦାସ, ଲମ୍ବୋଧର ମହାନା, ଅଞ୍ଜନ କୁମାର ଗିରି, ଅଞ୍ଜନ କୁମାର ଦାସ ପ୍ରମୁଖ ରାଲିକୁ ପରିଚାଳନା କରିଥିଲେ। ହନୁମାନ ଜୟନ୍ତୀ ଅବସରରେ ଜାମକୁଣ୍ଡା ଛକ ବଜରଙ୍ଗ ବାଲି କମିଟି ପକ୍ଷରୁ ଏକ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ସୁବର୍ଣ୍ଣ



ରେଖା ନଦୀରୁ ମାଆ ମାନେ ପାଣି ଉଠାଇ ହନୁମାନ ମନ୍ଦିରରେ ପହଁଚି ଥିଲେ।

## ପବିତ୍ର ରାମନବମୀ ଉପଲକ୍ଷେ ଉତ୍ସବ ମୁଖର ନୀଳଗିରି

ନୀଳଗିରି , ୧୭/୪ (ନି.ପ୍ର): ପରମ ଆରାଧ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଚୈତ୍ର ଶୁକ୍ଳ ପକ୍ଷ ନବମୀ ତିଥିରେ ଧରାବତରଣ କରିଥିଲେ। ଏହି ଜନ୍ମତିଥିକୁ ହିନ୍ଦୁ ଧର୍ମାବଲମ୍ବୀ ମାନେ ରାମନବମୀ ଭାବରେ ପାଳନ କରିଥାନ୍ତି। ଏତତ୍ ବ୍ୟତୀତ ଏହିଦିନ ପ୍ରଭୁ ଶ୍ରୀରାମ ରାବଣକୁ ବଧ କରି ମାତା ସୀତାଙ୍କ ସହିତ ଅନୁଜ ଲକ୍ଷ୍ମଣଙ୍କୁ ନେଇ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ। ସମଗ୍ର ଅଯୋଧ୍ୟାବାସୀ ରାମଚନ୍ଦ୍ରଙ୍କୁ ବାଣ ଫୁଟାଇ ଭବ୍ୟ ସ୍ୱାଗତ କରିଥିଲେ। ତେଣୁ ଏହି ଦିନକୁ ମଧ୍ୟ ଦ୍ୱିତୀୟ ଦୀପାବଳୀ ବୋଲି କୁହାଯାଏ। ସମଗ୍ର ଭାରତ ବର୍ଷରେ ଏହି ଦିବସକୁ ମହା ଆଡମ୍ବରରେ ପାଳନ କରୁଥିବା ବେଳେ ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ମଧ୍ୟ ପାଳନ ହେଉଅଛି। ସକାଳେ ଶ୍ରଦ୍ଧାଳୁ ମାନେ ଭକ୍ତିପୂତ ଭାବେ ମନ୍ଦିର ମାନଙ୍କରେ ଲମ୍ବାଧାଡ଼ିରେ ଯାଇ ପ୍ରଭୁଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରୁଥିବା ଦେଖିବାକୁ ମିଳିଥିଲା। ପରେ ଅପରାହ୍ନରେ ନୀଳଗିରି ଶ୍ରୀରାମ ପରିବାର ପକ୍ଷରୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଶହଶହ ସଂଖ୍ୟାରେ ରାମଭକ୍ତ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ସ୍ଥାନୀୟ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରେ ସମବେତ ହୋଇଥିଲେ। ଅନୁରୂପ ଭାବେ ନୀଳଗିରି ହସ୍ପିଟାଲ୍ ରୋଡ ନିକଟରେ ହନୁମାନ ମନ୍ଦିର ସମ୍ମୁଖରେ ଏକ ମଣ୍ଡପ କରାଯାଇ ପ୍ରଭୁ ଶ୍ରୀରାମ, ମାତା ସୀତା, ଅନୁଜ ଲକ୍ଷ୍ମଣ ଓ ହନୁମାନଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇ ରୀତିନୀତି ଅନୁସାରେ ପୂଜାକାର୍ଯ୍ୟ ସମ୍ପାଦନ କରାଯାଇଛି। ଏହି ପୂଜା କାର୍ଯ୍ୟକ୍ରମରେ ମହାବୀର ପୂଜା କମିଟିର ବହୁ ସଦସ୍ୟ ଉପସ୍ଥିତ ରହି ସୂଚାରୁ ରୂପେ ପୂଜାକାର୍ଯ୍ୟ ସମାପନ କରାଯାଇଥିବା ଦେଖିବାକୁ ମିଳିଥିଲା।



## ବିଜୁ ବାବୁଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ଦାବି

ଭୁବନେଶ୍ୱର, ୧୭/୪ (ନି.ପ୍ର): ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ, ଜନନାୟକ ଓ ରାଷ୍ଟ୍ରନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ବିଜୁ ବାବୁଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ଦାବି କରିଥିଲେ । ଉତ୍କଳ ଗୌରବ ମଧୁବାବୁଙ୍କ ପରେ ପ୍ରବାଦ ପୁରୁଷ ବିଜୁବାବୁ ନବ ଉତ୍କଳର ନିର୍ମାଣ କରିବା ସହିତ ସେ ସାରା ବିଶ୍ୱରେ ଓଡିଶାକୁ ପରିଚିତ କରିଛନ୍ତି ବୋଲି ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର, ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ ଓ ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ପ୍ରବାଦ ପୁରୁଷଙ୍କର ଗୁଣଗାନ କରି କହିଥିଲେ । ମାଲ୍ୟାର୍ପଣ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ ଓ ଅକ୍ଷୟ କୁମାର ଜେଠୀ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ବାସନ୍ତୀ ତ୍ରିପାଠୀ, ସୁରଜିତ ପରିଡା, ଅନୁପମା ବେହେରା, ସୁଧା ପଟ୍ଟନାୟକ, ଶିବାନୀ ବେହେରା ଓ ଶ୍ରୀମୁଦ୍ରା ଗଡନାୟକ ପ୍ରମୁଖ ଯୋଗ ଦେଇ ପ୍ରତିମୂର୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ ।

## ବନମାଳୀ ସେନାପତିଙ୍କୁ କଥାଶିଳ୍ପୀ ସମ୍ମାନ

ଆଳି, ୧୭/୪ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ କଳା, ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ' ଆମ ସମ୍ପର୍କ' ପକ୍ଷରୁ ଗାଳ୍ପିକ ବନମାଳୀ ସେନାପତି ଙ୍କୁ କଥାଶିଳ୍ପୀ ସମ୍ମାନ ରେ ସମ୍ମାନିତ କରାଯାଇଛି। ପଟ୍ଟାମୁଣ୍ଡାଇ ପୌର ପରିଷଦ ପ୍ରେକ୍ଷାଳୟ ପରିସରରେ ଆୟୋଜିତ ଆମ ସମ୍ପର୍କ ର ବାର୍ଷିକ ଉତ୍ସବ ରେ ଅନୁଷ୍ଠାନ ର ସଭାପତି ଗାଳ୍ପିକ ଅତୁଲବଳ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ସମାଜସେବୀ ରିତୁପର୍ଣା ମହାନ୍ତି, ମୁଖ୍ୟ ବକ୍ତା ଭାବରେ ନାଟ୍ୟକାର ଅବସରପ୍ରାପ୍ତ ପ୍ରାଧ୍ୟାପକ ଚିନ୍ମୟ ଦାସ ଓ ସମ୍ମାନିତ ଅତିଥି ଭାବରେ କବି ସମାଜସେବୀ ଇ ନୀଳାଦ୍ରି ଭୂଷଣ ମହାପାତ୍ର, ଯୋଗଦେଇ ଅବକ୍ଷୟୀମୁଖି ସମାଜକୁ କେବଳ ସାହିତ୍ୟ ହିଁ ବଦଳେଇ ପାରିବବୋଲି କହିଥିଲେ। ଆଜି ର ସମାଜ ରେ ମିଛ, ବ୍ୟଭିଚାର ରେ ଏପରି ଭରିଯାଇଛି ଯେ ସାଧାରଣ ମଣିଷ ଟିଏ ଅସହାୟତା ଅନୁଭବ କରୁଛି। ଯେଉଁ ନାରୀ ମାନେ ସମସ୍ତ ଙ୍କ ନମସ୍ୟ ସେମାନଙ୍କର ସମାଜରେ ସମ୍ମାନ ନାହିଁ। ଦୁର୍ଗା, ପାର୍ବତୀ ରୁ ସେମାନଙ୍କ ସମ୍ମାନ କୁ ଅତି ନୀଚ କରି ପ୍ରଦର୍ଶିତ କରାଯାଉଛି ଯାହାକି ମାନବ ସମାଜ ପାଇଁ ଆଦ୍ୟୋ ଶୁଭଙ୍କର ନୁହେଁ। ତେଣୁ ସାହିତ୍ୟିକ ମାନେ ସେମାନଙ୍କ କଲମ ମୁନରେ ଏହି ଅବସ୍ଥାର ପରିବର୍ତ୍ତନ ପାଇଁ ଚେଷ୍ଟା କରିବା ଉଚିତ ବୋଲି କହିଥିଲେ। ଏହି ଅବସରରେ ଗାଳ୍ପିକ ବନମାଳୀ ସେନାପତି ଙ୍କୁ କଥାଶିଳ୍ପୀ ସମ୍ମାନ ରେଅତିଥି ମାନେ ସମ୍ମାନୀତ କରିଥିଲେ। ଶ୍ରୀ ସେନାପତି ଙ୍କୁ ମାନପତ୍ର ଉତ୍ତରୀୟ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ କବି ସନ୍ନିଭାମିଶ୍ର ଦାଶ, କବି ନାରାୟଣ ପ୍ରସାଦ ରାଉଳ,ସମବାୟବିତ୍ ବ୍ରଜବନ୍ଧୁ ଦାଶ,ମଚ ଅଭିନେତା ଉମାକାନ୍ତ ତ୍ରିପାଠୀ, ସଂଗୀତଗୁରୁ କୃପାସିନ୍ଧୁ ନାୟକ ପ୍ରମୁଖ ଙ୍କୁ ମାନପତ୍ର ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବାହ୍ନ ରେ ଆୟୋଜିତ ପ୍ରଥମ ଅଧିବେଶନ ରେ ଅତିଥି ଭାବରେ ଅଧ୍ୟାପିକା ପ୍ରତିଭା ମହାରଥୀ, ଧରଣୀଧର ରାଉତ, ଦେବବ୍ରତ ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ। ଅନୁଷ୍ଠାନ ର ସଂପାଦକ ଦେବ ପାତ୍ର ସଂପାଦକୀୟ ବିବରଣୀ ପାଠ କରିଥିଲେ । ପ୍ରଥମ ଅଧିବେଶନ ରେ କଥାକାର ପ୍ରଦୀପ ନାୟକ ଅଧକ୍ଷତା କରିଥିଲେ ଓ କବିତା ପାଠୋତ୍ସବ ରେ କବି ସଚିତ୍ର ବେହେରା ଓ ରଶ୍ମିତା ସେନାପତି ସଂଯୋଜନା କରିଥିଲେ।



## କବି ଶ୍ରୀଦେବଙ୍କୁ ରାଜ୍ୟସ୍ତରୀୟ 'ବିଷୁବ ସମ୍ମାନ-୨୦୨୪' ପାଇଁ ସମ୍ବର୍ଦ୍ଧିତ

ବାଲେଶ୍ୱର, ୧୭/୪ (ନି.ପ୍ର): ୧୯୫୮ ମସିହାରେ ପ୍ରତିଷ୍ଠିତ ଭଞ୍ଜମଣ୍ଡପସ୍ଥ 'ଆଦର୍ଶ ପାଠାଗାର' ଆନୁକୂଲ୍ୟରେ ଆୟୋଜିତ ଓଡ଼ିଆ ନୂଆବର୍ଷ ତଥା ବିଷୁବମିଳନ ପାଳନ ଅବସରରେ ଓଡ଼ିଶାର ସୁନାମଧନ୍ୟ କବି ଓ ସାହିତ୍ୟିକ ବାଲେଶ୍ୱରର କବି ଶ୍ରୀଦେବଙ୍କୁ ୨୩ତମ 'ବିଷୁବ ସମ୍ମାନ-୨୦୨୪'ରେ ସମ୍ବର୍ଦ୍ଧନା କରାଯାଇଛି। କବି ଶ୍ରୀଦେବଙ୍କ ଅର୍ଦ୍ଧଶତାବ୍ଦୀର ଅଧ୍ୟବସାୟରେ ଆମ ସମାଜର ଦୀନ, ଦରିଦ୍ର, ଅବହେଳିତ ଜନଗଣଙ୍କ ପାଇଁ ଅନ୍ତରଙ୍ଗ ଆହ୍ୱାନମୂଳକ କାବ୍ୟସ୍ୱର ତାଙ୍କୁ ଓ ତାଙ୍କ କବିତାକୁ ଚିରଞ୍ଜିବୀ କରି ରଖିବ ବୋଲି ସଭାପତି ଡ. ଚନ୍ଦ୍ରଶେଖର ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବିଷୁବ ମିଳନର ମୁଖ୍ୟଅତିଥି ବିଶିଷ୍ଟ ଲେଖକ-ସମାଜସେବୀ ପ୍ରାଧ୍ୟାପକ ଡ. ଲୋପାମୁଦ୍ରା ମହାନ୍ତି ନିଜ ବକ୍ତବ୍ୟ ରଖିଥିଲେ। ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ କବି ଶ୍ରୀଦେବ ତାଙ୍କ ବକ୍ତବ୍ୟରେ ଓଡ଼ିଶା ସର୍ବୋପରି ଭାରତୀୟ କାବ୍ୟଜଗତ ଯଥେଷ୍ଟ ସଂଭାବନାମୟ ଅନୁଭବ ହେଉଥିଲାବେଳେ ସାଂପ୍ରତିକ କାବ୍ୟସ୍ୱର ଚଳନ୍ତି ତଥାକଥିତ ଗଣତାନ୍ତ୍ରିକ ବିଧିବ୍ୟବସ୍ଥାକୁ ଦୋହଲି ପାରୁନଥିବାର ଅବସୋସ ପ୍ରକାଶ କରିଥିଲେ। ଉଲ୍ଲେଖନୀୟ ଯେ ରାଉରକେଲା ଭଞ୍ଜମଣ୍ଡପସ୍ଥ ପୁରାତନ 'ଆଦର୍ଶ ପାଠାଗାର' ତରଫରୁ ଗତ ୨୩ବର୍ଷ ଧରି ପାଳିତ ହୋଇଆସୁଥିବା ବିଷୁବ ମିଳନ ଅବକାଶରେ ଡ. ପ୍ରତିଭା ଶତପଥି (୨୦୦୨), ଡ. ଅପର୍ଣ୍ଣା ମହାନ୍ତି (୨୦୦୩), ଡ. ବ୍ରଜନାଥ ରଥ (୨୦୦୪), ରାଜେନ୍ଦ୍ର କିଶୋର ପଣ୍ଡା (୨୦୦୫), ଡ. ହରିହର ମିଶ୍ର (୨୦୦୬), ଡ. ଶ୍ରୀନିବାସ ଉଦଗାତା (୨୦୦୭), ଡ. ଗୋପାଳକୃଷ୍ଣ ରଥ (୨୦୦୮), ଉମାଶଙ୍କର ପଣ୍ଡା (୨୦୦୯), ମନୋରମା ମହାପାତ୍ର (୨୦୧୦), ଡ. ଗିରିବାଳା ମହାନ୍ତି (୨୦୧୧), ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ (୨୦୧୨), ସଦାଶିବ ଦାଶ (୨୦୧୩), ଶଶିଭୂଷଣ ବିଶ୍ୱାଳ (୨୦୧୪), ଡ. ମନୋରମା ବିଶ୍ୱାଳ ମହାପାତ୍ର (୨୦୧୫), ସୌଭାଗ୍ୟବନ୍ତ ମହାରଣା (୨୦୧୬), ଡ. ରଂଜିତା ନାୟକ (୨୦୧୭), ଡ. ଫନୀ ମହାନ୍ତି (୨୦୧୮), ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର (୨୦୧୯), ଅଶୋକ କୁମାର ପଣ୍ଡା (୨୦୨୨), ପିତାମ୍ବର ତରାଇ (୨୦୨୩ରେ) ସମ୍ବର୍ଦ୍ଧିତ ହୋଇଥିଲାବେଳେ କବି ଶ୍ରୀଦେବଙ୍କୁ 'ବିଷୁବ ସମ୍ମାନ-୨୦୨୪' ବର୍ଷ ପାଇଁ ସମ୍ବର୍ଦ୍ଧିତ କରାଯାଇଛି।



## ୨ଗ୍ରାମରୁ ୨ ହରିଣ ଉଦ୍ଧାର: ୧ଜୀବିତ,୧ମୃତ

ଖଇରା, ୧୭/୪ (ନି.ପ୍ର): ପ୍ରବଳ ଉତ୍ତାପରୁ ମୁକ୍ତିପାଇଁ ବନ୍ୟଜନ୍ତୁ ମାନେ ଏବେ ଗାଁ ଭିତରକୁ ପଶୁଥିବା ପରିଲକ୍ଷିତ ହୋଇଛି । ଏଭଳି ୨ଘଟଣା ବାଲେଶ୍ୱର ଜିଲା ସୋର ରେଞ୍ଜ ଖଇରା ବ୍ଲକର ୨ ଗ୍ରାମରେ ଦେଖିବାକୁ ମିଳିଛି । ପ୍ରଥମତଃ ଅଘାପଦା ଗ୍ରାମର ଗୟାଧର ସାହୁଙ୍କ ବାଡିକୁ ଏକ ହରିଣ ପଶିଆସିଥିବା ବୁଧବାର ସକାଳେ ଗ୍ରାମବାସୀ ଦେଖି ବନବିଭାଗକୁ ଖବର ଦେଇଥିଲେ । ବନଭିଭାଗ ଗ୍ରାମରେ ପହଞ୍ଚି ଜିବିତ ଅବସ୍ଥାରେ ଉଦ୍ଧାର କରି କୁଲଡିହା ଅଭୟାରଣ୍ୟରେ ଛାଡିଥିଲେ । ସେପଟେ ବଡନୁଆଗାଁ ଗ୍ରାମ ପଞ୍ଚାୟତ ସଇଁ ଗ୍ରାମକୁ ମଙ୍ଗଳବାର ରାତିରେ ପଶିଆସିଥିବା ହରିଣକୁ କୁକୁର ମାନେ ଗୋଡାଇ ଖଣ୍ଡିଆ ଖାବରା କରିଥିଲେ । ସକାଳେ ଗ୍ରାମବାସୀ ଏ ଅବସ୍ଥା ସମ୍ପକରେ ବନବିଭାଗକୁ ଜଣାଇବାରେ ପରେ ବନବିଭାଗ ମୃତହରିଣକୁ ବ୍ୟବଛେଦ ପରେ ପୋତିଦେଇଥିଲେ ।



## ଜାତୀୟ ସ୍ତରରେ ପୁରସ୍କୃତ ପ୍ରାକ୍ତନ କ୍ରୀଡା ଶିକ୍ଷକ ଯୁଧିଷ୍ଠିର ମହାନ୍ତଙ୍କ ପରଲୋକ

ବେତନଟୀ, ୧୭/୪ (ନି.ପ୍ର): ବେତନଟୀ ଥାନା ଅନ୍ତର୍ଗତ ସୁରେଇଡ଼ିହି ଗ୍ରାମ ନିବାସୀ ତଥା ନିଚୁଆପଦା ହାଇସ୍କୁଲର ପ୍ରାକ୍ତନ କ୍ରୀଡା ଶିକ୍ଷକ ଯୁଧିଷ୍ଠିର ମହାନ୍ତଙ୍କର ୭୩ବର୍ଷ ବୟସରେ ପରଲୋକ ହୋଇ ଯାଇଛି । ନିଚୁଆପଦା ଉଚ୍ଚବିଦ୍ୟାଳୟର ଜୁନିଅର ରେଡକ୍ରସର ପ୍ରଶିକ୍ଷିତ କାଉନସିଲର ଭାବରେ ସେ ଅନେକଥର ରାଜ୍ୟ ଏବଂ ଜାତୀୟ ସ୍ତରରେ ଅଂଶ ଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ସେ ଜଣେ କଳା ସଂସ୍କୃତି ପ୍ରେମୀ,ମିଷ୍ଟ ଭାଷୀ, ପର ଉପକାରୀ ବ୍ୟକ୍ତି ଥିଲେ । ଶିକ୍ଷାର ପ୍ରସାର ପାଇଁ ସେ ଶ୍ରୀ ରାମଚନ୍ଦ୍ର ମହାବିଦ୍ୟାଳୟ ରାମ୍ବାର ପ୍ରତିଷ୍ଠାତା ସଦସ୍ୟ ଭାବରେ ଅନେକ ସାହାଯ୍ୟ ସହଯୋଗ କରିଥିଲେ । ତାଙ୍କର ପିତାଙ୍କର ନାମ କେଦାର ନାଥ ମହାନ୍ତ ଏବଂ ମାତାଙ୍କର ନାମ ଶୁକ୍ରିୟା ମହାନ୍ତ । ତାଙ୍କର ମୃତ୍ୟୁ ଖବର ପାଇ ଏ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ମୃତ୍ୟୁ ଖବର ପାଇ ଅନେକ ବିଶିଷ୍ଟ ଲୋକମାନେ ଆସି ଶେଷ ଦର୍ଶନ କରିଥିଲେ । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଧର୍ମପତ୍ନୀ ଅବସର ପ୍ରାପ୍ତ କ୍ରୀଡା ଶିକ୍ଷୟିତ୍ରୀ ମଞ୍ଜରୀ ମହାନ୍ତ, ଦୁଇ ପୁତ୍ର ମୋନାଶିଷ ଏବଂ ଭବାଶିଷ ମହାନ୍ତଙ୍କ ସମେତ ଆତ୍ମୀୟ ସ୍ୱଜନ ମାନେ ଉପସ୍ଥିତ ଥିଲେ।



## ଜାତୀୟ ସ୍କୁଲ କ୍ରୀଡ଼ା ପାଇଁ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀରୁ ୨ ଖେଳାଳୀ ମନୋନୀତ



ବାରିପଦା , ୧୭/୪ (ନି.ପ୍ର): ଚଳିତ ମାସ ୨୩ ଓ ୨୪ ତାରିଖ ମହାରାଷ୍ଟ୍ର ପୁନେର ବେଲୱାଡି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ୧୯ ବର୍ଷରୁ କମ୍ ୬୭ ତମ ଜାତୀୟ ସ୍କୁଲ୍ କ୍ରୀଡ଼ାରେ ଭାଗ ନେବାପାଇଁ ମୟୂରଭଞ୍ଜ ଜିଲ୍ଲାରୁ ୩ଜଣ ସ୍ଥାନ ପାଇଥିବା ବେଳେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ, ମୟୂରଭଞ୍ଜର ଦୁଇ ଜଣ ଖେଳାଳୀ ହିଷୀ ଟୁଡୁ ଓ ଅମିଶାରାଣୀ ମାଝୀ ଓଡିଶା ଦଳରେ ସ୍ଥାନ ପାଇଛନ୍ତି । ଦୁଇ ଜଣ ଏବେ ବାରିପଦା-୨ ମହାବିଦ୍ୟାଳୟରେ ଯୁକ୍ତ ଦୁଇ କଳା ବିଭାଗରେ ଅଧ୍ୟୟନରତ । ପୂର୍ବରୁ ମଧ୍ୟ ହିଷି ଓ ଅମିଶା ୧୪ ବର୍ଷରୁ କମ୍ ଓଡ଼ିଶା ରଗବୀ ଦଳକୁ ପ୍ରତିଧ୍ୱନିତ କରିଥିଲେ। ତାଙ୍କର ଏହି ସଫଳତା ପାଇଁ ମୟୁରଭଞ୍ଜ ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀର ନିର୍ଦ୍ଦେଶକ ଅମର ସେଠୀ, ଉପଦେଷ୍ଟା ସୋମନାଥ ସିଂ, ମଙ୍ଗଳ ହାଁସଦା, ରୂପାଲି ସୋରେନ, ବାରିପଦା ଶାଖା ପରିଚାଳକ ରଞ୍ଜିତ ରାଉତ, ପ୍ରଶିକ୍ଷକ ଚନ୍ଦନ ସିଂ, ତରଣିସେନ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

## ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ରାଲି



ବାଲିଆପାଳ , ୧୭/୪ (ନି.ପ୍ର): ପବିତ୍ର ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ ପାଳନ ଅବସରରେ ବୁଧବାର ବାଲିଆପାଳର ବିଭିନ୍ନ ସଂଗଠନ ପକ୍ଷରୁ ରାଲି ବଜାର ପରିକ୍ରମା କରିଥିଲା। ପୂର୍ବାହ୍ନରେ କାଳୀପଦା ବଜାରରୁ ଏକ ରାଲି ବାହାରି ବାଲିଆପାଳରେ ପହଁଞ୍ଚି ଥିଲା। ବଜାର କମିଟି ପକ୍ଷରୁ ଏହାକୁ ଆୟୋଜନ କରାଯାଇ ଥିଲା। ବାଲିଆପାଳ ବଜରଙ୍ଗ ଦଳ, ଶ୍ରୀରାମ ଉତ୍ସବ କମିଟି, ଭାରତୀୟ ଜନତା ପାର୍ଟି ପକ୍ଷରୁ ପୃଥକ୍ ପୃଥକ୍ ଭବେ ରାଲି ନଗର ପରିକ୍ରମା କରିଥିଲା।ଏହି ସବୁ ରାଲି ବାଲିଆପାଳ ପୁରୁଣା ବସ୍ ଷ୍ଟାଣ୍ଡରୁ ବାହାରି ଜାମକୁଣ୍ଡା ଛକ୍, ପାରୁଲିଆ ଛକ, ବ୍ଲକ୍ ଛକ, ରାଜା ରାଣୀ ଛକ, ସିମୁଳିଆ ମାର୍କେଟ ଆଦି ପରିକ୍ରମା କରିଥିଲା। ଅରବିନ୍ଦ ବେହେରା, ଅଜୟ କୁମାର ସାହୁ,ଗୌରବ ଅଣ୍ଡିଆ, କ୍ଷିତିଶ ଜେନା, ଅଦ୍ୱୈତ କୁମାର ବାଗ, ଯୁବ ନେତା ରବୀନ୍ଦ୍ର ଅଣ୍ଡିଆ, ହେମନ୍ତ କୁମାର ଦାସ, ଲମ୍ବୋଧର ମହାନା, ଅଞ୍ଜନ କୁମାର ଗିରି, ଅଞ୍ଜନ କୁମାର ଦାସ ପ୍ରମୁଖ ରାଲିକୁ ପରିଚାଳନା କରିଥିଲେ। ହନୁମାନ ଜୟନ୍ତୀ ଅବସରରେ ଜାମକୁଣ୍ଡା ଛକ ବଜରଙ୍ଗ ବାଲି କମିଟି ପକ୍ଷରୁ ଏକ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ସୁବର୍ଣ୍ଣ ରେଖା ନଦୀରୁ ମାଆ ମାନେ ପାଣି ଉଠାଇ ହନୁମାନ ମନ୍ଦିରରେ ପହଁଚି ଥିଲେ।

## ସୁବର୍ଣ୍ଣରେଖା ସେବା ସଂଘ ପକ୍ଷରୁ ଅସବାପତ୍ର ବଣ୍ଟନ

ବାଲିଆପାଳ , ୧୭/୪ (ନି.ପ୍ର): ବାଲିଆପାଳ ସୁବର୍ଣ୍ଣରେଖା ସେବା ସଂଘ ପକ୍ଷରୁ ମଙ୍ଗବାର ଡଗରା ମଦର ଟେରେସା ଅନ୍ଧ ମୂକ ବଧିର ଆବାସିକ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କୁ ଫ୍ୟାନ , ଶୁଖିଲା ଖାଦ୍ୟ , ଥଣ୍ଡା ପାଣି ଓ ଅନ୍ୟାନ୍ୟ ଆସବାପତ୍ର ବଣ୍ଟନ କରାଯାଇଛି। ସେବା ସଂଘ ଏଥି ପାଇଁ ପୂର୍ବରୁ ଯୋଜନା ପ୍ରସ୍ତୁତ କରିଥିଲା। ସଂଘର ସ୍ୱେଚ୍ଛା ସେବୀମାନେ ଏକ ଟିମ୍ରେ ପହଞ୍ଚି ଭିନ୍ନ କ୍ଷମ ପିଲାମାନଙ୍କୁ ଶୁଖିଲା ଖାଦ୍ୟ ଓ ଥଣ୍ଡା ପାଣି ପ୍ରଦାନ କରିଥିଲେ। ଶ୍ରେଣୀ କୋଠରୀ ଓ ହଷ୍ଟେଲରେ କେତୋଟି ଫ୍ୟାନ ମଧ୍ୟ ସ୍ୱେଚ୍ଛା ସେବୀମାନେ ଲଗାଇଛନ୍ତି। ସେବା ସଂଘର ସଭାପତି ଉମେଶ କୁମାର ପାତ୍ର,ଉପ ସଭାପତି ନଗେନ୍ଦ୍ର କୁମାର ପ୍ରଧାନ, ସଂପାଦକ ମନୋ ରଞ୍ଜନ ଗିରି, ସହ ସଂପାଦକ ସନ୍ତୋଷ କୁମାର ଜେନା, ଉପଦେଷ୍ଟା କନକ ଲତା ଗିରି ପ୍ରମୁଖ ସାମଗ୍ରୀ ଗୁଡ଼ିକୁ ବଣ୍ଟନ କରିଥଲେ। ଆଗାମୀ ଦିନରେ ଅଧିକ ସହାୟତା ଏହି ଆବାସିକ ବିଦ୍ୟାଳୟକୁ ସେବା ସଂଘ ପକ୍ଷରୁ ଯୋଗାଇ ଦିଆ ଯିବ ବୋଲି କର୍ମ କର୍ତ୍ତା ମାନେ ପ୍ରକାଶ କରିଛନ୍ତି।

## ପବିତ୍ର ରାମନବମୀର ଶୁଭେଚ୍ଛା ଜଣାଇଲେ ପିଏମ ମୋଦି

ନୂଆଦିଲ୍ଲୀ, ୧୭/୪ (ନି.ପ୍ର): ପବିତ୍ର ରାମନବମୀର ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସୋସିଆଲ ହ୍ୟାଣ୍ଡେଲ ଏକ୍ସରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ରାମ ଭାରତର ଆସ୍ଥା ଅଟନ୍ତି, ରାମ ଭାରତର ଆଧାର ଅଟନ୍ତି । ମୋର ପୂର୍ଣ୍ଣ ବିଶ୍ୱାସ ଯେ, ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କ ଜୀବନ ଓ ତାଙ୍କ ଆଦର୍ଶ ବିକଶିତ ଭାରତର ନିର୍ମାଣର ସଶକ୍ତ ଆଧାର ହେବ । ତାଙ୍କ ଆଶୀର୍ବାଦ ଆତ୍ମନିର୍ଭର ଭାରତର ସଂକଳ୍ପକୁ ନୂଆ ଉର୍ଜା ପ୍ରଦାନ କରିବ । ପ୍ରଭୁ ଶ୍ରୀରାମଙ୍କ ଚରଣରେ କୋଟି-କୋଟି ପ୍ରଣାମ ଓ ବନ୍ଦନା । ପ୍ରଭୁ ଶ୍ରୀରାମ ଭାରତୀୟ ଜନମାନସର ଲୋମରେ ରହିଛନ୍ତି ଏବଂ ସେମାନଙ୍କ ହୃଦୟରେ ସମାହିତ । ଭବ୍ୟ ମନ୍ଦିରର ପ୍ରଥମ ରାମ ନବମୀର ଏହି ଅବସରରେ ମଧ୍ୟ ରାମ ମନ୍ଦିର ନିର୍ମାଣ ପାଇଁ ସମଗ୍ର ଜୀବନ ଉତ୍ସର୍ଗ କରିଥିବା ଅସଂଖ୍ୟ ରାମ ଭକ୍ତ ତଥା ସାଧୁ-ମହାତ୍ମାଙ୍କୁ ମନେ ରଖିବା ଏବଂ ଶ୍ରଦ୍ଧାଞ୍ଜଳି ଦେବା ।

## ଭୁବନେଶ୍ୱର ବିମାନବନ୍ଦରରୁ ଏକ କେଜି ସୁନା ଜବତ

ଭୁବନେଶ୍ୱର, ୧୭/୪ (ନି.ପ୍ର): ଭୁବନେଶ୍ୱର ବିମାନବନ୍ଦରରୁ ଏକ କେଜି ସୁନା ଜବତ ହୋଇଛି। ବିମାନବନ୍ଦରରେ କାର୍ଯ୍ୟରତ କର୍ମଚାରୀ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଠାରୁ ଏହି ସୁନା ଜବତ କରିଛନ୍ତି। ବ୍ୟାଙ୍କକରୁ ଭୁବନେଶ୍ୱର ଆସି ଅବତରଣ କରିବା ପରେ ଜଣେ ଅଣଓଡ଼ିଆ ଯାତ୍ରୀଙ୍କ ଠାରୁ ଏହି ସୁନା ଜବତ କରିଛି କଷ୍ଟମ ବିଭାଗ।ବ୍ୟକ୍ତି ଜଣଙ୍କ ଏକ କେଜି ସୁନାକୁ ଗୋଲି ଆକାରରେ ନିଜ ମଳଦ୍ୱାରରେ ଲୁଚାଇ ଆଣୁଥିଲେ। ଗୁଇନ୍ଦା ବିଭାଗ ଖବର ଅନୁସାରେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ କଷ୍ଟମ ଅଧିକାରୀ ଚେକିଂ କରିବା ସହ ଶୌଚାଳୟ ନେଇ ସେଠାରେ ଶୌଚ କରାଇବା ପରେ ସେଥିରୁ କେଜିଏ ସୁନା ବାହାରିଥିଲା। ସୁନାକୁ ଜବତ କରାଯିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo